ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୦/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, August 20/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୨୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 265 | ମୂଲ୍ୟ ₹୭/-





Celebrating
60
Years of
Anokha Swad
DIAMOND JUBILEE
KP GROUP
KAMLA PASAND
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

DHARITRI

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୨୦/୨୦୨୫ | Bhubaneswar, Wednesday, August 20/2025 | ପୃଷ୍ଠା-୧



**ଗିଲ୍ ଉପ-ଅଧିନାୟକ**

ଏସିଆ କପ୍ ଲାଗି ଭାରତୀୟ କ୍ରିକେଟ ଦଳର ଉପ-ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି ଶୁବମନ ଗିଲ୍।

୧୨

୦୮

**‘ଥାମା’ରେ ଆୟୁଷ୍ମାନ-ରଶ୍ମିକା ରୋମାନ୍ସ**

ଅଭିନେତା ଆୟୁଷ୍ମାନ ଖୁରାନା ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ‘ଥାମା’ ଫିଲ୍ମର ଟିଜରକୁ ମଙ୍ଗଳବାର ଜାରି କରାଯାଇଛି।



# ଭୁବନେଶ୍ୱର ବାଇପାସ୍‌କୁ କେନ୍ଦ୍ରର ମଞ୍ଜୁରୀ

## ରାମେଶ୍ୱରରୁ ଟାଙ୍ଗୀ ୧୧୧ କି.ମି.ର ୬ ଲେନ୍ ରାସ୍ତା ପାଇଁ ୮,୩୦୮ କୋଟି

**ଖୋର୍ଦ୍ଧା ଜିଲା ରାମେଶ୍ୱରଠାରୁ କଟକ ଟାଙ୍ଗୀ ପର୍ଯ୍ୟନ୍ତ ପ୍ରସ୍ତାବିତ ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ପ୍ରକଳ୍ପକୁ ମଙ୍ଗଳବାର କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ନିର୍ମାଣ ହେବାକୁ ଥିବା ପ୍ରାୟ ୧୧୧ କି.ମି.ର ଏହି ରାସ୍ତା ପାଇଁ ୮,୩୦୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ପ୍ରକଳ୍ପ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ସହରରୁ ପୂର୍ବାଞ୍ଚଳର ଅନ୍ୟ ରାଜ୍ୟଗୁଡ଼ିକୁ ଭାରି ବାଣିଜ୍ୟିକ ଯାନ ଯାତାୟାତର ଦୂରତା ହ୍ରାସ କରିବ। ଏଥିସହ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।**

ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୮ (ପି.ଟି./ରବିନାରାୟଣ ଜେନା)




ଭୁବନେଶ୍ୱର ବାଇପାସ୍‌ର ପ୍ରସ୍ତାବିତ କରିଡର୍ ମାନଚିତ୍ର।

ଓଡ଼ିଶାରେ ୬ ଲେନ୍‌ବିଶିଷ୍ଟ ପ୍ରବେଶ-ନିୟନ୍ତ୍ରିତ ରାଜଧାନୀ ଅଞ୍ଚଳ ରିଂ ରୋଡ୍ (ଭୁବନେଶ୍ୱର ବାଇପାସ୍) ନିର୍ମାଣ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ହାଇବ୍ରିଡ୍ ଆନୁଇଟି ମୋଡ୍ (ଏଚ୍ଏଏମ୍)ରେ ନିର୍ମାଣ ହେବାକୁଥିବା ଏହି ୧୧୦.୦୮୭୫ କି.ମି. ବାଇପାସ୍ ପ୍ରକଳ୍ପ ପାଇଁ ୮,୩୦୭.୭୪ କୋଟି ଟଙ୍କା ବ୍ୟୟ ହେବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ସୂଚନା ଦେଇଛନ୍ତି। ମନ୍ତ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଏହି ବାଇପାସ୍ ନିର୍ମାଣ ହେଲେ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧାରୁ ଓଜନ୍‌ଦାର ବ୍ୟବସାୟିକ ଯାନଗୁଡ଼ିକୁ ଉକ୍ତ ରୋଡ୍‌ରେ ଛଡ଼ାଯିବା ଦ୍ୱାରା ଗାଡ଼ିମୋଟର ଭିଡ଼ ଯଥେଷ୍ଟ ପରିମାଣରେ ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏଥିସହିତ ମାଲ୍ ପରିବହନ କ୍ଷମତା ବଢ଼ିବ ଏବଂ ଲଜିଷ୍ଟିକ୍ ଖର୍ଚ୍ଚ କମ୍ ହେବ। ପ୍ରସ୍ତାବିତ ପ୍ରକଳ୍ପ ସହ ୩ଟି ପ୍ରମୁଖ ଜାତୀୟ ରାଜପଥ (ଏନ୍ଏଚ୍-୫୫, ୫୭ ଏବଂ ୬୫୫) ଓ ଗୋଟିଏ ରାଜ୍ୟ ରାଜପଥ (ଏସ୍ଏଚ୍-୬୫) ସଂଯୋଗ ହେବ। ଫଳରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ, ସାମାଜିକ ଓ ଲଜିଷ୍ଟିକ୍ ହବ୍‌କୁ ଏହା ଅବାଧ ସଂଯୋଗ ସୁନିଶ୍ଚିତ କରିବ।

ସମ୍ପ୍ରତି ରାମେଶ୍ୱରରୁ ଟାଙ୍ଗୀ ଜାତୀୟ ରାଜପଥରେ ଅତ୍ୟଧିକ ଟ୍ରାଫିକ୍ ଭିଡ଼ ହେଉଛି। ଏହି ସମସ୍ୟାର ସମାଧାନ ଲାଗି ୬ ଲେନ୍‌ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ନିର୍ମାଣ ପ୍ରସ୍ତାବ ରଖାଯାଇଥିଲା। ଏହି ଉନ୍ନତ କରିଡର ଏକ ବୃହତ୍ ରେଳଷ୍ଟେଶନ, ବିମାନବନ୍ଦର, ପ୍ରସ୍ତାବିତ ମଲ୍ଟିମୋଡାଲ ଲଜିଷ୍ଟିକ୍ ପାର୍କ (ଏମ୍ଏମ୍ଏଲ୍‌ପି) ଏବଂ ୨ଟି ବୃହତ୍ ବନ୍ଦରକୁ ସଂଯୋଗ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହାସହିତ ଉନ୍ନତ କରିଡର ୧୦ଟି ଅର୍ଥନୈତିକ ନୋଡ୍, ୪ଟି ସାମାଜିକ ନୋଡ୍ ଏବଂ ୫ଟି ଲଜିଷ୍ଟିକ୍ ନୋଡ୍‌କୁ ସଂଯୋଗ କରି ମଲ୍ଟି-ମୋଡାଲ୍ ସମନ୍ୱୟକୁ ବୃଦ୍ଧି କରିବ। ଫଳରେ ଉକ୍ତ ଅଞ୍ଚଳରେ ଦ୍ରବ୍ୟ ଓ ଯାତ୍ରୀ ପରିବହନ ତ୍ୱରାନ୍ୱିତ ହୋଇପାରିବ। ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ଆଞ୍ଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବା ସହ ପ୍ରମୁଖ ଅଞ୍ଚଳ, ଅର୍ଥନୈତିକ କେନ୍ଦ୍ର ମଧ୍ୟ ସଂଯୋଗକୁ ସୁଦୃଢ଼ କରିବ। ଏହି ପ୍ରକଳ୍ପ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହରରୁ ଭାରି ବାଣିଜ୍ୟିକ ଯାତାୟାତକୁ ଦୂରେଇ ନେଇ ଓଡ଼ିଶା ଏବଂ ଅନ୍ୟାନ୍ୟ ପୂର୍ବ ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିବ। ଏଥିସହିତ ବାଣିଜ୍ୟ ଓ ଶିଳ୍ପ ବିକାଶ ପାଇଁ ନୂଆ ମାର୍ଗ ଖୋଲିବ। ଏହି ପ୍ରକଳ୍ପ ଶେଷହେଲେ ଦିନକୁ ପ୍ରାୟ ୭୪.୪୩ ଲକ୍ଷ ପ୍ରତ୍ୟକ୍ଷ ଏବଂ ୯୩.୦୪ ଲକ୍ଷ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ଏବଂ ଆଖପାଖ ଅଞ୍ଚଳରେ ଅଭିବୃଦ୍ଧି, ବିକାଶ ଏବଂ ସମୃଦ୍ଧିର ନୂତନ ରାସ୍ତା ଖୋଲିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

ଭୁବନେଶ୍ୱର ବାଇପାସ୍ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଥିବାରୁ କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ଏହା ଏକ ଐତିହାସିକ ଭିତ୍ତିଭୂମି ଉପକ୍ରମ, ଯାହା ବୃହତ୍ ସହରାଞ୍ଚଳ କେନ୍ଦ୍ରଗୁଡ଼ିକୁ ଗହଳିମୁକ୍ତ କରିବା ସହ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୬ ଲେନ୍‌ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ନିର୍ମାଣକୁ ମଞ୍ଜୁରୀ ପ୍ରଦାନ କରାଯାଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସୁଦର୍ଶନ ରେଡ୍ଡୀ ଇଣ୍ଡିଆ ବ୍ଲକ୍‌ର ଉପରାଷ୍ଟ୍ରପତି ପ୍ରାର୍ଥୀ



ବି. ସୁଦର୍ଶନ ରେଡ୍ଡୀ

ନୂଆଦିଲ୍ଲୀ,୧୯।୮(ପି.ଟି.)

ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ମହାରାଷ୍ଟ୍ର ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ସି.ପି. ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରିବାର ୨ ଦିନ ପରେ ବିରୋଧୀ ଇଣ୍ଡିଆ ବ୍ଲକ୍ ପକ୍ଷରୁ ସୁପ୍ରିମକୋର୍ଟରେ ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ଏହା ଘୋଷଣା କରିଛନ୍ତି। ସେ ୨୧ ତାରିଖରେ ନାମାଙ୍କନପତ୍ର ଦାଖଲ କରିବେ। ଏହା ପୂର୍ବରୁ ମିଳିତ ବିରୋଧୀ ଦଳ ବୁଧବାର ଅପରାହ୍ଣରେ ସମ୍ବିଧାନ ସଦନର ସେଣ୍ଟ୍ରାଲ୍ ହଲ୍‌ରେ ଏକ ବୈଠକରେ ଯୋଗଦେବେ ବୋଲି ଜଣାପଡ଼ିଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ରେଡ୍ଡୀ ଗୋଆର ପ୍ରଥମ ଲୋକାୟୁକ୍ତ ହେବା ସହ ହାଇଦ୍ରାବାଦସ୍ଥିତ ଇଣ୍ଟରନ୍ୟାଶନାଲ ଆର୍ବିଟ୍ରେଶନ ଆଣ୍ଡ ମିଡିଏଶନ ସେଣ୍ଟରର ଟ୍ରଷ୍ଟି ବୋର୍ଡରେ ରହିଥିଲେ। ବିରୋଧୀ ଦଳଗୁଡ଼ିକ ମିଳିତ ପ୍ରାର୍ଥୀ ଦେବା ପାଇଁ ପୂର୍ବରୁ ସର୍ବସମ୍ମତ ନିଷ୍ପତ୍ତି ନେଇଥିଲେ। ଜଷ୍ଟିସ୍ ସୁଦର୍ଶନଙ୍କୁ ପ୍ରାର୍ଥୀ କରିବା ପାଇଁ ସମସ୍ତ ବିରୋଧୀ ଦଳ ସହମତ ହୋଇଥିବାରୁ ଏହା ଗଣତନ୍ତ୍ର ପାଇଁ ଏକ ବଡ଼ ସଫଳତା ବୋଲି ଖାର୍ଗେ କହିଛନ୍ତି। ଯେତେବେଳେ ଗଣତନ୍ତ୍ର ଓ ସମ୍ବିଧାନ ଆକ୍ରମଣର ସମ୍ମୁଖୀନ ହୁଏ, ସେତେବେଳେ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ଏହା ବିରୋଧରେ ଲଢ଼ିଥାନ୍ତି। ଉପରାଷ୍ଟ୍ରପତି ନିର୍ବାଚନରେ ଆମେ ଜଣେ ଭଲ ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ନେଇଥିଲୁ। ଜଷ୍ଟିସ୍ ରେଡ୍ଡୀ ଭାରତର ଅନ୍ୟତମ ସବୁଠୁ ପ୍ରତିଷ୍ଠିତ ଓ ପ୍ରଗତିଶୀଳ ନ୍ୟାୟବିତ୍ ବୋଲି କଂଗ୍ରେସ ନେତା କହିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୨୧ରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ଦିନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ଲିଭିଂ ଲାବ୍

# ଏସ୍‌ଆଇଆର୍: ବିକଳ୍ପ ହେବ ବିଏଲ୍‌ଓ ରିପୋର୍ଟ

ଭୁବନେଶ୍ୱର,୧୯।୮(ରବିନାରାୟଣ ଜେନା)

ଓଡ଼ିଶାରେ ଆସନ୍ତା ସେପ୍ଟେମ୍ବରରୁ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ବେଳେ ଏଥିରୁ ଯେମିତି ଜଣେ ହେଲେ ଯୋଗ୍ୟ ନାଗରିକ ବାଦ୍ ନ ପଡ଼ିବେ ତାକୁ ଗୁରୁତ୍ୱ ଦିଆଯିବ। ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ୧୧ଟି ପରିଚୟ ପତ୍ରରୁ ଯେକୌଣସି ଗୋଟିଏ କିମ୍ବା ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ଙ୍କ ସୁପାରିସ ଏବଂ ଇଲେକ୍ସନ ରିଟର୍ନିଂ ଅଫିସର(ଇଆର୍‌ଓ) ସବ୍ କଲେକ୍ଟରଙ୍କ ରିପୋର୍ଟକୁ ଭୋଟର ସଂଶୋଧନ ବେଳେ ଗ୍ରହଣ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ସନ୍ତ ଗୋପାଳନ ସ୍ପଷ୍ଟ କରିଛନ୍ତି।

ଆଗାମୀ ଦିନରେ ଏସ୍‌ଆଇଆର୍ ପାଇଁ ଓଡ଼ିଶା କିଭଳି ପ୍ରସ୍ତୁତ ରହିଛି ସେ ସମ୍ପର୍କରେ ସିଇଓ ଗୋପାଳନ କହିଛନ୍ତି, ନିର୍ବାଚନ ପ୍ରକ୍ରିୟା ସବୁବେଳେ ଜାରି ରହିଛି। କେତେବେଳେ ନୂତନ ଭୋଟର ସାମିଲ ହେଉଛନ୍ତି ତ ଆଉ କେତେବେଳେ ବିଭିନ୍ନ କାରଣ(ଯଥା ମୃତ୍ୟୁ କିମ୍ବା ଅନ୍ୟତ୍ର ଭୋଟର ତାଲିକାରେ ନାଁ ଥିଲେ)ରୁ ତାଲିକାରୁ ବାଦ୍ ପଡୁଛନ୍ତି। ପ୍ରତି ତିନିମାସରେ ଏହାର ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ଓଡ଼ିଶାରେ ଦୀର୍ଘ ୨୪ବର୍ଷ ପରେ ହେବାକୁ ଯାଉଥିବା ଏସ୍‌ଆଇଆର୍ ଲାଗି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏଯାବତ୍ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି ହୋଇନାହିଁ। ତେବେ ଆୟୋଗଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ୧୧ ପରିଚୟପତ୍ର ସହିତ ସିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଉ ୨ଟି ପ୍ରମାଣପତ୍ରକୁ ପରିଚୟପତ୍ର ତାଲିକାରେ ସଂଯୁକ୍ତ କରିବାକୁ ପ୍ରସ୍ତାବ ରହିଛି। ଏନେଇ ଜିଲାସ୍ତର ଅଧିକାରୀଙ୍କଠାରୁ ପ୍ରସ୍ତାବ ଲୋଡ଼ାଯାଇଛି। ସେଥିମଧ୍ୟରେ ସାମାଜିକ ଅର୍ଥନୈତିକ ପଛୁଆ ବର୍ଗ(ଏସ୍‌ଇବିସି) ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଭୂମିହୀନଙ୍କୁ ପ୍ରଦତ୍ତ ଲିଜ୍ ପଟ୍ଟାକୁ ସାମିଲ କରାଯିବାକୁ ପ୍ରାଥମିକ ପର୍ଯ୍ୟାୟରେ ରହିଛି। ଏହି ପ୍ରସ୍ତାବକୁ ସିଇଓ କାର୍ଯ୍ୟାଳୟ ଅନୁଧ୍ୟାନ କରୁଛି। ଏହାବାଦ୍ ଜଣେ ଯୋଗ୍ୟ ନାଗରିକ କିଭଳି ବାଦ୍ ନ ପଡ଼ିବ(ଯାହାଙ୍କ ପାଖରେ ଘରଦ୍ୱାର କିମ୍ବା ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ୧୧ଟି ପ୍ରମାଣପତ୍ରରୁ କିଛି ନଥିବ) ସେକ୍ଷେତ୍ରରେ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ଙ୍କୁ ନିର୍ବାଚନ ଆଇନରେ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି। ବିଏଲ୍‌ଓମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ରହିବା ସ୍ଥାନ ପରିଦର୍ଶନ କରି ଇଆର୍‌ଓଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ। ଇଆର୍‌ଓ ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କରି ସ୍ୱୀକୃତି ଦେଲେ ସମ୍ପୃକ୍ତ ବ୍ୟକ୍ତି ଭୋଟରତାଲିକାରେ ଯୋଡ଼ି ହୋଇପାରିବେ। ଏଥିପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଉ ଅନ୍ୟ କୌଣସି ଦସ୍ତାବିଜ୍ ପାଇଁ ହଇରାଣ ହରକତ ହେବାକୁ ପଡ଼ିବ ନାହିଁ। ତେବେ ଆବଶ୍ୟକସ୍ଥଳେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ୧୧ଟି ପରିଚୟପତ୍ର ମଧ୍ୟରୁ କେତେକ ପରିଚୟପତ୍ରକୁ ବାଦ୍ ଦେବାପାଇଁ ପ୍ରସ୍ତାବ ଦିଆଯାଇପାରେ। ତେବେ ଏସ୍‌ଆଇଆର୍ ବେଳେ ବାଂଲାଦେଶ କିମ୍ବା ଅନ୍ୟ ଦେଶରୁ ଆସି ଓଡ଼ିଶାରେ ବସବାସ କରୁଥିବା ଲୋକ କିମ୍ବା ରୋହିଙ୍ଗ୍ୟା ତଥା ☞ପୃଷ୍ଠା-୨

# ମନିକା ବିଶ୍ୱକର୍ମା ମିସ୍ ୟୁନିଭର୍ସ ଇଣ୍ଡିଆ




ଜୟପୁର, ୧୯।୮

ରାଜସ୍ଥାନର ମନିକା ବିଶ୍ୱକର୍ମା (୨୨) ‘ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫’ର ଟାଇଟଲ ହାସଲ କରିଛନ୍ତି। ସୋମବାର ରାତିରେ ଜୟପୁରରେ ଚାଲିଥିବା ଗ୍ରାଣ୍ଡ ଫିନାଲେ କାର୍ଯ୍ୟକ୍ରମରେ ୪୭ ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ମନିକା ବିଜେତା ଘୋଷିତ ହୋଇଛନ୍ତି। ଗତବର୍ଷର ଟାଇଟଲ ବିଜେତା ରିୟା ସିଂଘା ମନିକାଙ୍କୁ ମିସ୍ ୟୁନିଭର୍ସ ଇଣ୍ଡିଆ ମୁକୁଟ ପିନ୍ଧାଇଛନ୍ତି। ଆସନ୍ତା ନଭେମ୍ବର ୨୧ରେ ଥାଇଲାଣ୍ଡର ନନ୍ଥାମ୍ବୁରିରେ ଅନୁଷ୍ଠିତ ହେବାକୁଥିବା ୭୪ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ମନିକା ଭାରତର ପ୍ରତିନିଧିତ୍ୱ କରିବେ। ‘ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫’ରେ ଉତ୍ତରପ୍ରଦେଶର ତାନ୍ୟା ଶର୍ମା ପ୍ରଥମ ରନରଅପ୍ ହୋଇଥିବାବେଳେ ହରିୟାଣାର ମେହକ୍ ଢିଙ୍ଗ୍ରା ଦ୍ୱିତୀୟ ରନରଅପ୍ ହୋଇଛନ୍ତି।

ମନିକା ରାଜସ୍ଥାନର ଶ୍ରୀ ଗଙ୍ଗାନଗର ନିବାସୀ ହୋଇଥିବାବେଳେ ସମ୍ପ୍ରତି ସେ ଦିଲ୍ଲୀରେ ରହି ମଡେଲିଂ କରିବା ସହ ରାଜନୀତି ବିଜ୍ଞାନ ଏବଂ ଅର୍ଥନୀତିରେ ଉଚ୍ଚଶିକ୍ଷା ଅଧ୍ୟୟନ କରୁଛନ୍ତି। ସେ ଗତବର୍ଷ ମିସ୍ ୟୁନିଭର୍ସ ରାଜସ୍ଥାନ ପ୍ରତିଯୋଗିତାର ବିଜେତା ହୋଇଥିଲେ। ବିଜୟୀ ହେବା ପରେ ମନିକା କହିଛନ୍ତି, ଏହି ଯାତ୍ରା ତାଙ୍କ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା। ଆତ୍ମବିଶ୍ୱାସ ଏବଂ ସାହସ ସଫଳତାର ଚାବିକାଠି, ତାହା ସେ ପ୍ରମାଣିତ କରିଛନ୍ତି। ମିସ୍ ୟୁନିଭର୍ସ ଟାଇଟଲ ହାସଲ କରି ଦେଶକୁ ☞ପୃଷ୍ଠା-୨

# ଅନ୍‌ଲାଇନ ଗେମିଂରେ ଲାଗିବ ଅଙ୍କୁଶ

**ବିଲ୍‌କୁ କ୍ୟାବିନେଟ୍ ମଞ୍ଜୁରୀ, ସଂସଦରେ ଆଜି ଆସିବ**

ନୂଆଦିଲ୍ଲୀ,୧୯।୮

କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର ଅନ୍‌ଲାଇନ ଗେମିଂ ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିଛି। ବେଟିଂ ଆପ୍‌ଗୁଡ଼ିକୁ ନିୟନ୍ତ୍ରିତ କରିବା ଏବଂ ଜୁଆକୁ କଡ଼ାକଡ଼ି ଭାବେ ରୋକିବା ଏହି ବିଲ୍‌ର ଉଦ୍ଦେଶ୍ୟ। ଏହି ବିଲ୍ ଅନୁଯାୟୀ ଅନ୍‌ଲାଇନ ଗେମିଂ ପ୍ଲାଟ୍‌ଫର୍ମଗୁଡ଼ିକୁ ଗୋଟିଏ ନ୍ୟାୟିକ ବ୍ୟବସ୍ଥା ଅଧୀନରେ ରଖାଯିବ ଓ ଡିଜିଟାଲ ଆପ୍ ଜରିଆରେ ଜୁଆ ଖେଳ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା କରାଯିବ। ଏ ସମ୍ପର୍କିତ ବିଲ୍ ବୁଧବାର ସଂସଦରେ ବିତର୍କ ପାଇଁ ଆଗତ ହେବ ବୋଲି ପିଟି ସୂତ୍ରରୁ ପ୍ରକାଶ। ସରକାର କିଛି ବର୍ଷ ହେଲା ଏହି ସେକ୍ଟର ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ୨୦୨୩ ଅକ୍ଟୋବରରୁ ଅନ୍‌ଲାଇନ ଗେମିଂ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥିବାବେଳେ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କଳିଙ୍ଗ ସେନାର ସାଙ୍ଗଠନିକ ନିର୍ବାଚନ, ସ୍ଥାନ: ଉତ୍କଳ ସମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ହୋଟେଲ୍ ଆଡ଼ଭେଞ୍ଚର୍, ସମୟ: ଅପରାହ୍ନ ୪ଟା ୩୦।
- ଲୋଟସ୍‌ଫିଟ୍ ଫାଉଣ୍ଡେଶନ୍ ପକ୍ଷରୁ ଅଭିଯାତ ଉତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ମେଗା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ଚୌଦ୍ୱାର ମହାବିଦ୍ୟାଳୟ ପରିସର, ଚୌଦ୍ୱାର, ସମୟ: ସକାଳ ୯ଟା।
- କଂଗ୍ରେସ ପକ୍ଷରୁ ଫ୍ରୋଜେନ ସିମେନ ବ୍ୟାଙ୍କ କାର୍ଯ୍ୟାଳୟ ଯୁଗ୍ମନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଖପୁରିଆସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର
- ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ସପ୍ତାହବ୍ୟାପୀ ଗଣଧାରଣାର ତୃତୀୟ ଦିବସ, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ସବ୍-ରେଜିଷ୍ଟ୍ରାର ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ଜାତୀୟ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରିବେ ରାଜ୍ୟପାଳ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ଧୁଷୁରୀ ପୋଲିସ ପକ୍ଷରୁ ସଚେତନତା ଶିବିର, ସ୍ଥାନ: ଅସୁରାଳି ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟାଙ୍କ କର୍ତ୍ତୃପକ୍ଷ ଓ ମୁଦ୍ରା ଯୋଜନା ହିତାଧିକାରୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୧ଟା

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ଦୋଳନ ଚଳଚ୍ଚିତ୍ରର ପ୍ରିମିୟର ଶୋ', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ବିଇଏମସି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍ ସାଂସ୍କୃତିକ ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ
- ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନିମଖଣ୍ଡି ପଞ୍ଚାୟତ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ସମୀକ୍ଷା ବୈଠକ, ସ୍ଥାନ: ଫୁଲବାଣୀ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୫ଟା ୩୦।

## ଜଗତ୍‌ସିଂହପୁର
- ପରିବେଶ ପରିଚାଳନା ସମିତି (ଡିଏଲ୍ଇଏମ୍‌ସି) ଜିଲାସ୍ତରୀୟ ବୈଠକ: ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ଚାମ୍ବର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଇସିଡିଏସ୍ ଏବଂ ମିଶନ ଶକ୍ତି କାର୍ଯ୍ୟକ୍ରମ ଉପରେ ମାସିକିଆ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜଗତ୍‌ସିଂହପୁର ଜିଲା ନିଗମାନନ୍ଦ ସାରସ୍ୱତ ସଂଘର ସାରସ୍ୱତ ବୈଠକ, ସ୍ଥାନ: ନିଗମାନନ୍ଦ ଆଶ୍ରମ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଲେଖିକା ସଂଘର ଜଣେ ଦିବଙ୍ଗତ କର୍ମକର୍ତ୍ତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସୂର୍ଯ୍ୟମୁଖୀ ଅନୁଷ୍ଠାନ ପରିସର, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ନନ୍ଦୋତ୍ସବ, ସ୍ଥାନ: କଂସାର ଓ ଆୟେବା, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ବଳରାମପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସପ୍ତପୁରୀ ଅମାବାସ୍ୟା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ମୁନିଗୁଡ଼ାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବିରେ ୧୨ ଘଣ୍ଟିଆ ବନ୍ଦ ପାଳନ ଓ ଧାରଣା, ସ୍ଥାନ: ମୁନିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୬ଟା।

## ନବରଙ୍ଗପୁର
- ୟୁନିଫର୍ମ କିଟ୍ ଓ ବୀମା ପତ୍ର ପ୍ରଦାନ, ସ୍ଥାନ:ନବରଙ୍ଗପୁର ଦକ୍ଷତା ବିକାଶ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା ୧୦।
- ଜିଲା ନୋଡାଲ ଅଧିକାରୀ ତଥା କର୍ମ ନିଯୋଜନ ନିର୍ଦ୍ଦେଶକ ଦକ୍ଷତା ବିକାଶ ସିଇଓଙ୍କ ବର୍ଣ୍ଣମାଳା ଉଦ୍ୟାନ ପରିଦର୍ଶନ, ସ୍ଥାନ: ଫାର୍ଶାଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଧାନରେ ପ୍ରସ୍ତୁତ ହସ୍ତ ଶିଳ୍ପ ପରିଦର୍ଶନ, ସ୍ଥାନ: ଲିମ୍ବଭଟ୍ଟା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ମକା ପ୍ରୋସେସିଂ ୟୁନିଟ୍ ପରିଦର୍ଶନ, ସ୍ଥାନ: ଭାମିନି, ସମୟ: ଅପରାହ୍ନ ୧ ଟା।

## କୋରାପୁଟ
- ଶିଶୁମାନଙ୍କ ଶିକ୍ଷା ଅଧିକାର ନେଇ କର୍ମଶାଳା, ସ୍ଥାନ: ଟାଉନ୍ ହଲ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ମାଲକାନଗିରି
- ପ୍ଲାଷ୍ଟିକ୍ ବର୍ଜନ କର୍ମଶାଳା, ସ୍ଥାନ: ଯବାନପାଲୀ ଉଚ୍ଚ ବିଦ୍ୟାଳୟ, କାଲିମେଲା, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟର ଇଷ୍ଟକୋଷ୍ଟ ରେଲୱେ ବନାମ ସମ୍ବଲପୁର କ୍ରିକେଟ କ୍ଲବ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ଜିଲା ସାମ୍ବାଦିକ ସଂଘ ଆୟୋଜନରେ ବିଶ୍ୱ ଫଟୋଗ୍ରାଫି ଦିବସ ଓ ଫଟୋ ପ୍ରଦର୍ଶନୀ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସକାଳ ୯ଟାରୁ ସନ୍ଧ୍ୟା ୫ଟା।
- ଜିଲା ବିଜୁ ଜନତା ଦଳର ବୈଠକ, ସ୍ଥାନ: ପାନ୍ଥ ନିବାସ ସଭାକକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: କବରାପାଲି ବୀର ସୁରେନ୍ଦ୍ର ସାଏ ଉଚ୍ଚବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର
- ରାଜସ୍ୱ ଅମଲା ସଂଘର ଧାରଣା , ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦

## ରାଉରକେଲା
- ବାଣିଜ୍ୟିକ ଓ ଆବାସିକ ପ୍ରଶିକ୍ଷଣ କର୍ମଶାଳା, ସ୍ଥାନ: ଆର୍‌ଏମ୍‌ସି ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ୮୦ତମ ରାଜ୍ୟ ପୋଲିସ ଫୁଟବଲ ଚାମ୍ପିୟନଶିପର ଉଦ୍‌ଘାଟନୀ ସମାରୋହ: ସ୍ଥାନ: ସୁନ୍ଦରଗଡ଼ ଷ୍ଟାଡିୟମ, ସମୟ: ସକାଳ ୮ଟା।

## ବରଗଡ଼
- ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲ, ବରଗଡ଼, ସମୟ: ସକାଳ ୯ଟା।
- ଏକକ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜନତା ହାଇସ୍କୁଲ, ଭୁକ୍ତା, ସମୟ: ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି
- ଅମଲା ସଂଘର କାର୍ଯ୍ୟବନ୍ଦ ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସେବା ଦାବିରେ ଦେବଗଡ଼ ବନ୍ଦ ପାଳନ ପାଇଁ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋପାଳଜୀ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଧାନବିକ୍ରି ଟଙ୍କା ପାଇବା ଦାବିରେ ମରାଡୁଗୋଛା ପାକ୍ସର ଚାଷୀଙ୍କ ଧାରଣା ଚତୁର୍ଥ ଦିନରେ, ସ୍ଥାନ: ତରଭା ବ୍ଲକ ସମ୍ମୁଖ, ସମୟ: ସକାଳ: ୬ଟା।
- ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ୧୦ମ ଦିନରେ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ୧୦ମ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: କୋମନା ବ୍ଲକ ତରବୋଡ ଗୁଡାରାଜା ଅହିର ସମାଜ ଭବନ, ସମୟ: ସକାଳ ୯ଟା।
- ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କ ଆନ୍ଦୋଳନ ଦ୍ୱିତୀୟ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।
- ୧୭ ତମ ଇଣ୍ଡିପେଣ୍ଡେଣ୍ଟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଦ୍ୱିତୀୟ ସେମି ଫାଇନାଲ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

# ସଦ୍‌ଭାବନା ଦିବସ




ବିଭିନ୍ନ ଧର୍ମ ଏବଂ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି, ଏକତା ସଦ୍‌ଭାବକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ତଥା ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ୨୦ ଅଗଷ୍ଟରେ ପାଳନ କରାଯାଉଛି ସଦ୍‌ଭାବନା ଦିବସ। ଏହି ଦିବସ ଏକ ବିବିଧ ସମାଜରେ ସାମ୍ପ୍ରଦାୟିକ ସଦ୍‌ଭାବନା ଏବଂ ଜାତୀୟ ସଂହତି ବଜାୟ ରଖିବାର ଭାବନାକୁ ସମ୍ମାନ କରେ। ଏହି ଅବସରରେ ନାଗରିକମାନଙ୍କୁ ବିଭିନ୍ନ ସାଂସ୍କୃତିକ-ଧାର୍ମିକ ଗୋଷ୍ଠୀ ମଧ୍ୟରେ ପାରସ୍ପରିକ ସମ୍ମାନ, ବୁଝାମଣା ଏବଂ ଗ୍ରହଣୀୟତାର ସ୍ମରଣ କରାଏ। ତେବେ ଜାତୀୟ ସଦ୍‌ଭାବର ଅର୍ଥ ହେଉଛି ଦେଶର ସମସ୍ତ ନାଗରିକଙ୍କ ମଧ୍ୟରେ ପାରସ୍ପରିକ ପ୍ରେମ, ଭାଇଚାରା ଏବଂ ଏକତାର ଭାବନା। ଏହା ଏପରି ଏକ ସ୍ଥିତି ଯେଉଁଠାରେ ବିଭିନ୍ନ ଧର୍ମ, ଜାତି ଏବଂ ସଂସ୍କୃତିର ଲୋକମାନେ କୌଣସି ଭେଦଭାବ ବିନା ଏକାଠି ରୁହନ୍ତି, ପରସ୍ପରକୁ ସମ୍ମାନ କରନ୍ତି ଏବଂ ଦେଶର ପ୍ରଗତିରେ ଯୋଗଦାନ ଦିଅନ୍ତି।

# ୨୪ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୮ (ଅନୁରାଧା ମହାରଣା)

ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ଅବପାତ ଫଳରେ ଆଗାମୀ ୨୪ ତାରିଖ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି। ବୁଧବାର ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ନବରଙ୍ଗପୁର ଓ କଳାହାଣ୍ଡିରେ ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ରହିଛି। ସେହିପରି ୧୧ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ରହିଛି। ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଶିଶୁ ବାଟିକା ପିଲାଙ୍କୁ ମିଳିବ ମାଗଣା ୟୁନିଫର୍ମ

ଭୁବନେଶ୍ୱର,୧୯।୮ (ସୁଚିସ୍ମିତା ସାହୁ)

ସରକାରୀ ବିଦ୍ୟାଳୟ ପ୍ରତି ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଡ୍ରପ୍‌ଆଉଟ ହାର ରୋକିବା ସହ ପିଲାଙ୍କୁ ବିଦ୍ୟାଳୟମୁହାଁ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଶିଶୁ ବାଟିକା ଛାତ୍ରୀଛାତ୍ରଙ୍କୁ ମାଗଣାରେ ୟୁନିଫର୍ମ ପ୍ରଦାନ କରାଯିବ। ରାଜ୍ୟର ୪୫ ହଜାର ପ୍ରାଥମିକ ସ୍କୁଲରେ ଶିଶୁ ବାଟିକାରେ ନାମ ଲେଖାଇଥିବା ପିଲାଙ୍କୁ ୟୁନିଫର୍ମ ଓ ଅନ୍ୟାନ୍ୟ ଉପକରଣ ମାଗଣାରେ ଦିଆଯିବ। ଏ ବାବଦରେ ପ୍ରତ୍ୟେକ ପିଲାଙ୍କ ପିଛା ୧୦୦୦ ଟଙ୍କା ଲେଖାଏ ଖର୍ଚ୍ଚ ହେବ। ଏଥିଲାଗି ଆବଶ୍ୟକ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଙ୍ଗଳବାର ସୂଚନା ଦେଇଛନ୍ତି।

## ପ୍ରତ୍ୟେକ ପିଲା ପିଛା ଖର୍ଚ୍ଚ ହେବ ୧୦୦୦ ଟଙ୍କା

ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୫ ହଜାର ପ୍ରାଥମିକ ସ୍କୁଲରେ ଶିଶୁ ବାଟିକା ଖୋଲାଯାଇଛି। ଏବେ ପିଲାଙ୍କୁ ସ୍କୁଲ ୟୁନିଫର୍ମ ସହିତ ଜୋତା, ମୋଜା, ଟ୍ରାକ୍ ପ୍ୟାଣ୍ଟ ମଧ୍ୟ ଦିଆଯିବ। ୩ ଲକ୍ଷ ୧୦ ହଜାର ୮୪୯ ପିଲାଙ୍କୁ ୟୁନିଫର୍ମ ଦିଆଯିବ। ପ୍ରତ୍ୟେକ ପିଲାଙ୍କ ସମସ୍ତ ଖର୍ଚ୍ଚ ବାବଦ ୧ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଏହା ଦ୍ୱାରା ପିଲାମାନେ ସ୍କୁଲ ଛାଡ଼ିବାକୁ ମନା କରିବେ ନାହିଁ, ଯଦ୍ୱାରା ଡ୍ରପ୍‌ଆଉଟ ହାର ବଢ଼ିବ ନାହିଁ।

# ଘରୁ ଆରମ୍ଭ ନିରାକରଣ

ପ୍ରତିବର୍ଷ ୨୦ ଅଗଷ୍ଟରେ ବିଶ୍ୱ ମଶା ଦିବସ ପାଳନ କରାଯାଇଆସୁଛି। ପ୍ରଖ୍ୟାତ ଚିକିତ୍ସା ବିଜ୍ଞାନୀ ସାର୍ ରୋନାଲ୍ଡ ରସ ଏହି ଦିନ ମାଈ ଆନୋଫିଲିସ ମଶା ମଣିଷ ମଧ୍ୟରେ ମ୍ୟାଲେରିଆ ସଂକ୍ରମଣ କରନ୍ତି ବୋଲି ଆବିଷ୍କାର କରିଥିଲେ। ରୋନାଲ୍ଡ ରସ ଭାରତୀୟ ଚିକିତ୍ସା ସେବାରେ କାର୍ଯ୍ୟ କରିବା ବେଳେ ୧୮୯୭ ଅଗଷ୍ଟ ୨୦ରେ ସିକନ୍ଦରାବାଦଠାରେ ଏକ ମାଈ ଆନୋଫିଲିସ ମଶାର ପାକସ୍ଥଳୀରେ ମ୍ୟାଲେରିଆ ପରଜୀବୀର ଆବିଷ୍କାର କରିବାରେ ସକ୍ଷମ ହୋଇଥିଲେ। ରସଙ୍କ ଏହି ଆବିଷ୍କାର ମ୍ୟାଲେରିଆର ପ୍ରତିରୋଧ ବ୍ୟବସ୍ଥା ଲାଗି ସୂତ୍ରପାତ କରିଥିଲା। ତେବେ ଏହି ଆବିଷ୍କାର ପାଇଁ ୧୯୦୨ ମସିହାରେ ରସଙ୍କୁ ପ୍ରଥମ ବ୍ରିଟିଶ ବ୍ୟକ୍ତି ଭାବେ ମେଡିସିନ କ୍ଷେତ୍ରରେ ନୋବେଲ ପୁରସ୍କାର ମିଳିଥିଲା। ତେବେ ଚଳିତ ବର୍ଷ ଏହି ଦିବସ ଅବସରରେ ବାର୍ତ୍ତା ରହିଛି ଘରୁ ଆରମ୍ଭ ହୁଏ ନିରାକରଣ। ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖି, ଜମି ରହିଥିବା ପାଣିକୁ ଦୂର କରି ଏବଂ ସରଳ ସତର୍କତା ସହିତ ନିଜକୁ ସୁରକ୍ଷା ଦେଇ, ଆମେ ମଶା ବାହିତ ରୋଗର ବିପଦକୁ ଯଥେଷ୍ଟ ପରିମାଣରେ ହ୍ରାସ କରିପାରିବା।

## ଆଜି ବିଶ୍ୱ ମଶା ଦିବସ



# ନବୀକରଣୀୟ ଶକ୍ତିର ଗୁରୁତ୍ୱ

ଭାରତରେ ନବୀକରଣୀୟ ଶକ୍ତିର ଗୁରୁତ୍ୱ ଏବଂ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୨୦ରେ ପାଳନ କରାଯାଉଛି ଅକ୍ଷୟ ଉର୍ଜା ଦିବସ। ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ୨୦୦୪ ମସିହାରେ ଅକ୍ଷୟ ଉର୍ଜା ଦିବସ ଆରମ୍ଭ କରିଥିଲା। ଅକ୍ଷୟ ଉର୍ଜା ଦିବସ ହେଉଛି ଭାରତରେ ନବୀକରଣୀୟ ଶକ୍ତିର ବିକାଶ ବିଷୟରେ ଏକ ସଚେତନତା ଅଭିଯାନ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମଦିନକୁ ମନେ ପକାଇବା ପାଇଁ ଏହି ଦିନ ପାଳନ କରାଯାଏ। ଏହା ରାଜୀବ ଗାନ୍ଧୀ ଅକ୍ଷୟ ଉର୍ଜା ଦିବସ ଭାବରେ ମଧ୍ୟ ଜଣାଶୁଣା। ତେବେ ଅକ୍ଷୟ ଉର୍ଜା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଲୋକମାନଙ୍କୁ ସଚେତନ କରାଇବା ଯେ, ପାରମ୍ପରିକ ଶକ୍ତି(ସୌର, ପବନ ଏବଂ ଜଳ) ବ୍ୟତୀତ ଅକ୍ଷୟ ଉର୍ଜା (ନବୀକରଣୀୟ ଶକ୍ତି) ବିଷୟରେ ମଧ୍ୟ ଚିନ୍ତା କରିବାକୁ ପଡ଼ିବ।

## ଅକ୍ଷୟ ଉର୍ଜା ଦିବସ



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରଙ୍କୁଣୀ ପାଇଚି ଇଲିଶି,
କଣ୍ଟାମଣ୍ଟା କରି ଗିଳୁଛି।**

ଅତି ଲୋଭରୁ ମୃତ୍ୟୁ। ଲୋଭ ପରବଶ ହୋଇ ଅଧିକ ଜିନିଷ ପ୍ରତି ଆକୃଷ୍ଟ ହେଲେ ପରିଶେଷରେ ବିଷମ ଦଶା ଭୋଗିବାକୁ ପଡିଥାଏ, ଯାହାକି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ରଜା ପୁଅ ଯୋଗୀ ହେଲେ
ତା' ରାଜା ବୁଦ୍ଧି ଛାଡ଼େ ନାହିଁ
ଯୋଗୀ ପୁଅ ରାଜା ହେଲେ
ତା' ଯୋଗୀ ବୁଦ୍ଧି ଛାଡ଼େ ନାହିଁ।**

ସାଧାରଣତଃ ମନୁଷ୍ୟ ନିଜ ବୁଦ୍ଧି ବା ସହଜାତ ପ୍ରକୃତିକୁ ସହଜରେ ଛାଡ଼ିପାରି ନଥାଏ। ମନୁଷ୍ୟ ଯେତେ ଉଚ୍ଚ ବା ନୀଚ ସ୍ତରର ବ୍ୟକ୍ତି ହେଲେ ମଧ୍ୟ ନିଜ ଚରିତ୍ରଗତ ଅଭ୍ୟାସରୁ ନିଜକୁ ବଦଳାଇ ପାରୁନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ସୁଦର୍ଶନ ରେଡ୍ଡୀ ଇଣ୍ଡିଆ...

ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହଠାତ ନିଜ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଏହି ପଦବୀ ପାଇଁ ନିର୍ବାଚନ ଆବଶ୍ୟକ ପଡ଼ିଥିଲା। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୨ ରଖାଯାଇଛି।

### ଏସ୍‌ଆଇଆର୍: ବିକଳ୍ପ...

ଗଜପତିର ଚନ୍ଦ୍ରଗିରିରେ ବାସ କରୁଥିବା ଲୋକଙ୍କ ନାଗରିକତ୍ୱ ବୈଧତାକୁ ବିଧିବଦ୍ଧ ଭାବେ ଯାଞ୍ଚ କରାଯିବ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ଆୟୋଗଙ୍କ ପକ୍ଷରୁ ୩ଟି ପ୍ରମୁଖ ପରିଚୟ ପତ୍ର ଯଥା, ଭୋଟର କାର୍ଡ, ଆଧାର କାର୍ଡ ଏବଂ ରାଶନ କାର୍ଡକୁ ବାଦ୍‌ଦେଇ ୧୧ଟି ପରିଚୟପତ୍ରକୁ ପ୍ରଥମ ପର୍ଯ୍ୟାୟରେ ଗ୍ରହଣ କରାଯିବାକୁ କୁହାଯାଇଛି। ସେଥିମଧ୍ୟରେ ପେନ୍‌ସନ ପ୍ରମାଣପତ୍ର କିମ୍ବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଚାକିରି ସମ୍ପର୍କିତ ପ୍ରମାଣପତ୍ର ସହିତ ଜୁଲାଇ ପହିଲା ୧୯୮୭ ସୁଦ୍ଧା କେନ୍ଦ୍ର ସରକାରଙ୍କ ଅଧୀନ ବ୍ୟାଙ୍କ, ପୋଷ୍ଟ ଅଫିସ୍, ଏଲ୍‌ଆଇସି କିମ୍ବା ପିଏସ୍‌ୟୁର ପରିଚୟପତ୍ର(ଏହି ଅବଧି ମଧ୍ୟରେ ସମ୍ପୃକ୍ତ ସଂସ୍ଥାର ପରିଚୟପତ୍ର କିମ୍ବା ସଂସ୍ଥାର ସ୍ୱୀକୃତିପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଡକ୍ୟୁମେଣ୍ଟ), ଜନ୍ମ ପ୍ରମାଣପତ୍ର, ପାସ୍‌ପୋର୍ଟ, ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ମାଟ୍ରିକ୍ କିମ୍ବା ଶିକ୍ଷା ସାର୍ଟିଫିକେଟ୍, ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ସ୍ଥାୟୀ ଆବାସିକ ପ୍ରମାଣପତ୍ର, ଜଙ୍ଗଲ ଜମି ଅଧିକାର ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଜାତୀୟ ନାଗରିକତ୍ୱ ପ୍ରମାଣପତ୍ର (ଏନ୍‌ଆର୍‌ସି) (ଯାହାକି ଓଡ଼ିଶାରେ ହୋଇନାହିଁ), ରାଜ୍ୟ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ପରିବାର ପଞ୍ଜୀକରଣ ଏବଂ ଜମି କିମ୍ବା ଘର ଆବଣ୍ଟନ ପ୍ରମାଣପତ୍ରକୁ ବିବେଚନା କରାଯିବ। ଏହି ଡକ୍ୟୁମେଣ୍ଟ ନ ଥିବାର ଯଦି କୌଣସି ଅଭିଯୋଗ ଆସେ ତାକୁ ମଧ୍ୟ ବିଏଲ୍‌ଓସ୍ତରରେ ଯାଞ୍ଚ କରାଯିବ ବୋଲି ସିଇଓ ଗୋପାଳନ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିହାରରେ ଆରମ୍ଭ ହୋଇଥିବା ଏସ୍‌ଆଇଆର୍‌କୁ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ତୀବ୍ର ବିରୋଧ କରାଯାଉଛି। ଏହାକୁ ନେଇ କଥା ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଗଲାଣି। ଆଗାମୀ ଦିନରେ ଓଡ଼ିଶାରେ ଏସ୍‌ଆଇଆର୍ କିଭଳି ଶୃଙ୍ଖଳିତ ହେବ ତାହା ଉପରେ ସମସ୍ତଙ୍କ ନଜର।

### ମନିକା ବିଶ୍ୱକର୍ମା...

ଗୌରବାନ୍ୱିତ କରିବା ତାଙ୍କର ଆଗାମୀ ଲକ୍ଷ୍ୟ ବୋଲି ମନିକା କହିଛନ୍ତି। ପ୍ରକାଶ ଯେ, ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତର ଟ୍ରାକ୍ ରେକର୍ଡ ଉଲ୍ଲେଖନୀୟ ରହିଛି। ବର୍ତ୍ତମାନ ସୁଦ୍ଧା ୩ ଭାରତୀୟ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ଟାଇଟଲକୁ ହାସଲ କରିଛନ୍ତି। ୧୯୯୪ରେ ଅଭିନେତ୍ରୀ ସୁସ୍ମିତା ସେନ୍ ପ୍ରଥମ ଭାରତୀୟ ଭାବେ ମିସ୍ ୟୁନିଭର୍ସ ହୋଇଥିଲେ। ସେହିପରି ୨୦୦୦ରେ ଅଭିନେତ୍ରୀ ଲାରା ଦତ୍ତା ଏବଂ ୨୦୨୧ରେ ହରନାଜ୍ ସାନ୍ଧୁ ମିସ୍ ୟୁନିଭର୍ସ ଟାଇଟଲ ହାସଲ କରି ଦେଶକୁ ଗୌରବାନ୍ୱିତ କରିଥିଲେ।

### ଅନ୍‌ଲାଇନ ଗେମିଂରେ...

ଏଥିରେ ବିଜୟୀ ହେଉଥିବା ବ୍ୟକ୍ତି ବା ସଂସ୍ଥା ଉପରେ ୨୦୨୪-୨୫ ଆର୍ଥିକ ବର୍ଷରୁ ୩୦% ଟ୍ୟାକ୍ସ ଲଗାଯାଇଛି। ଦରିଆପାରି ଗେମିଂ ପ୍ଲାଟ୍‌ଫର୍ମଗୁଡ଼ିକୁ ଟିକସଭୁକ୍ତ କରାଯିବା ସହ ପଞ୍ଜୀକୃତ ହୋଇ ନ ଥିବା କିମ୍ବା ବେଆଇନ ସାଇଟ୍‌ଗୁଡ଼ିକୁ ବ୍ଲକ୍ କରିବା କ୍ଷମତା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାକୁ ଦିଆଯାଇଛି। ୨୦୨୨ରୁ ୨୦୨୫ ଫେବୃଆରୀ ମଧ୍ୟରେ କେନ୍ଦ୍ର ସରକାର ୧,୪୦୦ରୁ ଊର୍ଦ୍ଧ୍ୱ ବେଟିଂ ଆପ୍ ଏବଂ ଗେମ୍ବଲିଂ ୱେବ୍‌ସାଇଟ୍ ଓ ଆପ୍‌କୁ ବ୍ଲକ୍ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — କର୍ମକ୍ଷେତ୍ରର ପ୍ରତ୍ୟେକ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିପାରିବେ। ପାରିବାରିକ କ୍ଷେତ୍ରରେ ମଧ୍ୟ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ ଓ ପରିବହନରେ ମଧ୍ୟ ଶିଥିଳତା ମାନସିକ ଅଶାନ୍ତିର କାରଣ ହେବ। ଅଶ୍ୱିନୀ ନକ୍ଷତ୍ର ହଜିଯାଇଥିବା ଜିନିଷ କିମ୍ବା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖୋଜ ଖବର ପାଇପାରିବେ।

**ବୃଷ** — କୃତ୍ତିକା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟସମସ୍ୟା ଦୁଶ୍ଚିନ୍ତାର ମାତ୍ରାକୁ ବଢ଼ାଇଦେବ। ପଡ଼ୋଶୀ, ବନ୍ଧୁ ପରିଜନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ମତଭେଦ କାରଣରୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ବନ୍ଧୁଙ୍କ ମାଧ୍ୟମରେ ପାଇ ଖୁସି ହେବେ।

**ମିଥୁନ** — ବନ୍ଧୁଙ୍କ ପରାମର୍ଶକ୍ରମେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଓ ଆନୁସଙ୍ଗିକ ସହଯୋଗ ମଧ୍ୟ ପାଇବେ। ପୁନର୍ବସୁ ନକ୍ଷତ୍ର ସକାଶେ ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରେ ସାମାନ୍ୟ ହଇରାଣ ହରକତ ହେବାକୁ ପଡ଼ିପାରେ।

**କର୍କଟ** — ଅଧସ୍ତନ କର୍ମଚାରୀଙ୍କ ସହଯୋଗରୁ ଦୀର୍ଘଦିନର ଆଶା ଫଳବତୀ ହେବ। ଅଶ୍ଳେଷା ନକ୍ଷତ୍ର ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। କଠିନ ଶ୍ରମ ହେତୁକ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ରପ୍ତାନିବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେଲେ ମଧ୍ୟ ପରକ୍ଷଣରେ ସବୁ ଠିକ୍ ହୋଇଯିବ।

**ସିଂହ** — ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ଆଜି ପ୍ରତ୍ୟେକ କ୍ଷେତ୍ରରେ ଦୃଢ଼ ମନୋବଳ ନେଇ କାମ କରିପାରିବେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ ହାସଲ କରି ଉପକୃତ ହେବେ। ସଭାସମିତିର ଆଲୋଚନା ପରିସରରେ ଅପ୍ରିୟ ସତ କଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇବେ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ହସ୍ତା ନକ୍ଷତ୍ର ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ତର୍କବିତର୍କ ଜନିତ ସହକର୍ମୀଙ୍କ ସହ ମାନମନାନ୍ତର ଦେଖାଦେଇପାରେ।

**ତୁଳା** — ଉନ୍ନତ ଚିନ୍ତା ଓ ପୂର୍ବପରିକଳ୍ପିତ ଯୋଜନା ତଥା ନୂତନ କର୍ମାରମ୍ଭ ଆଜିର ମୁଖ୍ୟ କାର୍ଯ୍ୟ ରହିବ। ସ୍ୱାତୀ ନକ୍ଷତ୍ର ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** — ଅନୁରାଧା ନକ୍ଷତ୍ର ପରିଜନମାନଙ୍କ ସହ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ଦୂରଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସାମାଜିକ ସ୍ତରରେ ବିଳମ୍ବରେ ହେଲେ ମଧ୍ୟ ଅଭୀଷ୍ଟ ସିଦ୍ଧି ଘଟିବ। ବ୍ୟବସାୟ, ବାଣିଜ୍ୟ, କଳା, ସାହିତ୍ୟ, ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** — ପୂର୍ବଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପୁଣି ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ହେତୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପ୍ରଶାସନିକ ସ୍ତରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ ସ୍ତରରେ ଅର୍ଥାଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମକର** — ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ପ୍ରିୟଜନଙ୍କ ସହ ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ। ହିତୈଷୀମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବାର ଅବସର ପାଇବେ। ଶ୍ରବଣା ନକ୍ଷତ୍ରର ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବା ସହ ଆର୍ଥିକ ଉନ୍ନତି ଘଟିପାରେ।

**କୁମ୍ଭ** — କର୍ମଜଞ୍ଜାଳ ବୃଦ୍ଧି ପାଇବାଜନିତ ମନ ଭଲ ନ ଥିବା କାରଣରୁ ଉଦାସୀନ ରହିପାରନ୍ତି। ସାମାଜିକ ସ୍ତରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆଜି ଆକସ୍ମିକଭାବରେ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ହେତୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**ମୀନ** — କର୍ମକ୍ଷେତ୍ରରେ ମନ କଥା ମନରେ ରଖି କାମ କରିବାକୁ ବାଧ୍ୟ ହୋଇପାରନ୍ତି। ହାତପାହାନ୍ତାରେ ସୁଯୋଗ ପାଇଲେ ମଧ୍ୟ ତାହାର ସଦ୍ ବ୍ୟବହାର କରିପାରିବେ ନାହିଁ। ରେବତୀ ନକ୍ଷତ୍ର ରାଜନୈତିକ ସ୍ତରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାର ସାମୟିକ ଆଶ୍ୱସ୍ତି ଲାଭ କରିବେ।

ଆଜି ଅଗଷ୍ଟ ୨୦ ତାରିଖ, ବିଶ୍ୱ ମଶକ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଓ ସଦ୍‌ଭାବନା ଦିବସ, ଭାଦ୍ରବ କୃଷ୍ଣ ଦ୍ୱାଦଶୀ ବୁଧବାର। ଶ୍ରୀମନ୍ଦିରରେ ଶ୍ରୀମହାପ୍ରଭୁଙ୍କର ପ୍ରଳମ୍ବାସୁର ବଧ ବେଶ। ବୁଧବାମନ ଓଷା ଦ୍ୱିତୀୟ ପାଳି। ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୩୧ମି. ଗତେ ଘ.୦୭.୧୨ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୯ମି. ଗତେ ଘ.୦୧.୨୪ମି. ମଧ୍ୟେ ରାହୁ କାଳ।



କୋଲ୍‌କାତାରେ ଅବସ୍ଥାପିତ ବ୍ରିଟେନ୍ ଉପ ଉଚ୍ଚାୟୁକ୍ତ ଆଣ୍ଡ୍ର୍ୟୁ ଫ୍ଲେମିଂ ଓଡ଼ିଶା ଗସ୍ତରେ ଆସିଥିବାବେଳେ ମଙ୍ଗଳବାର ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କାର୍ଯ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନ ଅବସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, କୋଲକାତା ବ୍ରିଟିଶ୍ ଡେପୁଟି ହାଇକମିଶନ୍‌ର ଆସିଷ୍ଟାଣ୍ଟ କମ୍ୟୁନିକେଶନ, ଇଭେଣ୍ଟ୍ସ ଆଣ୍ଡ ଭିଜିଟ୍‌ସ ଅଫିସର ସ୍ୱର୍ଣ୍ଣମୟୀ ଶତପଥୀ ଏବଂ ଧରିତ୍ରୀ ପରିବାରର ସଦସ୍ୟାସଦସ୍ୟ।

# ୨୫ରୁ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ଚୟନ ନାମଲେଖା ଆବେଦନ

ଭୁବନେଶ୍ୱର,୧୯।୮ (ସୁଚିସ୍ମିତା ସାହୁ)

ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ ଚୟନ ନାମଲେଖା ବିଜ୍ଞପ୍ତି ମଙ୍ଗଳବାର ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ଆସନ୍ତା ୨୫ ତାରିଖଠାରୁ ନାମଲେଖା ପାଇଁ ଆବେଦନ କରିପାରିବେ। ଯେଉଁ ବିଦ୍ୟାର୍ଥୀମାନେ ପ୍ରଥମ ପର୍ଯ୍ୟାୟ-୧ ଇ-ଆଡ୍‌ମିଶନ ୨୦୨୫-୨୬ରେ ଆବେଦନ କରିଥିଲେ, କିନ୍ତୁ କୌଣସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ମନୋନୀତ ହୋଇ ନ ଥିଲେ, ସେମାନେ କୌଣସି ଅତିରିକ୍ତ ସିଏଏଫ୍ ଫି' ବିନା ସେମାନଙ୍କର ବିଦ୍ୟମାନ ଲଗ୍-ଇନ୍ ବ୍ୟବହାର କରି ପୁନଃ ଆବେଦନ କରିପାରିବେ। ସେହିପରି ଯେଉଁ ବିଦ୍ୟାର୍ଥୀମାନେ ପ୍ରଥମ ପର୍ଯ୍ୟାୟରେ ପ୍ରବେଶ ପାଇ ନ ଥିଲେ ଅଥବା ସିଏଏଫ୍‌ରେ ଆବେଦନ କରି ନ ଥିଲେ କିମ୍ବା ଟିସି ଅଗଷ୍ଟ ୩୧ ସୁଦ୍ଧା କିମ୍ବା ପୂର୍ବରୁ ନେଇଥିଲେ, ସେମାନଙ୍କୁ ପର୍ଯ୍ୟାୟ-୨ ପ୍ରଥମ ଚୟନ ଫି ପ୍ରଦାନ ସହିତ ଏକ ନୂତନ ସିଏଏଫ୍ ଦାଖଲ କରିବାକୁ ପଡ଼ିବ। ଆବେଦନକାରୀମାନେ ସେମାନଙ୍କ ସାଧାରଣ ଆବେଦନ ଫର୍ମ ୪ଥର ପର୍ଯ୍ୟନ୍ତ ଏଡିଟ କରିପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଫର୍ମ ଆବେଦନ କରିବାର ଶେଷ ତାରିଖ ଅଗଷ୍ଟ ୩୧ ରହିଛି। ସେପ୍ଟେମ୍ବର ୪ରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବା ସହିତ ୬ରୁ ୧୦ତାରିଖ ଭିତରେ ଆଡ୍‌ମିଶନ ପାଇଁ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରିପୋର୍ଟିଂ କରିବେ। ନାମଲେଖା ଫର୍ମ ଏଡିଟ କରିବାର ଶେଷ ତାରିଖ ୧୧ ପର୍ଯ୍ୟନ୍ତ ରହିଛି। ସ୍ପଟ୍ ନାମଲେଖା ପାଇଁ ଚଏସ୍ ଲକିଂ ୧୨ ଓ ୧୩ ତାରିଖ ପର୍ଯ୍ୟନ୍ତ କରିପାରିବେ। ସେହିପରି ୧୭ ତାରିଖରେ ସ୍ପଟ୍ ନାମଲେଖାର ମେଧା ତାଲିକା ପ୍ରକାଶ ପାଇବ।

**ସେପ୍ଟେମ୍ବର ୪ରେ ମେଧା ତାଲିକା**

# ୨% ଅର୍ଥ ଖର୍ଚ୍ଚ କରିପାରୁନି କ୍ରୀଡ଼ା ବିଭାଗ

ଭୁବନେଶ୍ୱର,୧୯।୮ (ରବିନାରାୟଣ ଜେନା)

**୭ ବିଭାଗର ନୈରାଶ୍ୟଜନକ ସ୍ଥିତି**

କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରି ଯୁବବର୍ଗଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ କାର୍ଯ୍ୟକାରୀ ହେଉଛି। ହେଲେ ବିଭାଗ ଚଳିତ ଆର୍ଥିକବର୍ଷ ପାଇଁ ଯେଉଁ ଯୋଜନା ଓ ଆଭିମୁଖ୍ୟ ରଖିଥିଲା, ତାହା ଏବେ ବାଟବଣା ହେଲାଭଳି ପରିଲକ୍ଷିତ ହେଉଛି। ରାଜ୍ୟ ସରକାରଙ୍କ ୨୦୨୫-୨୬ ଆର୍ଥିକବର୍ଷ ବଜେଟକୁ ଇତିମଧ୍ୟରେ ୫ ମାସ ବିତିବାକୁ ବସିଲାଣି। ହେଲେ ଏପର୍ଯ୍ୟନ୍ତ ବିଭାଗ ୨ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ସକ୍ଷମ ହୋଇପାରିନାହିଁ। ଏଥିପାଇଁ କିଏ ବାଟ ଓଗାଳିଛି ବୋଲି ଅଗଷ୍ଟ ୧୧ରୁ ୧୩ ତାରିଖ ମଧ୍ୟରେ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଜଣାଯାଇଛି।

ଉନ୍ନୟନ ଆୟୁକ୍ତ ଗର୍ଗଙ୍କ ଅଧ୍ୟକ୍ଷତାରେ ସମସ୍ତ ବିଭାଗର ବଜେଟ ଖର୍ଚ୍ଚ ସମୀକ୍ଷା ଚଳିତମାସ ୧୧ରୁ ୧୩ ପର୍ଯ୍ୟନ୍ତ ହୋଇଥିଲା। ଏହି ଅବସରରେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ ଯେଉଁ ଖର୍ଚ୍ଚ ପ୍ରଦର୍ଶନ କରାଯାଇଥିଲା, ତାହା ଅତ୍ୟନ୍ତ ନଗଣ୍ୟ ରହିଥିଲା। ବିଭାଗୀୟ ସଚିବ ସମୀକ୍ଷା ବେଳେ ଦର୍ଶାଇଥିଲେ ଯେ, ବିଭାଗ ପକ୍ଷରୁ ଚଳିତବର୍ଷ ୧୧୨୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଛି। ଜୁଲାଇ ଶେଷ ସୁଦ୍ଧା ୧.୭୬ % ଅର୍ଥ ଖର୍ଚ୍ଚ ହୋଇଛି। ସଚିବଙ୍କ ଏହି ହିସାବକୁ ନେଇ ଅନ୍ୟ ସମସ୍ତ ବିଭାଗର ଅଧିକାରୀ ଓ ନିଜେ ଉନ୍ନୟନ ଆୟୁକ୍ତ ଆଶ୍ଚର୍ଯ୍ୟଚକିତ ହୋଇଥିଲେ। କେଉଁ କାରଣ ପାଇଁ ବିଭାଗର ଖର୍ଚ୍ଚ ନୈରାଶ୍ୟଜନକ ରହିଛି ବୋଲି ପ୍ରଶ୍ନ କରିବା ସହିତ ଏହା କିଭଳି ବିଭିନ୍ନ ପ୍ରକାର କ୍ରୀଡ଼ା ଭିତ୍ତିଭୂମିର ସୁଦୃଢ଼ ଏବଂ ଯୁବବର୍ଗଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ଖର୍ଚ୍ଚ ହୋଇପାରିବ ସେନେଇ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଯଦି ଖର୍ଚ୍ଚ କରିପାରୁନାହିଁ ତେବେ ଅତିରିକ୍ତ ବଜେଟ ପ୍ରସ୍ତାବ ପ୍ରସ୍ତୁତକରି ସରକାରଙ୍କୁ ତୁରନ୍ତ ଅବଗତ କରାଇବାକୁ ଉନ୍ନୟନ ଆୟୁକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେବା ସହ ଯୋଜନା ଓ ସଂଯୋଜନ ବିଭାଗ ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଡି.କେ. ଜେନାଙ୍କ ପତ୍ରରୁ ଜଣାଯାଇଛି।

ଓଏସ୍‌ଡି ଡି.କେ. ଜେନା ଚଳିତମାସ ୧୬ରେ ସମସ୍ତ ବିଭାଗକୁ ପ୍ରଦାନ କରିଥିବା ବିବରଣୀରୁ ଜଣାଯାଇଛି, କେବଳ ଯେ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ବଜେଟ ଅର୍ଥ ଖର୍ଚ୍ଚ କରିବାରେ ଅସମର୍ଥ ରହିଛି ତାହା ନୁହେଁ, ନଗର ଉନ୍ନୟନ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ଶକ୍ତି ବିଭାଗ, ଉଚ୍ଚଶିକ୍ଷା, ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ, ଗ୍ରାମ୍ୟ ଉନ୍ନୟନ ଭଳି ବିଭାଗର ଖର୍ଚ୍ଚ ମଧ୍ୟ ନିରୁତ୍ସାହଜନକ ରହିଛି। ଏହି ପରିପ୍ରେକ୍ଷୀରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ବଜେଟ ଖର୍ଚ୍ଚ ଅତ୍ୟନ୍ତ ଉତ୍ସାହଜନକ ରହିଛି। ଚଳିତମାସ ୧୦ ସୁଦ୍ଧା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରାୟ ୫୦ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛି। ତେଣୁ ବିଭାଗୀୟ ସଚିବ ଶୁଭା ଶର୍ମାଙ୍କୁ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାର ସମୀକ୍ଷା କରିବାକୁ କୁହାଯାଇଛି। ସେଥିମଧ୍ୟରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ଓଡ଼ିଶା ପୁଷ୍ଟି ମିଶନ, ଆଦିକା, ଆମେ ପଢ଼ିବା ଆମ ଭାଷାରେ, ମମତା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା ଓ ପୋଷଣ ଅଭିଯାନ ପ୍ରଭୃତି ରହିଛି। ଏହାସହିତ ସଂପୃକ୍ତ ବିଭାଗ ପକ୍ଷରୁ ଏହିସବୁ ଯୋଜନାକୁ ତୃତୀୟପକ୍ଷ ମୂଲ୍ୟାୟନ କମିଟି ମାଧ୍ୟମରେ ସମୀକ୍ଷା କରିବାକୁ କୁହାଯାଇଛି।

ଅନ୍ୟପକ୍ଷରେ ନଗର ଉନ୍ନୟନ ବିଭାଗ ଜୁଲାଇ ଶେଷ ସୁଦ୍ଧା ୧୯.୩୯ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଛି। ତେବେ ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅମୃତ, ପିଏମ୍-ଇ-ବସ୍ ସେବା, ଏନ୍‌ୟୁଏଲ୍‌ଏମ୍ ଭଳି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାଗୁଡ଼ିକର ସମୀକ୍ଷା କରିବାକୁ କୁହାଯାଇଛି। ସେହିପରି ବାଣିଜ୍ୟ ଓ ପରିବହନ ବିଭାଗ ଅଗଷ୍ଟ ୭ ସୁଦ୍ଧା ୨୩.୬୬ ପ୍ରତିଶତ ବଜେଟ ଅର୍ଥ ଖର୍ଚ୍ଚ କରିଥିବାବେଳେ ଶକ୍ତି ବିଭାଗ ଅଗଷ୍ଟ ୮ ମାତ୍ର ୬.୯୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି। ଉଚ୍ଚଶିକ୍ଷା ବିଭାଗ ୧୨ ଅଗଷ୍ଟ ସୁଦ୍ଧା ୧୬.୧, ଅନୁସୂଚିତ ଜାତି, ଜନଜାତି ବିଭାଗ ୧୩.୦୧, ଗ୍ରାମ୍ୟ ଉନ୍ନୟନ ବିଭାଗ ୨୨.୨୩ ଏବଂ ନିର୍ମାଣ ବିଭାଗ ୩୨.୫୩ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଥିବା ଜଣାପଡ଼ିଛି।

# ମଣିଷମରା ହାତୀକୁ ବିଦା କର

- **ଜି.ଉଦୟଗିରି, କଳିଙ୍ଗାରେ ବନ୍ଦ ପାଳନ**
- **ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଜି.ଉଦୟଗିରି,୧୯।୮ (ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ଅଞ୍ଚଳରେ ଦୀର୍ଘ ୩ ବର୍ଷ ହେବ ହାତୀ ଉପଦ୍ରବ ଜାରି ରହିଛି। ହିଂସ୍ର ହୋଇ ଉଠିଥିବା ଦନ୍ତାହାତୀ ଆକ୍ରମଣରେ ମଣିଷ ଓ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଛି। ଉକ୍ତ ଦନ୍ତାକୁ ସ୍ଥାନୀୟ ଅଞ୍ଚଳରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ୪ ଦଫା ଦାବି ନେଇ ଅଞ୍ଚଳବାସୀଙ୍କ ତରଫରୁ ମଙ୍ଗଳବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜି.ଉଦୟଗିରି, କଳିଙ୍ଗାରେ ବନ୍ଦ ପାଳନ କରାଯାଇଛି। ବନ୍ଦ ଡାକରା ଯୋଗୁ ସହରର ସମସ୍ତ ଦୋକାନ ବଜାର, ସରକାରୀ ବେସରକାରୀ ଅନୁଷ୍ଠାନ ଓ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଶତାଧିକ ମହିଳା, ପୁରୁଷ ସ୍ଥାନୀୟ ହାଟପଦାଠାରୁ ଶାନ୍ତିପୂର୍ଣ୍ଣ ଭାବେ ରାଲିରେ ଯାଇ ୪ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ରଞ୍ଜନ କୁମାର ସାହୁ ଓ ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ପ୍ରଦାନ କରିଥିଲେ। ଦାବି ମଧ୍ୟରେ ହିଂସ୍ର ଦନ୍ତାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା, ହାତୀ ଉପଦ୍ରବ ଯୋଗୁ ସମସ୍ତ ଗ୍ରାମରେ ସୋଲାର ଲାଇଟ୍ ଲଗାଇବା, ହାତୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ ପରିବାରଙ୍କୁ ତୁରନ୍ତ କ୍ଷତପୂରଣ ପ୍ରଦାନ କରିବା ଓ କନ୍ଧମାଳ ଜିଲାରେ ତୁରନ୍ତ ସ୍ଥାୟୀ ରକ୍ଷକ ଦଳ ବା ରାପିଡ୍ ରେସପନସ ଟିମ୍ ନିଯୁକ୍ତି କରିବା ଆଦି ରହିଛି। ସୂଚନାଯୋଗ୍ୟ, ହିଂସ୍ର ଦନ୍ତା ଗତ ୨ ମାସ ହେଲା ଦନ୍ତା ଲୋକଙ୍କ ବାଡ଼ି ବଗିଚାରେ ପଶି ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗୁଛି। ଏପରିକି ସ୍ଥାନୀୟ ଅଞ୍ଚଳର ୩ ଜଣ ଲୋକଙ୍କୁ ଦଳିଚକଟି ମାରିଦେଇଥିବା ବେଳେ ପ୍ରାୟ ୯ଟି ଗାଈ ଜୀବନ ନେଇଛି। ଉକ୍ତ ଦନ୍ତାକୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବନ ବିଭାଗ ଓ ଜିଲାପାଳଙ୍କୁ ଲୋକେ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏହାର ପ୍ରତିକାର ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବନ୍ଦ ଡାକରାରେ ସାମିଲ ହୋଇଥିଲେ। ସ୍ଥାନୀୟ ଥାନା ଆଇଆଇସି ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମହିଳା ଓ ପୁରୁଷ ପୋଲିସ କର୍ମଚାରୀ ସହରର ବିଭିନ୍ନ ସ୍ଥାନରେ ରହି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ। ଶାନ୍ତି ଶୃଙ୍ଖଳାର ସହ ବନ୍ଦ ପାଳନ ହୋଇଛି।

**ଭୁବନେଶ୍ୱର ବାଇପାସ୍‌କୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ**




# ବଜ୍ରପାତରେ ଚାଷୀ ମୃତ

ବନ୍ତ,୧୯।୮ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଷେଣ୍ଢତିରା ପଞ୍ଚାୟତର ଚାରିପୋଖରୀଆ ଗ୍ରାମରେ ମଙ୍ଗଳବାର ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଗୌରା ମୁଣ୍ଡା(୨୮)। ସୂଚନା ଅନୁଯାୟୀ, ଗୌରା ତାଙ୍କ ବିଲରେ କାମ କରୁଥିବା ବେଳେ ଅପରାହ୍ନ ୨ଟା ୩୦ ବେଳେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସେ ବିଲରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ଝିଅ ଥିବାବେଳେ ପରିବାର ବେସାହାରା ହୋଇଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବଜ୍ରପାତରେ ୨ ଯୁବକଙ୍କ ମୃତ୍ୟୁ

କୋଲାବିରା,୧୯।୮ (ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ଥାନା ପରମାଣପୁର ପଞ୍ଚାୟତ ଅଧୀନ କାଳିବାହାଲ ଗ୍ରାମରେ ମଙ୍ଗଳବାର ବଜ୍ରପାତ ହେବାରୁ ୨ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କାଳିବାହାଲ ଗ୍ରାମର ବୀର କିଷାନ ଓ ଦୁଃଖବନ୍ଧୁ ମାଝୀ। ବୀର ନିଜ ଚାଷଜମିରେ ଔଷଧ ପକାଇବାକୁ ଯାଇଥିଲେ। ଅପରପକ୍ଷରେ ହେଲ୍‌ପର କାମ କରୁଥିବା ଦୁଃଖବନ୍ଧୁ ଟ୍ରାକ୍ଟରରେ ଜମି କାଦୁଅ କରିବା ପାଇଁ ଯାଇଥିଲେ। ଅପରାହ୍ନ ପ୍ରାୟ ୩ଟାରେ ବର୍ଷା, ଘଡ଼ଘଡି ହେବାରୁ ସେମାନେ ଗ୍ରାମର ଏକ ମହୁଲ ଗଛମୂଳରେ ଛିଡା ହୋଇଥିଲେ। ହଠାତ୍ ବଜ୍ରପାତ ହେବାରୁ ସେମାନେ ଟଳି ପଡ଼ିଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ମା'ଙ୍କୁ ମୁଖାଗ୍ନି ଦେଲେ ଝିଅ



ଲୋପାମୁଦ୍ରା ମା'ଙ୍କୁ ମୁଖାଗ୍ନି ଦେଉଛନ୍ତି।

ଉମରକୋଟ, ୧୯।୮ (ସନ୍ତୋଷ ଶତପଥୀ)

ସାଧାରଣତଃ ଘରେ ଝିଅ ଜନ୍ମ ହେଲେ ଅନେକେ ନାପସନ୍ଦ ଓ ଦୁଃଖ ପ୍ରକାଶ କରନ୍ତି। ଏବେବି ସେ ପୁରାତନ କାଳର ଧାରଣା ଲୋକଙ୍କ ମନରେ ରହିଛି ଯେ ଝିଅ ଜନ୍ମ କେବଳ ପରଘରକୁ। ପୁଅ ଥିଲେ ମୃତ୍ୟୁ ସମୟରେ ମୁଖାଗ୍ନି ଓ ପିଣ୍ଡଦାନ କରିବ। କିନ୍ତୁ ମଙ୍ଗଳବାର ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳରେ ଜଣେ ଝିଅ ତାଙ୍କ ମା'ଙ୍କ ମୃତ୍ୟୁ ପରେ ମୁଖାଗ୍ନି ଦେଇଛନ୍ତି। ଉମରକୋଟର ଖବରଦାତା ହରିହର ଶତପଥୀଙ୍କ ସ୍ତ୍ରୀ କୁନ୍ତଳାଙ୍କ ମଙ୍ଗଳବାର ମୃତ୍ୟୁ ହୋଇଥିଲା। ସାନ ଝିଅ ଲୋପାମୁଦ୍ରା ମୁଖାଗ୍ନି ଦେଇଥିଲେ। ସୂଚନାନୁଯାୟୀ କୁନ୍ତଳା ଶତପଥୀ ୮ ବର୍ଷ ହେଲା ବ୍ରେନ୍ ଟ୍ୟୁମରରେ ପୀଡ଼ିତ ହେବା ସହ ଶଯ୍ୟାଶାୟୀ ଥିଲେ। ତାଙ୍କର ୨ଟି ଝିଅ। କିଛିଦିନ ଆଗରୁ ବଡ଼ ଝିଅଙ୍କ ବିବାହ ହୋଇଥିଲା। ମଙ୍ଗଳବାର କୁନ୍ତଳାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର କେହି ପୁଅ ନ ଥିବାରୁ ସାନ ଝିଅ ହିଁ ମୁଖାଗ୍ନି ଦେବେ ବୋଲି ସ୍ଥିର ହୋଇଥିଲା। ଉମରକୋଟ ଶ୍ମଶାନରେ କୁନ୍ତଳାଙ୍କ ସତ୍କାର କରାଯାଇଥିଲା। ଲୋପାମୁଦ୍ରା ମୁଖାଗ୍ନି ଦେଇଥିଲେ। ପରମ୍ପରା ଓ ପୁରୁଣା ପ୍ରଥା ଅନୁଯାୟୀ ପୁରୁଷ ଲୋକ ହିଁ ପରିବାର ପରିଜନଙ୍କୁ ମୁଖାଗ୍ନି ଦେଇଥାନ୍ତି। କିନ୍ତୁ ଆମ ବଂଶରେ କେହି ପୁଅ ନାହାନ୍ତି ତେଣୁ ମା'ଙ୍କ ଶେଷକୃତ୍ୟ ସମୟରେ ପିଣ୍ଡଦାନ ସହ ଓ ମୁଖାଗ୍ନି ଦେଇଛି। ଆଗାମୀ ସମସ୍ତ କାର୍ଯ୍ୟ କରିବେ ବୋଲି ଲୋପାମୁଦ୍ରା କହିଛନ୍ତି। ପୂର୍ବ କାଳର ପ୍ରଥାକୁ ବଦଳାଇବାକୁ ଏହିଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଥିଲେ। ଝିଅ ଆଜି ଯାହା କରିଛି ତାହା ସମାଜ ପାଇଁ ଉଦାହରଣ ବୋଲି ଲୋପାମୁଦ୍ରାଙ୍କ ଦାଦା କହିଛନ୍ତି।



ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତି। –ଶ୍ରୀମା



# ଲିଭିଂ ଲାବ୍

ଜଳବାୟୁ ପରିବର୍ତ୍ତନ ଯୋଗୁ ଏବେ ବନ୍ୟା, ବାତ୍ୟା, ଭୂସ୍ଖଳନ ଓ ଜଙ୍ଗଲ ନିଆଁର ପ୍ରାବଲ୍ୟତା ଯେଉଁଭଳି ବୃଦ୍ଧି ପାଉଛି, ତାହା ଏବେ ଦେଶବ୍ୟାପୀ ସମସ୍ତେ ହୃଦ୍‌ବୋଧ କରୁଛନ୍ତି। ଓଡ଼ିଶାରେ ପୂର୍ବରୁ ମଧ୍ୟ ଏହିଭଳି ବାତ୍ୟା, ବନ୍ୟା ଓ ଠାଏ ଠାଏରେ ମରୁଡ଼ି ହୋଇ ଆସୁଛି। ସେ ସମ୍ପର୍କରେ ଆମେ ସମସ୍ତେ ଅଙ୍ଗେ ନିଭାଇ ଚାଲିଛୁ। ବିଶେଷକରି ସହରରେ ବର୍ଷାଜନିତ ବନ୍ୟା ସାଙ୍ଗକୁ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ମନୁଷ୍ୟକୃତ ବିପର୍ଯ୍ୟୟର ଭୟାବହତାକୁ ସୂଚିତ କରିଛି। ନିକଟ ଅତୀତରୁ କେରଳଠାରୁ ଆରମ୍ଭ କରି ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ନାଗାଲାଣ୍ଡ, ମଣିପୁର ଭଳି ରାଜ୍ୟ ଏବଂ ଜମ୍ମୁ ଓ କଶ୍ମୀରରେ ନିୟମିତ ଭୂସ୍ଖଳନ ଯୋଗୁ ବ୍ୟାପକ ଧନଜୀବନ ହାନି ହେଉଛି। ଚଳିତ ମାସର ବିଗତ ୧୫ ଦିନକୁ ଦେଖିଲେ ୫ ଅଗଷ୍ଟରେ ଉତ୍ତରାଖଣ୍ଡର ଧରାଳି ପରେ ଜମ୍ମୁ ଓ କଶ୍ମୀରରେ ଗତ ସପ୍ତାହରେ ଦୁଇଥର ଭୂସ୍ଖଳନ ଘଟି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ତେବେ ପ୍ରାକୃତିକ ବିପର୍ଯ୍ୟୟ ନେଇ ଆଗୁଆ ସୂଚନା ଦେବା ସହିତ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ କେରଳର କୁନ୍ନୁର ଜିଲା କାନିଚାର ଗ୍ରାମ ପଞ୍ଚାୟତ ପକ୍ଷରୁ ଏବେ ନିଆଯାଇଥିବା ଏକ ଅଭିନବ ପ୍ରୟାସ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଛି। ଭାରତରେ ପ୍ରଥମେ ଏହି ଗ୍ରାମ ପଞ୍ଚାୟତରେ 'ଲିଭିଂ ଲାବ୍' ବ୍ୟବସ୍ଥା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ରେ ଘଟିଥିବା ଭୂସ୍ଖଳନରେ ଏହି ଗ୍ରାମ ପଞ୍ଚାୟତର ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଶହ ଏକର ଚାଷଜମି ଉପରେ ପଥର ଓ ମାଟି ମାଡ଼ିଯାଇ ଲୋକଙ୍କ ଜୀବିକାକୁ ଘୋର ପ୍ରଭାବିତ କରିଥିଲା। ତେବେ ଜଳବାୟୁ ସମ୍ବେଦନଶୀଳତା ଓ ପ୍ରାକୃତିକ ବିପର୍ଯ୍ୟୟଜନିତ ଜଟିଳ ସ୍ଥିତିକୁ ମୁକାବିଲା କରିବା ସକାଶେ ଲୋକଙ୍କୁ ପୂର୍ବରୁ ସତର୍କ ସୂଚନା ଦେବାରେ ଲିଭିଂ ଲାବ୍ ବିଶେଷ ସହାୟକ ହେବ। ଗବେଷଣା ଓ ଅନୁଧ୍ୟାନ ଆଧାରରେ ନିର୍ଦ୍ଦିଷ୍ଟ ଅଞ୍ଚଳର ଭୌଗୋଳିକ ଓ ପାଣିପାଗଜନିତ ସ୍ଥିତି ସମ୍ପର୍କିତ ତଥ୍ୟ ସ୍ଥାନୀୟ ଅଧିବାସୀଙ୍କୁ ଜଣାଇବା ସହିତ ଅସ୍ୱାଭାବିକତାକୁ କିଭଳି ମୁକାବିଲା କରାଯାଇପାରିବ, ସେ ସଂକ୍ରାନ୍ତରେ ଲିଭିଂ ଲାବ୍ କାମ କରୁଥିବା ଜଣାପଡ଼ିଛି। ନେଦରଲାଣ୍ଡ୍‌ସରେ ଏହି ବ୍ୟବସ୍ଥା ପ୍ରଥମେ ବିକଶିତ କରାଯାଇଥିଲା। ସେହି ଅନୁଯାୟୀ କେରଳ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (କେଏସ୍‌ଡିଏମ୍‌ଏ) ଲିଭିଂ ଲାବ୍‌କୁ କାର୍ଯ୍ୟକାରୀ କରୁଛି। ଏଥିରେ ସରକାରୀ ସଂସ୍ଥା, ବିଶେଷଜ୍ଞ, ଘରୋଇ ସଙ୍ଗଠନ ଓ ଭଦ୍ର ସମାଜକୁ ସାମିଲ କରାଯାଇଛି। ଫଳରେ ଗ୍ରାମ ପଞ୍ଚାୟତରେ ସ୍ଥାପିତ ଏହି ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ରରୁ ସମ୍ପୃକ୍ତ ଅଞ୍ଚଳର ଲୋକେ ପ୍ରତ୍ୟେକ ଦିନ ବର୍ଷା ଓ ପବନର ବେଗ ସମ୍ପର୍କରେ ତଥ୍ୟ ଜାଣିପାରୁଛନ୍ତି। ଭାରତ ପାଣିପାଗ କେନ୍ଦ୍ର (ଆଇଏମ୍‌ଡି)ର ଆଞ୍ଚଳିକ କାର୍ଯ୍ୟାଳୟ କେରଳରେ ଥିଲେ ମଧ୍ୟ ପଞ୍ଚାୟତ ସ୍ତରରେ ଏଭଳି ଅଭିନବ ପଦକ୍ଷେପ ନିଶ୍ଚିତ ଭାବେ ନିର୍ଦ୍ଦିଷ୍ଟ ଅଞ୍ଚଳର ଲୋକଙ୍କୁ ପାଣିପାଗଜନିତ ସଦ୍ୟତମ ସୂଚନା ଦେବାରେ ଅଧିକ ପ୍ରଭାବଶାଳୀ ହେଉଥିବା ଦେଖାଯାଉଛି। ବିଶେଷକରି ୬୦ ସଦସ୍ୟ ବିଶିଷ୍ଟ ଏକ ଟିମ୍‌କୁ ଜରୁରିକାଳୀନ ସ୍ଥିତିର ମୁକାବିଲା ପାଇଁ ସର୍ବଦା ଜାଗତିଆର ରଖାଯାଇଛି।

ଏଥିରୁ ବୁଝିବାକୁ ହେବ ଯେ, କେବଳ ପାଣିପାଗ ସୂଚନା ମିଳିଗଲେ ତାହାକୁ କିଭଳି ଭାବେ ବାସ୍ତବ ଜୀବନରେ ଉପଯୋଗ କରିହେବ, ସେ ସମ୍ପର୍କରେ ସାଧାରଣ ନାଗରିକ ସଚେତନ ନାହାନ୍ତି। ତେଣୁ ଖାଲି ସୂଚନା ନୁହେଁ, ତାହାର ବ୍ୟବହାରିକତା ଅଧିକ ଗୁରୁତ୍ୱ ବହନ କରୁଛି। ଏଥିସହିତ ଯେଉଁ ଅଞ୍ଚଳ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରହିଛି, ସେସବୁ ସ୍ଥାନରେ ଯେଭଳି ମନୁଷ୍ୟକୃତ ବିପଦ ସୃଷ୍ଟି ନ ହେବ ସେହି ଦିଗରେ ସ୍ଥାନୀୟ ଅଧିବାସୀଙ୍କୁ ସମ୍ପୃକ୍ତ କରାଇବାର ସମୟ ଆସିଲାଣି। ଏକ ପରିସଂଖ୍ୟାନ କୁହେ, ୨୦୧୫ରୁ ୨୦୨୨ ମଧ୍ୟରେ ସମଗ୍ର ଭାରତରେ ଦେଖାଦେଇଥିବା ଭୂସ୍ଖଳନର ପାଖାପାଖି ୬୦ ପ୍ରତିଶତ କେରଳରେ ଘଟିଥିଲା। ମନେପକାଇ ଦିଆଯାଇପାରେ ଯେ, ୨୦୨୪ ଜୁଲାଇ ୩୦ରେ କେରଳର ୱାୟନାଡାର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟି ୨୫୪ ଜଣଙ୍କ ମୃତ୍ୟୁ ହେବା ସହ ୧୧୮ ଲୋକ ନିଖୋଜ ହୋଇଥିଲେ। ଏଥିରେ ୩୯୭ ଆହତ ହୋଇଥିଲେ। ଏଭଳି ଭୂସ୍ଖଳନର କାରଣ ଖୋଜାଯିବା ପରେ ଜଣାପଡ଼ିଥିଲା ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳରେ ପ୍ରଚୁର ବର୍ଷାଜନିତ ବନ୍ୟାକୁ ରୋକିବା ପାଇଁ ଥିବା ଜଙ୍ଗଲ ସମୟକ୍ରମେ ମନୁଷ୍ୟକୃତ କ୍ଷତିକାରକ କାର୍ଯ୍ୟ ଯୋଗୁ ହ୍ରାସ ପାଇବାରେ ଲାଗିଛି। ଏଥିସହିତ ଯେଉଁଠିପାରେ ସେଇଠି ଅନିୟନ୍ତ୍ରିତ ନିର୍ମାଣ ଯୋଗୁ ପ୍ରାକୃତିକ ଜଳଉତ୍ସ ସଙ୍କୁଚିତ ହୋଇଯାଉଥିବା ବେଳେ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ନ ହୋଇ ବିପର୍ଯ୍ୟୟ ସୃଷ୍ଟି କରୁଛି। ସେହିପରି ପର୍ବତର କଠିନ ସ୍ତର ଦୁର୍ବଳ ହୋଇଯିବାରୁ ମାଟି ଅତଡ଼ା ଧସି ଜନଜୀବନକୁ ବିପଦରେ ପକାଉଛି। ଏହିଭଳି ବହୁବିଧ କାରଣ ଭୂସ୍ଖଳନ ସୃଷ୍ଟି କରୁଥିବାରୁ ସେଥିରୁ କିଭଳି ତ୍ରାହି ମିଳିବ, ସେଥିଲାଗି ସ୍ଥାନୀୟ ପ୍ରଶାସନ ନିର୍ଦ୍ଦିଷ୍ଟ ଅଞ୍ଚଳର ଅଧିବାସୀଙ୍କୁ ବିକାଶ ଯୋଜନାରେ ଯୋଡ଼ିବା ଦରକାର। ପ୍ରାକୃତିକ ଅବସ୍ଥିତି ବିଷୟରେ ସେହିମାନେ ହିଁ ଭଲ ଭାବେ ଅବଗତ ଥାଆନ୍ତି। ତେଣୁ ସେମାନେ ସେମାନଙ୍କ ଅଞ୍ଚଳରେ ପରିସଂସ୍ଥାନକୁ କ୍ଷତି ନ ପହଞ୍ଚାଇଲା ଭଳି କେଉଁଠି ସଡ଼କ, ଶିଳ୍ପ ତଥା ଅନ୍ୟାନ୍ୟ ନିର୍ମାଣ ହୋଇପାରିବ ସେହି ଦିଗରେ ପ୍ରସ୍ତାବ ଦେଇପାରନ୍ତେ। ସେଗୁଡ଼ିକୁ ବିଶେଷଜ୍ଞ ଓ ପ୍ରଶାସନ ତର୍ଜମା କରି ଆଗକୁ ବଢ଼ିଲେ ବିପର୍ଯ୍ୟୟ ହ୍ରାସ ପାଇପାରନ୍ତା। ବର୍ଷାଜନିତ ଭୂସ୍ଖଳନ ଓ ଅନ୍ୟାନ୍ୟ ବିପର୍ଯ୍ୟୟ ନେଇ କାନିଚାର ଗ୍ରାମ ପଞ୍ଚାୟତରେ ସ୍ଥାପନ କରାଯାଇଥିବା 'ଲିଭିଂ ଲାବ୍' ବ୍ୟବସ୍ଥା ଓଡ଼ିଶାରେ କାର୍ଯ୍ୟକାରୀ କରାଯାଇପାରନ୍ତା। ଭୂସ୍ଖଳନ ନ ହେଲେ ମଧ୍ୟ ଓଡ଼ିଶାରେ ଅନେକ ଅତ୍ୟନ୍ତ କ୍ଷତିକାରକ ପ୍ରାକୃତିକ ବିପର୍ଯ୍ୟୟ ଦୀର୍ଘବର୍ଷ ଧରି ଘଟିଆସୁଛି। ଏବେ ଆଇଏମ୍‌ଡି ତରଫରୁ ମିଳୁଥିବା ତଥ୍ୟ ପୂର୍ବାପେକ୍ଷା ପାଖାପାଖି ଠିକ୍ ଆସିଲାଣି। ଏଭଳି ସ୍ପଷ୍ଟ ତଥ୍ୟ ସହିତ 'ଲିଭିଂ ଲାବ୍' ବ୍ୟବସ୍ଥା ମାଧ୍ୟମରେ ଜନସାଧାରଣଙ୍କୁ ନିଜର ସୁରକ୍ଷା ପାଇଁ ସମ୍ପୃକ୍ତ କରାଯାଇପାରନ୍ତା, ତାହା ହେଲେ ଏହି ରାଜ୍ୟର ଅନେକ ମଙ୍ଗଳ ଘଟିପାରନ୍ତା। ଏଥିସହିତ ହିମାଳୟ ସଂଲଗ୍ନ ରାଜ୍ୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ସହିତ ମନୁଷ୍ୟକୃତ ବିପଦ କିଭଳି ନ ହେବ ସେଥିଲାଗି ଆଗୁଆ ପଦକ୍ଷେପ ନେବାର ମଧ୍ୟ ସମୟ ଆସିଲାଣି। ଏଠାରେ ବିକାଶକୁ ବିରୋଧ କରାଯାଉ ନାହିଁ, କିନ୍ତୁ ପରିବେଶ ଅନୁକୂଳ ଉନ୍ନତି ଘଟିଲେ ପରିସଂସ୍ଥା ଅର୍ଥାତ୍ ଉଭୟ ଉଦ୍ଭିଦ ଓ ପ୍ରାଣିଜଗତ ତିଷ୍ଠି ରହନ୍ତା।

# ଜନସ୍ୱାର୍ଥ ପ୍ରତି ପ୍ରାଥମିକତା



ବୈକୁଣ୍ଠନାଥ ମିଶ୍ର

ବଡ଼ ବିଚିତ୍ର ଏ ରାଜନୀତି। ତା'ଠାରୁ ବିଚିତ୍ର ରାଜନେତାଙ୍କ ମତିଗତି। ବିରୋଧୀ ଦଳରେ ଥିବାବେଳେ ସରକାରର ସମସ୍ତ ଦୋଷ ଦୁର୍ବଳତାକୁ ନେଇ ବିଧାନସଭା ହୁଏ ରଣାଙ୍ଗନ। ବନ୍ଦ ପାଳନ, ଧର୍ମଘଟ ଓ ସତ୍ୟାଗ୍ରହ ମାଧ୍ୟମରେ ଜନତାଙ୍କ ମନରେ ପ୍ରତ୍ୟୟ ସୃଷ୍ଟିର ପ୍ରୟାସ କରାଯାଏ ଯେ ସରକାର ଅପାରଗ, ଜନସ୍ୱାର୍ଥ ବିରୋଧୀ, ଦୁର୍ନୀତିଗ୍ରସ୍ତ ଓ ଆଇନ ଶୃଙ୍ଖଳା ରକ୍ଷା କରିବାରେ ଅସମର୍ଥ। ଆମ ଦଳ କ୍ଷମତାକୁ ଆସିଲେ ରାଜ୍ୟ ତଥା ଜନତାଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦିଆଯିବ। ଆଇନ ଶୃଙ୍ଖଳା ସହ ଦୁର୍ନୀତିର ଶୂନ୍ୟ ସହନଶୀଳତାକୁ ପ୍ରାଧାନ୍ୟ ଦିଆଯିବ। ସମୟ ଚକ୍ର ଘୂରିଯାଏ। କାଲି ଯେ ବିରୋଧୀ ଭାବେ ସରକାର ବିରୋଧରେ ବିଷୋଦ୍‌ଗାର କରୁଥିଲେ ଆଜି ସରକାରୀ ଆସନରେ। ଆମେ ଜାଣିଛେ ଯେ ବିକ୍ରମାଦିତ୍ୟଙ୍କ ବତ୍ରିଶ ସିଂହାସନର ବିଶେଷତ୍ୱ ଥିଲା ଏହାକୁ ଯେ ଆରୋହଣ କରୁଥିଲେ ସେ ଯେତେ ଅନ୍ୟାୟୀ ହୋଇ ଥିଲେ ମଧ୍ୟ କେବଳ ସତ୍ୟଧର୍ମ ଓ ନ୍ୟାୟ ହିଁ ଆଚରଣ କରୁଥିଲେ। କିନ୍ତୁ ଆଜିର ଯୁଗରେ ରାଜନୀତି ସିଂହାସନର ମାହାତ୍ମ୍ୟ ହେଉଛି, ଏହାକୁ ଯେ ଦଖଲ କରିବ ସତ୍ୟ, ଧର୍ମ ଓ ନ୍ୟାୟ ତା'ଠାରୁ ଅନ୍ତର୍ହିତ ହୋଇ ସମସ୍ତ ବିପରୀତ ଗୁଣର ଅଧିକାରୀ ହେବ।

ଓଡ଼ିଶା ପରିପ୍ରେକ୍ଷୀରେ ଆଲୋଚନା ପ୍ରାସଙ୍ଗିକ ମନେହୁଏ। ଓଡ଼ିଶାରେ କଂଗ୍ରେସ ସରକାର ଅମଳରେ ନିଶ୍ଚିତ ଭାବେ ଅନୁଗୋଳ ନାଲ୍‌କୋ ପ୍ରକଳ୍ପ, ତାପଜ ବିଦ୍ୟୁତ୍ ଶିଳ୍ପ ପରି ଅନେକ ଲୋକହିତକର କାର୍ଯ୍ୟ ହୋଇଛି। ସମତାଳରେ କିଛି ଅରୁଚିକର ଘଟଣା ମଧ୍ୟ ଘଟିଛି। ଆମ ଲୋକଚରିତ୍ର ବୈଶିଷ୍ଟ୍ୟ ହେଲା– ଆମେ ଶହେ ଭଲକାମକୁ ଭୁଲିଯାଉ ଓ ଗୋଟିଏ ମନ୍ଦ କାମକୁ ଗଣ୍ଠିକରି ଧରୁ। ବିରୋଧୀଙ୍କର ଲକ୍ଷ୍ୟ ହେଲା ସରକାରକୁ ସବୁ କାର୍ଯ୍ୟରେ ବିରୋଧ କରିବା। ନାରୀ ନିର୍ଯାତନା ସବୁ ସରକାର ଅମଳରେ ଘଟେ। ଘଟଣା ଘଟିଲା ପରେ କିଭଳି କାର୍ଯ୍ୟାନୁଷ୍ଠାନ ହେଉଛି ତା' ଉପରେ ସମସ୍ତଙ୍କର ନଜର। କଂଗ୍ରେସ ସରକାର ସମୟରେ ଛବିରାଣୀ ବଳାତ୍କାର ଓ ହତ୍ୟା ଘଟଣା ଚାରିଦଶନ୍ଧି ପରେ ମଧ୍ୟ ଲୋକ ସ୍ମୃତିରେ ଉଜ୍ଜୀବିତ ଅଛି। ସେହିପରି ଅଞ୍ଜନାଙ୍କ ପ୍ରତି ବର୍ବରତା ସବୁ ସୀମା ଟପିଗଲା, ଯାହା ସରକାରର ପତନ ଘଟାଇଲା। ପରେ ଦୀର୍ଘ ୨୪ ବର୍ଷ ବିଜୁ ଜନତା ଦଳ ଓଡ଼ିଶାରେ ଶାସନ କରିବା ପରେ ୨୦୨୪ ନିର୍ବାଚନରେ ପରାସ୍ତ ହୋଇ କ୍ଷମତାରୁ ଓହରି ଯାଇଛି। ବିଜୁ ଜନତା ଦଳର ଭଲ କାମଗୁଡ଼ିକର



ତାଲିକା ଯେତିକି ଲମ୍ବା ସମାଲୋଚନାର ଫର୍ଦ୍ଦ ମଧ୍ୟ ସେତିକି ଦୀର୍ଘ। କୁନ୍ଦୁଲି ପୀଡ଼ିତା, ଟିଙ୍କିରି ଘଟଣା, ବେବିନା, ଇତିଶ୍ରୀଙ୍କ ମାର୍ମିକ ବେଦନା, ପରୀ ନିଖୋଜ ଘଟଣା ଓ ସର୍ବୋପରି ମମିତା ମେହେରଙ୍କ ମର୍ମନ୍ତୁଦ ହତ୍ୟା ଘଟଣା ଗୋଟିଏ ଗୋଟିଏ କଳା ଫର୍ଦ୍ଦ। ଲୋକେ ଭୁଲିନାହାନ୍ତି ଫରେଷ୍ଟ ରେଞ୍ଜର ସୌମ୍ୟରଞ୍ଜନ ମହାପାତ୍ରଙ୍କୁ ହତ୍ୟା ଓ ମାହାଙ୍ଗା ଡବଲ ମର୍ଡର ଘଟଣା। ସବୁଠାରୁ ଚର୍ଚ୍ଚିତ ଘଟଣା ହେଲା ନବ ଦାସଙ୍କ ପରି ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ସ୍ପଷ୍ଟ ଦିବାଲୋକରେ ହତ୍ୟା କରାଯିବା। ସେତେବେଳର ପ୍ରମୁଖ ବିରୋଧୀ ଦଳ ଭାରତୀୟ ଜନତା ପାର୍ଟିର ସ୍ଲୋଗାନ ଥିଲା ଦଳ କ୍ଷମତାକୁ ଆସିଲେ ଏ ସମସ୍ତ ଘଟଣାର ପର୍ଦ୍ଦାଫାଶ କରାଯାଇ ଦୋଷୀଙ୍କୁ ଦଣ୍ଡ ଦିଆଯିବ ଯେପରି ଆଉ କେହି ଏପରି ଘଟଣା ଘଟାଇବାର ସାହସ କରିବେ ନାହିଁ। ଚକ୍ର ଘୂରିଛି। କାଲିର ବିରୋଧୀ ଆଜିର ସରକାର। ଇତି ମଧ୍ୟରେ ଓଡ଼ିଶାରେ ଭାଜପା ସରକାର ୧ବର୍ଷ ପୂର୍ତ୍ତି ପାଳନ କରିସାରିଛି। କିନ୍ତୁ ଶାସନ ବ୍ୟବସ୍ଥା ସବୁ ଅଧାପନ୍ତରିଆ। ମନ୍ତ୍ରିମଣ୍ଡଳ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇପାରି ନାହିଁ, କର୍ପୋରେଶନଗୁଡ଼ିକର ପଦବୀ ପୂରଣ ହୋଇନାହିଁ। ଆଶା କରାଯାଏ ୨୦୨୫ ଶେଷ ସୁଦ୍ଧା ସେହିସବୁ ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଗଲେ ସର୍ବାଦୌ ହିତକର ହେବ। ଅପର ପକ୍ଷେ ନୂତନ ସରକାର କିଛି ଜନକଲ୍ୟାଣ କାର୍ଯ୍ୟ ପ୍ରାକ୍ ନିର୍ବାଚନୀ ପ୍ରତିଶ୍ରୁତି ସ୍ୱରୂପ ସଫଳତାର ସହ କରିପାରିଛି। ଧାନର ବିକ୍ରିମୂଲ୍ୟ ଉପରେ ୮୦୦ଟଙ୍କାର ବୋନସ ପ୍ରଦାନ, ସୁଭଦ୍ରା ଯୋଜନାର ରୂପାୟନ, ୮୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ, ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ଓ ରତ୍ନଭଣ୍ଡାର ମରାମତି ଭଳି କାର୍ଯ୍ୟସମ୍ପନ୍ନ ହୋଇଛି। କିନ୍ତୁ ନୂତନ ସରକାରଠାରୁ ଲୋକେ ଆଶା କରୁଥିଲେ ଯେ ପୂର୍ବ ସରକାରର ଆର୍ଥିକ ଅନିୟମିତତା ଓ ଏଥିରେ ଜଡ଼ିତ ବ୍ୟକ୍ତି ବିଶେଷଙ୍କୁ ଲୋକଲୋଚନକୁ ଆଣିବା। ଅବଶ୍ୟ ମାଳ ମାଳ ଅସାଧୁ ସରକାରୀ ଅଧିକାରୀଙ୍କୁ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରାଯାଇ ବେଆଇନ ଓ ଆୟ ବହିର୍ଭୂତ ସମ୍ପତ୍ତିର ପର୍ଦ୍ଦାଫାଶ କରାଯାଉଛି। ମାତ୍ର ନାରୀ ନିର୍ଯାତନାର ଧାରା ଅବ୍ୟାହତ ରହିଛି। ଆଇନ ଶୃଙ୍ଖଳା ରକ୍ଷା ମଧ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ଥିବା ପରି ଲୋକେ ଅନୁଭବ କରିପାରୁନାହାନ୍ତି। ପ୍ରତ୍ୟହ ନାରୀ ନିର୍ଯାତନାର କରୁଣ ଖବର ଗଣମାଧ୍ୟମରେ ପ୍ରକାଶ ପାଇ ଲୋକଙ୍କୁ ବ୍ୟଥିତ କରୁଛି। କିଟ୍‌ସ ବିଶ୍ୱବିଦ୍ୟାଳୟର ନେପାଳୀ ଛାତ୍ରୀ ଦୁହିଁଙ୍କର ଆତ୍ମହତ୍ୟା ବିଶ୍ୱରେ ଓଡ଼ିଶାର ଛବି ମଳିନ କରିଛି। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ହେଉ କିମ୍ବା ପୁରୀ ଜିଲା ବଳଙ୍ଗା ନାବାଳିକାଙ୍କୁ ଦହନ ଘଟଣା ପରି ମାଳମାଳ ହୃଦୟ ବିଦାରକ ଘଟଣା ସମାଜ ପ୍ରତି ଗୋଟିଏ ଗୋଟିଏ ଆହ୍ୱାନ।

ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ପୁରୀ ରାଜଭବନର ବରିଷ୍ଠ କର୍ମଚାରୀଙ୍କୁ ମାଡମାରି ଲହୁଲୁହାଣ କରିବା ପରି ଘଟଣା ଲୋକଲୋଚନ ଅଗୋଚରରେ ରହିଗଲା। ସରକାର କେବଳ ତଦନ୍ତ ନିର୍ଦ୍ଦେଶ ଦେଇ ନୀରବ ରହୁଛନ୍ତି। ପୂର୍ବ ଅଭିଜ୍ଞତାରୁ ଆମେ ଜାଣୁ ଯେ ଓଡ଼ିଶାରେ ବିଭିନ୍ନ ସମୟରେ ଯେଉଁସବୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ତା'ର ରିପୋର୍ଟ କେବେହେଲେ ସାର୍ବଜନୀନ ହୋଇନାହିଁ। ତଦନ୍ତ ନିର୍ଦ୍ଦେଶ ଏକ ଏପରି ଜିନିଷ ଯାହା କୌଣସି ସରକାରକୁ ଆସନ୍ନ ପ୍ରତିକୂଳ ପରିସ୍ଥିତିରୁ ରକ୍ଷା କରିବାର ଏକ ଶାଣିତ ଅସ୍ତ୍ର। ସବୁ ସରକାର ସମୟରେ ଯେତେସବୁ ଅଘଟଣ ଘଟିଛି ସରକାର ପ୍ରତିରକ୍ଷାତ୍ମକ ବ୍ୟବସ୍ଥା ମୁତାବକ ତଦନ୍ତ ନିର୍ଦ୍ଦେଶ ଦେଇ ଲୋକମତକୁ ପ୍ରଶମିତ କରିବାକୁ ଉଦ୍ୟମ କରିଛନ୍ତି। ସେପରି କୌଣସି ତଦନ୍ତ ରିପୋର୍ଟ ପ୍ରାୟତଃ ସାର୍ବଜନୀନ ହୋଇନାହିଁ। ସତୁରି ଦଶକଠାରୁ ସାମ୍ପ୍ରତିକ ସମୟ ପର୍ଯ୍ୟନ୍ତ ପୁରୀ ଶ୍ରୀମନ୍ଦିର ସଂକ୍ରାନ୍ତରେ ୧୮ଟି ନ୍ୟାୟିକ କମିଶନ ବସାଯାଇଥିଲେ ମଧ୍ୟ ତା'ର ନିର୍ଯାସ ସାର୍ବଜନୀନ କରାଯାଇନାହିଁ। କିମ୍ବା କେହି ଦୋଷୀସାବ୍ୟସ୍ତ ହୋଇ ଦଣ୍ଡ ପାଇଥିବାର ସେପରି କୌଣସି ଉଦାହରଣ ସୃଷ୍ଟି କରାଯାଇନାହିଁ। ତତ୍କାଳୀନ ରାଜ୍ୟପାଳ ଭାଗବତ ଦୟାଲ ଶର୍ମାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ନୀତି କାନ୍ତିକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଢ଼ାଯାଇଥିଲା, ଯାହାର ରିପୋର୍ଟ ମଧ୍ୟ ସାର୍ବଜନୀନ ହୋଇପାରିଲା ନାହିଁ। ଏଥିରୁ ସ୍ପଷ୍ଟ ଯେ କୌଣସି ଦୁର୍ଘଟଣା ବା ଅନିୟମିତ କାର୍ଯ୍ୟାବଳୀ ବିରୋଧରେ ଜନମତକୁ ବିଭ୍ରାନ୍ତ କରିବା ପାଇଁ ଏକମାତ୍ର ଅସ୍ତ୍ର ହେଲା ତଦନ୍ତ କମିଶନ ନିଯୁକ୍ତି। କିନ୍ତୁ ତଦନ୍ତ ରିପୋର୍ଟ କାଳେ କାଳେ ଅପ୍ରକାଶିତ। ତଦନ୍ତ ସମ୍ବନ୍ଧରେ ଓଡ଼ିଶାର ସୁପ୍ରତିଷ୍ଠିତ କବି ତଥା ସମାଲୋଚକ ଗୋଦାବରୀଶ ମହାପାତ୍ରଙ୍କ ଉକ୍ତି ପ୍ରଣିଧାନ ଯୋଗ୍ୟ – ଓଡ଼ିଶାର ଚାରିଆଡ଼େ ଚାଲିଛି ତଦନ୍ତ –ତଦନ୍ତ ରିପୋର୍ଟ କିନ୍ତୁ ବିଗଳିତ ଦନ୍ତ। କାମୁଡ଼ିଲେ କାଟୁ ନାହିଁ ସତେକି ଚୁମ୍ବନ – ଜନତା ଆଖିକୁ ଦିଶେ ମହାବିଡ଼ମ୍ବନ। ଫସଲର ବାଡ଼ ଏଠି ପାଳଟିଛି ଗୋରୁ – ଯେ ଜଗୁଛି ସେ ଚୋର ଚୋର ଧରୁ । ସବୁ ସରକାର ସମାନ। କିନ୍ତୁ ଜନମତ ପ୍ରତି ଉଦାସୀନ ନ ରହି ଗୋଟିଏ ଜନପ୍ରିୟ ସରକାରର ଦାୟିତ୍ୱ ହେଲା ଜନସ୍ୱାର୍ଥକୁ ପ୍ରାଥମିକତା ପ୍ରଦାନ। ସରକାର ଜନସ୍ୱାର୍ଥ ପ୍ରତି ସଚେତନ ହେଲେ ଦୀର୍ଘ ସ୍ଥାୟୀ ହେବ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ:୯୯୩୭୪୫୦୫୪୦

# କଟକର ସାହିବାସିନ୍ଦା



ସୁଧାଂଶୁ ରଞ୍ଜନ ଦାସ

ଓଡ଼ିଶାର ସାଂସ୍କୃତିକ ଓ ବ୍ୟବସାୟିକ ରାଜଧାନୀ କଟକର ସାହିବାସିନ୍ଦାମାନେ ଆଜି ଅନେକ ସମସ୍ୟା ଭିତରେ ଗତିକରୁଛନ୍ତି। ଶହ ଶହ ବର୍ଷଧରି ଏହି ଏମାନେ କଟକର ଉନ୍ନତ ସାଂସ୍କୃତିକ ଓ ସାମାଜିକ ପରମ୍ପରାକୁ ବଞ୍ଚାଇ ରଖିବା ସହ କଟକରେ ବ୍ୟବସାୟ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଆସିଛନ୍ତି। ତେବେ ଭେଜାଲ ଖାଦ୍ୟ, ଖୋଲା ଜାଗାର ଅଭାବ, ଖୋଲା ନାଳ, କଂକ୍ରିଟ ଜଙ୍ଗଲର ବୃଦ୍ଧି, ଯାନବାହନ ସଂଖ୍ୟାରେ ଅତ୍ୟଧିକ ବୃଦ୍ଧି, ଜଳାଶୟଗୁଡ଼ିକର ବିଲୁପ୍ତୀକରଣ, ଫୁଟ୍‌ପାଥ୍‌ଗୁଡ଼ିକର ଅବରୋଧ, ଲୋକସଂଖ୍ୟାରେ ବୃଦ୍ଧି, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ଅବନତି ଇତ୍ୟାଦି କଟକର ସ୍ଥାୟୀ ବାସିନ୍ଦାମାନଙ୍କୁ ହନ୍ତସନ୍ତ କରିଦେଲାଣି। ଯଦି ଏହି ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ନ ହୁଏ କଟକ ଆଉ ମନୁଷ୍ୟ ରହିବା ଉପଯୋଗୀ ହେବନାହିଁ।

ଯଦିଓ କଟକରେ ଭେଜାଲ ଖାଦ୍ୟ ଓ ଅନ୍ୟାନ୍ୟ ଭେଜାଲ ବସ୍ତୁ ତିଆରି କରୁଥିବା କମ୍ପାନୀଗୁଡ଼ିକ ଉପରେ ସରକାର ମଝିରେ ମଝିରେ ଚଢ଼ାଉ କରୁଛନ୍ତି, କିନ୍ତୁ ଏହି ଭେଜାଲ ବସ୍ତୁଗୁଡ଼ିକର ବିକ୍ରି ଦିନକୁ ଦିନ ବଢ଼ି ଚାଲିଛି। ସାଧାରଣ ଲୋକ ଏହି ଭେଜାଲ ଖାଦ୍ୟ ଖାଇ ରୋଗରେ ପଡ଼ୁଛନ୍ତି। ଏଇସିଏମ୍‌ଆର୍‌ର ଏକ ସର୍ଭେ ଅନୁସାରେ ଭାରତର ସବୁ ସହର ମଧ୍ୟର କଟକର ଲୋକମାନେ ସର୍ବାଧିକ ଷ୍ଟ୍ରୋକ୍‌ର ଶିକାର ହୋଇଥାନ୍ତି। ଯକୃତ ଓ ବୃକ୍କ ରୋଗରେ କଟକର ଅନେକ ଲୋକ ମଧ୍ୟ ଆକ୍ରାନ୍ତ ହୋଇଥାନ୍ତି। କଟକକୁ ଭେଜାଲ ମୁକ୍ତ କରିବା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବା ଉଚିତ।

କଟକର ବିଡ଼ାନାସୀ ଓ କ୍ୟାଣ୍ଟନମେଣ୍ଟ ରୋଡ୍ ଅଞ୍ଚଳଗୁଡ଼ିକ ଛାଡିଦେଲେ କଟକର ଅନ୍ୟ ସବୁ ସାହିରେ ଖୋଲା ଜାଗା, ଖେଳ ପଡ଼ିଆ, ଜଳାଶୟ ଓ ସବୁଜିମା ପ୍ରାୟ ଲୋପ ପାଇଗଲାଣି। ଫଳରେ ଯୁବପିଢ଼ି ଖେଳକୁଦର ସୁଯୋଗ ପାଇ ସ୍ମାର୍ଟ ଫୋନ, କମ୍ପ୍ୟୁଟର ଗେମ୍ ଓ ମାନସିକ ବ୍ୟାଧିର ଶିକାର ହେଉଛନ୍ତି। ଚିନ୍ତା, ମେଣ୍ଟାଲ ଷ୍ଟ୍ରେସ୍ ଓ ଶାରୀରିକ ବ୍ୟାୟାମର ଅଭାବ ମସ୍ତିଷ୍କ ଆଘାତର ଏକ ପ୍ରମୁଖ କାରଣ ବୋଲି କୁହାଯାଏ। କର୍ତ୍ତୃପକ୍ଷ ପୂର୍ବ ଓ ଉତ୍ତର କଟକରେ ପ୍ରତି ୨୦୦୦ ପରିବାର ପାଇଁ ଗୋଟିଏ ସାର୍ବଜନୀନ ଖେଳପଡିଆର ପ୍ରାବଧାନ କରିବା ଦରକାର।

ଦରଦାମ୍ ବୃଦ୍ଧି ଓ ବେରୋଜଗାର କଟକବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। କଟକର ସ୍ଥାହିବାସିନ୍ଦା ଶହ ଶହ ବର୍ଷ ଧରି ନିଜ ଭିତରେ ଅନେକ କୌଶଳ ବିକାଶ କରିଛନ୍ତି। ରୁପା ତାରକସି କାମ, ମାଟି ମୂର୍ତ୍ତି କାମ, ଶିଙ୍ଗ କାମ ଓ ଅନେକ ସୁସ୍ୱାଦୁ ଖାଦ୍ୟ ତିଆରି କରିବାର କୌଶଳ କଟକକୁ ସାରା ଭାରତରେ ପ୍ରସିଦ୍ଧ କରିଛି। ଏହି କୌଶଳଗୁଡ଼ିକର ସୁରକ୍ଷା କରିବା ସଙ୍ଗେ ସଙ୍ଗେ ଏହାର ବିକ୍ରି ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି ହେଲେ ଅନେକ ରୋଜଗାର ସୃଷ୍ଟି ହେବ।



ସାହିବାସିନ୍ଦାଙ୍କ ଭିତରେ ବିଭିନ୍ନ କୌଶଳର ବିକାଶ, ଉନ୍ନତ କର୍ମ ସଂସ୍କୃତି, ଶୃଙ୍ଖଳା, ବ୍ୟବସାୟ କୌଶଳ ଓ ନିଜ ନିଜ ଭିତରେ ଭ୍ରାତୃଭାବ କଟକବାସୀଙ୍କ ପାଇଁ ଅନେକ ଆର୍ଥିକ ଗତିବିଧିର ସୁଯୋଗ ସୃଷ୍ଟି କରିବ। କଟକର ବିଭିନ୍ନ ସ୍ଥାନରେ ଥିବା ଜଳାଶୟଗୁଡ଼ିକର ସୁରକ୍ଷା କରାଯାଇ ସେଠାରେ ମାଛଚାଷ କରାଯିବା ସଙ୍ଗେ ସଙ୍ଗେ ପର୍ଯ୍ୟଟନର ବିକାଶ କରାଯାଇପାରିବ। ବାରବାଟୀ ଦୁର୍ଗର ଚାରିପାର୍ଶ୍ୱରେ ଥିବା ଗଡ଼ଖାଇ ଏକ ମନୋରମ ପର୍ଯ୍ୟଟନ ସ୍ଥଳ ହୋଇପାରିବ। ପର୍ଯ୍ୟଟନସ୍ଥଳଗୁଡ଼ିକର ବିକାଶ କଲାବେଳେ ଏହାର ପ୍ରାକୃତିକ ପରିବେଶକୁ ସୁରକ୍ଷିତ ରଖିବା ସହ ଏହି ସ୍ଥାନଗୁଡ଼ିକୁ ଅଦରକାରୀ କଂକ୍ରିଟ ଢାଞ୍ଚାରୁ ମୁକ୍ତ କରାଯିବା ଦରକାର। ସହରରେ ଥିବା ପୁରାତନ ମଠ ମନ୍ଦିରଗୁଡ଼ିର ପୁନରୁଦ୍ଧାର ହେବା ଉଚିତ ନୁହେଁ। କଟକର ସାମାଜିକ, ସାଂସ୍କୃତିକ ଓ ବ୍ୟବସାୟିକ ପରିବେଶର ବିକାଶ ପାଇଁ ସ୍ୱଚ୍ଛତାର ଆବଶ୍ୟକତା ଅଛି।

ପ୍ରଥମେ କର୍ତ୍ତୃପକ୍ଷ କଟକର ସାହିଗୁଡ଼ିକରେ ଥିବା ନାଳସବୁ ଠିକ୍ ଭାବରେ ମରାମତି କରି ଏହା ଉପରେ ସିମେଣ୍ଟ ସ୍ଲାବ ପକାଇବା ଦରକାର। ନିଜ ସାହିଗୁଡ଼ିକରେ କିପରି ଉତ୍ତମ ରାସ୍ତା ଓ ସ୍ୱଚ୍ଛ ପରିବେଶ ସୃଷ୍ଟିହେବ ସେଥିପାଇଁ ସାହିମୁରବିମାନେ କର୍ତ୍ତୃପକ୍ଷଙ୍କୁ ସହଯୋଗ କରିବା ସଙ୍ଗେ ସଙ୍ଗେ ସାହିବାସିନ୍ଦାମାନଙ୍କୁ ମାର୍ଗଦର୍ଶନ ଦେବା ଉଚିତ। ସାହିଗୁଡ଼ିକରେ ଥିବା ମନ୍ଦିର, ଖୋଲା ଜାଗା ଓ ଜଳାଶୟଗୁଡ଼ିକର ଯେପରି ଅପବ୍ୟବହାର ନ ହୁଏ ସେଥିପାଇଁ କର୍ତ୍ତୃପକ୍ଷ ଓ ସାହିମୁରବିମାନେ ସଜାଗ ରହିବା ଉଚିତ। ରାସ୍ତା ତିଆରି ବେଳେ ରାସ୍ତା ଉଚ୍ଚା କରାଯିବାରୁ ଅନେକ ସାହିରେ ଲୋକଙ୍କ ଘରେ ନଳା ପାଣି ପଶୁଛି। ରାସ୍ତା କଣ୍ଟ୍ରାକ୍ଟରମାନେ ରାସ୍ତା ଉଚ୍ଚା ନ କରି ପ୍ରଥମେ ରାସ୍ତାକୁ ଖୋଳି ଏହା ଉପରେ ପିଚୁ ରାସ୍ତା କରିବା ଉଚିତ। କେବଳ ଛୋଟ ଛୋଟ ଅଣଓସାରିଆ ଗଳିଗୁଡ଼ିକରେ ଟାଇଲ୍ ପକାଯାଇ ରାସ୍ତା କରାଯିବା ଦରକାର। କଟକରେ ଅନେକ ଟାଇଲ୍ ରାସ୍ତା ବର୍ଷେ ଭିତରେ ନଷ୍ଟ ହୋଇଯାଉଥିବାର ଦେଖାଯାଉଛି। ଟିକସଦାତାଙ୍କ ଅର୍ଥକୁ ଉପଯୁକ୍ତ ବିନିଯୋଗ କରିବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। କଟକବାସୀଙ୍କ ସୁରକ୍ଷା ପାଇଁ କର୍ତ୍ତୃପକ୍ଷ ଏହି ଲୋକମାନଙ୍କର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଉଚିତ। ଓଡ଼ିଶାର ବିଭିନ୍ନ ଗାଁରୁ ଲୋକମାନେ କଟକକୁ ରୋଜଗାର ପାଇଁ ଅନେକ ହଜାର ସଂଖ୍ୟାରେ ଆସୁଥିବାର ଦେଖାଯାଉଛି। ଗାଁଗୁଡ଼ିକରେ ରୋଜଗାର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରାଗଲେ ଲୋକେ ନିଜ ଗାଁ ଛାଡି ଆଉ ସହରମୁଖା ହେବେନାହିଁ।

ମୋ:୭୭୦୨୩୮୩୮୦

## ଏଇ ଭାରତରେ

ଗୁରୁଗ୍ରାମସ୍ଥିତ ଏକ ଆଶ୍ରୟସ୍ଥଳୀରେ ୧,୨୦୦ ଅସହାୟ ଲୋକଙ୍କୁ ରଖି ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି ଜାସ୍ କାଲ୍‌ରା। ଏହା ସହ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ମଧ୍ୟ ସେ ପୂରଣ କରୁଛନ୍ତି। ବର୍ତ୍ତମାନ ଜାସ୍‌ଙ୍କ ବୟସ ୨୫। ସେ ରାସ୍ତାକଡ଼ରେ ଅସହାୟ ଭାବେ ଜୀବନ ବିତାଉଥିବା ଲୋକଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀକୁ ଆଣୁଛନ୍ତି। ଏଠାରେ ୫,୦୦୦ ଲୋକ ରହିବା ଭଳି ବ୍ୟବସ୍ଥା ରହିଛି। ଏହା ବିଶ୍ୱର ସବୁଠୁ ବଡ଼ ମାଗଣାରେ ସେବା ଯୋଗାଉଥିବା ଆଶ୍ରୟସ୍ଥଳୀ। ଏହା 'ଆର୍ଥ ସର୍ଭାଇବର ଫାଉଣ୍ଡେଶନ' ଅଧୀନରେ ଚାଲୁଛି, ଯାହାର ମୁଖ୍ୟ ହେଉଛନ୍ତି ଜାସ୍। ଏହି ସଂସ୍ଥା ମାଧ୍ୟମରେ ମଧ୍ୟ ହସ୍ପିଟାଲ କିମ୍ବା ରାସ୍ତାରେ ମୃତ୍ୟୁ ଘଟୁଥିବା ପରିଚୟହୀନ ମୃତଦେହ ଦାହ କରାଯାଉଛି। ତେବେ ଜାସ୍ ଉଦ୍ଧାର କରୁଥିବା ବ୍ୟକ୍ତିଙ୍କ ପରିଚୟ ଖୋଜି ଅନେକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରୁଛନ୍ତି। ଏବେ ସୁଦ୍ଧା ୩୦୦୦ରୁ ଅଧିକ ଲୋକଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇ ସାରିଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଅଗଷ୍ଟ ୧୯୭୬

- ଆନ୍ନା ଆର୍. ମାଲହୋତ୍ରାଙ୍କ କେନ୍ଦ୍ର କୃଷି ମନ୍ତ୍ରଣାଳୟର ପ୍ରଥମ ମହିଳା ଅତିରିକ୍ତ ଶାସନ ସଚିବ ରୂପେ ଦାୟିତ୍ୱ ଗ୍ରହଣ।
- ପ୍ରସିଦ୍ଧ ଉର୍ଦ୍ଦୁ କବି ତଥା ଚଳଚ୍ଚିତ୍ର ପ୍ରଯୋଜକ ଜାନ ନିସାର ଅଖତରଙ୍କ ପରଲୋକ।
- ଭୀଷଣ ବର୍ଷାରେ ନୂଆଦିଲ୍ଲୀର ଏକ କୋଠାଘର ଭୁଶୁଡ଼ି ପଡ଼ିବାରୁ ୧୧ ମୃତ।

## ଚିରନ୍ତନୀ

ପଉଷ ଉଷା ଜିଣି ଶୀତ ତା'ର ପରଶଟି
କୁହେଳି ସମ ଛାୟା
ରଚି ମାୟା ଆସେ ଘୋଟି ।
ବହୁତ ସାଧନାର ଅଧରର ହାସ ଟିକ
ନିଭାଇ ଦେବା ପାଇଁ
ଆସେ ଧାଇଁ ସଜନି ଗୋ !
–(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | 1 | | | | | | |
| | | | 6 | | | | 3 | 5 |
| | 7 | | | 8 | | | | |
| | 6 | 2 | | | | | 9 | |
| | | | | | 7 | | | |
| 9 | | | | 2 | 5 | 4 | | |
| | 2 | 9 | | | 4 | | 5 | |
| | | | | | | | | |
| | | | 7 | 1 | | 6 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 1 | 4 | 9 | 6 | 8 | 5 | 7 |
| 5 | 7 | 6 | 2 | 8 | 3 | 9 | 1 | 4 |
| 9 | 8 | 4 | 7 | 5 | 1 | 6 | 3 | 2 |
| 8 | 5 | 3 | 6 | 7 | 4 | 2 | 9 | 1 |
| 1 | 6 | 9 | 5 | 3 | 2 | 4 | 7 | 8 |
| 2 | 4 | 7 | 8 | 1 | 9 | 3 | 6 | 5 |
| 4 | 1 | 2 | 3 | 6 | 7 | 5 | 8 | 9 |
| 7 | 3 | 8 | 9 | 2 | 5 | 1 | 4 | 6 |
| 6 | 9 | 5 | 1 | 4 | 8 | 7 | 2 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭୋଟ ଚୋରି ଓ କ୍ଷମତା ରାଜନୀତି

ମହାଶୟ,

ଦେଶ ଓ ରାଜ୍ୟଗୁଡ଼ିକର ସାଧାରଣ ନିର୍ବାଚନ ସମୟରେ ପ୍ରାର୍ଥୀ ଓ ରାଜନୈତିକ ଦଳଗୁଡ଼ିକ ନିର୍ବାଚନରେ ବହୁମତ ହାସଲ କରି କ୍ଷମତା ସିଂହାସନ ଦଖଲ କରିବା ପାଇଁ କଳାଧନ ଓ ବାହୁବଳର ପ୍ରୟୋଗ କରିବା ସହିତ ଭୋଟ ଚୋରି ମଧ୍ୟ କରୁଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସପ୍ରମାଣ କେନ୍ଦ୍ର ସରକାରଙ୍କ ବିରୋଧରେ ଭୋଟ ଚୋରିର ଅଭିଯୋଗ ଲଗାଇଛନ୍ତି, ଯାହାକି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଏହା ସତ୍ୟ ପ୍ରମାଣିତ ହୁଏ, ତେବେ ଦୁର୍ନୀତିଗ୍ରସ୍ତ ନେତ୍ରୀନେତାଙ୍କର ଅବସ୍ଥା ସାଙ୍ଘାତିକ ହୋଇଯିବ। ବର୍ତ୍ତମାନ ଦେଶର ବହୁଦେଶୀୟ କମ୍ପାନୀଗୁଡ଼ିକର ମାଲିକମାନେ କେତେକ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକୁ ସାଧାରଣ ନିର୍ବାଚନ ସମୟରେ ଅନେକ ହଜାର କୋଟି ଟଙ୍କାର କଳାଧନ ଦେଇ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରାଉଛନ୍ତି ଓ ସରକାର ଗଠନ ପରେ ଜନସାଧାରଣଙ୍କୁ ତତ୍କାଳୀନ ଶୋଷଣ କରୁଛନ୍ତି। ବର୍ତ୍ତମାନ ଦେଶର ନିର୍ବାଚନ କମିଶନ ସଂପୂର୍ଣ୍ଣ ନିରପେକ୍ଷ ଭାବେ କାର୍ଯ୍ୟ କରୁନାହିଁ ବୁଲି ଦେଶର ଜାତୀୟ କଂଗ୍ରେସ ଭାଜପା ସରକାର ବିରୋଧରେ ଅଭିଯୋଗ କରିବା ଉଦ୍‌ବେଗଜନକ। ସୁତରାଂ, ଦେଶର କେନ୍ଦ୍ର ସରକାର ଭାରତବର୍ଷର ସମସ୍ତ ଜନସାଧାରଣଙ୍କୁ ଏନେଇ ତୁରନ୍ତ ସ୍ପଷ୍ଟୀକରଣ ଦେବା ଉଚିତ। ଦେଶର ସର୍ବୋଚ୍ଚ ଅଦାଲତ ମଧ୍ୟ ଲୋକ ସଭାର ବିରୋଧୀ ଦଳ ନେତାଙ୍କ ଭୋଟ ଚୋରି ଅଭିଯୋଗର ତର୍ଜମା କରିବା ଦରକାର।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ପିରହାଟ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ୪ ୱାର୍ଡକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ

ଖଡ଼ିଆଳ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ରାନୀମୁଣ୍ଡା ଗ୍ରାମପଞ୍ଚାୟତର ୪ ୱାର୍ଡକୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ହୋଇଛି। ଏହିସବୁ ୱାର୍ଡରେ ପ୍ରାୟ ୨୦୦ ପରିବାର ବସବାସ କରୁଥିବା ବେଳେ ଶୁଦ୍ଧ ପାନୀୟ ଜଳ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ୱାର୍ଡବାସୀ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରିଥିଲେ। ଶେଷରେ ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ତିଖାଲି ଡ୍ୟାମ୍ ଜଳକୁ ବିଶୁଦ୍ଧୀକରଣ କରାଯାଇ ଗ୍ରାମକୁ ପାନୀୟ ଜଳ ଯୋଗାଣ ହୋଇଛି।

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଘଟଣା: ୨ ଗିରଫ

ଥୁଆମୂଳ ରାମପୁର,୧୯।୮(ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଥାନା ଅଧୀନ କଲମ ପଞ୍ଚାୟତ ତେନ୍ଦୁଲିପଡ଼ାର ଧରଣୀଧର ନାଏକ(୩୦)ଙ୍କୁ ଗତ ୯ତାରିଖରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସୋମବାର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭବାନୀପାଟଣା ପୁରୁଣା ପଡାର ଧନେଷ୍ଟି ଗଉଡ(୩୨) ଓ ଦାବ୍ରିଗୁଡା ଗ୍ରାମର ସୁଶୀଲ ଗଉଡ(୪୨)। ସୂଚନାଯୋଗ୍ୟ ଯେ ଗତ ୯ ତାରିଖ ରାତିରେ ଧରଣୀଧରଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶେଷରେ ଅଭିଯୁକ୍ତ ଦ୍ୱୟଙ୍କୁ କର୍ଲାପାଟ ପୋଲିସ ଗିରଫ କରି ଏକ ମାମଲା (ନଂ.୨୨/୨୫) ରୁଜୁକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ଧରଣୀଙ୍କୁ ପୂର୍ବ ଶତ୍ରୁତାରୁ ଟାଙ୍ଗିଆରେ ହାଣି ପଥରରେ ଛେଚି ହତ୍ୟା କରିଥିବା ପୋଲିସ ଆଗରେ କହିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀକାନ୍ତ କୋଲକା ସୂଚନା ଦେଇଛନ୍ତି।



ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଧାରଣାରେ ବସିଛନ୍ତି।

# ଧାରଣାରେ ବସିଲେ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ

ନୂଆପଡ଼ା,୧୯।୮ (ମକାରୁ ବେମାଲ)

ପଦୋନ୍ନତିରେ ଅବହେଳା କରାଯାଉଥିବା ଅଭିଯୋଗ କରି ନୂଆପଡ଼ା ଜିଲାରେ କାର୍ଯ୍ୟରତ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ମଙ୍ଗଳବାରଠାରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ସେମାନଙ୍କ ଅଭିଯୋଗକ୍ରମେ ୧୬ ବର୍ଷ ହେବ ଜିଲାରେ ୯୨ ଜଣ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ

### ପଦୋନ୍ନତିରେ ଅବହେଳା

ସ୍ୱାସ୍ଥ୍ୟସେବା ଯୋଗାଇଆସୁଛନ୍ତି। ହେଲେ ସରକାର ସେମାନଙ୍କୁ ଲେଭଲ ୨ରୁ ଲେଭଲ ୧କୁ ପଦୋନ୍ନତି ଦେବାରେ ଅବହେଳା କରୁଛନ୍ତି । ୨୦୨୪ ଡିସେମ୍ବର ୨୧ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଚିଠିସଂଖ୍ୟା ୩୫୦୦୨ରେ ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏଥିରେ ଜାନୁଆରୀ ଶେଷ ସୁଦ୍ଧା ଡିପିସି ବୈଠକ କରି ସେମାନଙ୍କୁ ପଦୋନ୍ନତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ଜୁଲାଇ ୨୯ରେ ଡିପିସି ବୈଠକ ହୋଇଥିଲେ ମଧ୍ୟ ପଦୋନ୍ନତି ଉପରେ ଆଲୋଚନା ହୋଇ ନ ଥିବା ଜଣାପଡିଛି। ବର୍ତ୍ତମାନ ରାଜ୍ୟର ୨୯ ଜିଲାରେ ସ୍ୱାସ୍ଥ୍ୟ କର୍ମୀତ୍ମାନେ ପଦୋନ୍ନତି ହୋଇ ସାରିଛନ୍ତି। କିନ୍ତୁ ନୂଆପଡା ଜିଲାରେ ପ୍ରଶାସନିକ ଅବହେଳା ଯୋଗୁ ହୋଇ ପାରୁନାହିଁ। ଏହାର ପ୍ରତିବାଦରେ ସେମାନେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିବୁ ବୋଲି କର୍ମକର୍ତ୍ତା ଚେତାଇ ଦେଇଛନ୍ତି। ଧାରଣାରେ ଜିଲା ସଭାପତି ବିକାଶ କୁମାର ସିଂ, ସମ୍ପାଦକ ସୁନୀଲ କୁମାର ଅଗସ୍ତି, ରାଜ୍ୟ ସମ୍ପାଦକ ଶ୍ରୀନିବାସ ସାହୁ, ଗୌରାଙ୍ଗ ଶବର, ମଳୟ ଖମାରୀ, ଗିରିଧାରୀ ଲାଲ ଦେବାଙ୍ଗନ, ଅମିତ ସିଂଦେଓ, ଜିତେଶ କୁମାର ପଣ୍ଡା, ଝାଲି କୁମାର ମାଝି, ସୌମ୍ୟରଞ୍ଜନ ପାଢୀ ପ୍ରମୁଖ ସାମିଲ ହୋଇଛନ୍ତି ।

## ବସ୍‌ଷ୍ଟାଣ୍ଡରେ ମହିଳା, ପୁରୁଷ ଶୌଚାଳୟ ବନ୍ଦ

ଭବାନୀପାଟଣା,୧୯।୮(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ନୂତନ ବସ୍‌ଷ୍ଟାଣ୍ଡରେ ଥିବା ଉଭୟ ମହିଳା ଓ ପୁରୁଷ ଶୌଚାଳୟର ମଳ ପାଇପ୍ ଜାମ ହେବା ଯୋଗୁ ବନ୍ଦ କରାଯାଇଛି। ଏପରିସ୍ଥଳେ ଶୌଚାଳୟ କାମ ଚାଲିଛି ଓ ପଛପଟେ ଥିବା ଶୌଚାଳୟ ବ୍ୟବହାର କରନ୍ତୁ ବୋଲି କବାଟରେ ଲେଖା ହୋଇଛି। ଏକସମୟରେ ଉଭୟ ମହିଳା ଓ ପୁରୁଷ ଶୌଚାଳୟ ବନ୍ଦ କରିଦେବା ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳାମାନେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ବାଧହୋଇ ବସ୍ ପଛପଟକୁ ଯାଇ ଶୌଚ ହେଉଥିବା ଜଣାପଡିଛି। ଯଦି ମଳ ପାଇପ୍ ଖରାପ କିମ୍ବା ଜାମ୍ ହୋଇଛି ତା'ହେଲେ ଗୋଟିଏକୁ ସଜାଡ଼ିବା ପରେ ଆଉ ଗୋଟିଏ ମରାମତି କରାଯାଇ ପାରିଥାନ୍ତା ବୋଲି ଲୋକେ ମତ ଦେଉଛନ୍ତି। ହେଲେ ଟେଣ୍ଡର ନେଇଥିବା ସଂସ୍ଥା

### ଦିବ୍ୟାଙ୍ଗ ଶୌଚାଳୟରେ ଯାତ୍ରୀଙ୍କ ଲମ୍ବା ଧାଡ଼ି



ଉଭୟ ମହିଳା ଓ ପୁରୁଷ ଶୌଚାଳୟ କବାଟ ବନ୍ଦ କରି କାମ ଚାଲୁଛି ବୋଲି ଲେଖିଦେଇ ନିଜ କାମ ସାରିଦେଇଛନ୍ତି। ଅନ୍ୟପଟେ ମଳ ପାଇପ୍ ଜାମ ହୋଇଥିବା ଶୌଚାଳୟରେ ଭିନ୍ନକ୍ଷମଙ୍କ ପାଇଁ ଥିବା ଶୌଚାଳୟରେ ପୁରୁଷ ଯାତ୍ରୀଙ୍କ ଲମ୍ୱାଧାଡ଼ି ଲାଗୁଥିବା ଦେଖିବାକୁ ମିଳିଛି। ଏ ନେଇ ଟେଣ୍ଡର ନେଇଥିବା ସଂସ୍ଥାକୁ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

### ମେହେର ଜୟନ୍ତୀ, କବିତା ପାଠୋତ୍ସବ

ନୂଆପଡ଼ା,୧୮।୮ (ମକାରୁ ବେମାଲ) : ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ମିଶନ ଶକ୍ତି ସଭାଗୃହଠାରେ ମାରାଗୁଡା ସାହିତ୍ୟ ସଂସଦ ଆନୁକୂଲ୍ୟରେ ମେହେର ଜୟନ୍ତି ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସେବା ନିବୃତ୍ତ ଅଧକ୍ଷ ତଥା ସଂସଦର ଉପଦେଷ୍ଟା ପ୍ରାଧ୍ୟାପକ ଡ. ଅଶୋକ ପଟ୍ଟନାୟକଙ୍କ ଅଧକ୍ଷତାରେ କବି ରାଜ କିଶୋର ଭୋଇ ମୁଖ୍ୟ ଅତିଥି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଲଠୋର ଓଡିଆ ବିଭାଗ ଅଧ୍ୟାପକ ଡ. ନାରାୟଣ ପ୍ରଧାନ ଆଲୋଚକ ଭାବରେ ଯୋଗ ଦେଇଥିଲେ। କବି, ଗବେଷକ ପ୍ରଦୀପ ଦାଶ ମୁଖ୍ୟବକ୍ତା ଓ କବି, ନାଟ୍ୟକାର ତଥା ନିର୍ଦ୍ଦେଶକ ଅମିୟ କୁମାର ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟ ଓ ରଚନା ଅତୁଳନୀୟ ବୋଲି କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାଧ୍ୟାପକ ରବୀନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ କବି ଭ୍ରମରବର ବିଶ୍ୱାଳ, ପ୍ରମୋଦିନୀ ପଣ୍ଡା, ସତ୍ୟପ୍ରିୟା ପଟ୍ଟନାୟକ, ବିଭୂତି ଭୂଷଣ ପାଣିଗ୍ରାହୀ, ପ୍ରତିମା ରାଜ, ଦୀପିକା ହୋତା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦ ସମ୍ପାଦକ ସୁଶାନ୍ତ ମୁଣ୍ଡ କାର୍ଯ୍ୟକ୍ରମ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ୟାକରଣ ହିଁ ଭାଷାକୁ ଶୃଙ୍ଖଳିତ କରେ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଭବାନୀପାଟଣା,୧୯।୮(ଉତ୍ତମ କୁମାର ଦାଶ)

### ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗରେ ସୋମବାର ବ୍ୟାକରଣ ଶାସ୍ତ୍ରସ୍ୟ ମହତ୍ତ୍ୱମ ଶୀର୍ଷକରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅଧକ୍ଷତା କରି ବ୍ୟାକରଣ ଶାସ୍ତ୍ରର ଉପଯୋଗିତା ସମ୍ପର୍କରେ ମତ ରଖିଥିଲେ। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରଫେସର ଡ. ମନୋରଞ୍ଜନ ଶତପଥି ବକ୍ତା ଭାବେ ଯୋଗଦେଇ ବ୍ୟାକରଣ ଶାସ୍ତ୍ରର ମହତ୍ତ୍ୱ ସମ୍ପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ବ୍ୟାକରଣ ହିଁ ଭାଷାକୁ ଶୃଙ୍ଖଳିତ କରେ, ଯଦ୍ୱାରା ଭାଷା ସୁଦୃଢ ଓ ବଳିଷ୍ଠ ହୋଇଥାଏ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତ ବିଭାଗ ମୁଖ୍ୟ ମେଜର ଡ. ଜୟଦେବ ସାହୁ, ଉତ୍କଳ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ସହକାରୀ ପ୍ରଫେସର ଡ. ନିରଞ୍ଜନ ଶବର, ମନୋଜ ସାହୁ, ରାଜରାଜେଶ୍ୱରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସଂସ୍କୃତ ବିଭାଗର ସହକାରୀ ପ୍ରଫେସର ଡ. ଆବର୍ତ୍ତ ହରିଜନ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଅତିଥି ଅଧ୍ୟାପକ ଡ. ଠାକୁର ରଣା ମଞ୍ଚ ପରିଚାଳନା। ଅତିଥି ଅଧ୍ୟାପକ ପ୍ରହଲ୍ଲାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବକ୍ତା ଛାତ୍ରୀଛାତ୍ରଙ୍କ ଜିଜ୍ଞାସା ମୋଚନ କରିଥିଲେ।

### ୧ କି.ମି. ଚାଲି ଆମ୍ବୁଲାନ୍ସ ପାଖକୁ ଗଲେ ଗର୍ଭବତୀ

ଲାଞ୍ଜିଗଡ଼,୧୯।୮(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ମେଲବାହାଲି ବଣ୍ଡେଲ ପରେ ସୋମବାର ରାତିରେ ପୁଣି ଏକ ଜନନୀ ଯନ୍ତ୍ରଣାର ଚିତ୍ର ସାମ୍ନାକୁ ଆସିଛି। ରାସ୍ତା ସମସ୍ୟା ଯୋଗୁ ଜଣେ ଗର୍ଭବତୀ ୧ କି.ମି. ଚାଲିଚାଲି ଆମ୍ବୁଲାନ୍ସ ପାଖକୁ ଯାଇଥିଲେ। ସୂଚନାକ୍ରମେ ବିଳମ୍ବିତ ରାତିରେ ଏହି ଗ୍ରାମର ମିଶ୍ର ମାଝୀଙ୍କ ସ୍ତ୍ରୀ କାଞ୍ଚ ମାଝୀଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଗ୍ରାମବାସୀ ଆମ୍ବୁଲାନ୍ସ ଡକାଇଥିଲେ। ହେଲେ ରାସ୍ତା ନ ଥିବାରୁ ଗାଁଠାରୁ ଏକ କି.ମି. ଦୂରରେ ଆମ୍ବୁଲାନ୍ସ ଅଟକି ରହିଥିଲା। ଗ୍ରାମବାସୀଙ୍କ ସହାୟତାରେ ମିଶ୍ର ତାଙ୍କ ସ୍ତ୍ରୀଙ୍କୁ ଚଲାଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ୨୦କି.ମି. ଦୂର କଲ୍ୟାଣସିଂହପୁର ଡାକ୍ତରଖାନା ନିଆଯାଇଥିଲା। ପୂର୍ବରୁ ଗତ ଜୁଲାଇ ୯ ତାରିଖରେ ଭବାନୀପାଟଣା ସଦର ବ୍ଲକ ଯୁଗସାଇ ପାଟଣା ପଞ୍ଚାୟତ କଡରୁସୋରୁ ଗାଁର ସାନଲାକ୍ସା ମାଝୀଙ୍କ ସ୍ତ୍ରୀ ଆନ୍ଦ୍ରାଣୀ ମାଝୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା। ହେଲେ ରାସ୍ତା ଶୋଚନୀୟ ଯୋଗୁ ଆମ୍ବୁଲାନ୍ସ ୪କି.ମି. ଦୂର କମଲେଇ ଗାଁ ନିକଟରେ ଅଟକି ରହିଥିଲା। ଗ୍ରାମବାସୀଙ୍କ ସହଯୋଗରେ ପରିବାର ଲୋକେ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ।

ADMISSION NOTICE-2025

Centre for Distance & Online Education (DDCE, Utkal University)

Centre for Distance and Online Education (CDOE)
(D.D.C.E., UTKAL UNIVERSITY)
BHUBANESWAR-751010
UTKAL UNIVERSITY NAAC A+

Management & Computer Science Courses
(NOC from AICTE, New Delhi)

- Bachelor of Business Administration (3 Years)
- Master of Business Administration (2 Years)
- Master of Computer Application (2 Years)

(Contact MBA / BBA- 9437103110 / MCA - 9437074110 during office hour )

POST GRADUATE COURSES

- M.Com.
- M.S.W.
- M.A. in Odia
- M.A. in Hindi
- M.A. in History
- M.A. in English
- M.A.in Public Administration
- M.A. in Political Science
- M.A. in Economics
- M.A. in Sanskrit
- M.A. in Sociology
- M.A. in Education

(For more contact - 9437156110 during office hour )

Salient Features.
- Online Admission Process
- Free Registration & No charges for appearing admission test for Mgt. & Comp. Sc. Courses.
- Provision for Online verification of forms & online payment

For Course details, availability of seats, eligibility, fees structure, selection process and important date lines visit our website : www.ddceutkal.ac.in

Last Date of Admission Extended to : 20.09.2025

DIRECTOR

# ଗାଁକୁ ଯାଇ ତଦନ୍ତ କଲେ ବ୍ଲକ୍ ଶିକ୍ଷା ଅଧିକାରୀ

କର୍ଲାମୁଣ୍ଡା,୧୯।୮(ପ୍ରଦୀପ କୁମାର ସାହୁ)



ଗାଁ ଲୋକଙ୍କ ସହ ଆଲୋଚନା କରୁଛନ୍ତି ଅଧିକାରୀ।

### ଧରିତ୍ରୀ ପ୍ରଭାବ

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ୨୪ ବିଦ୍ୟାଳୟକୁ ତତ୍କାଳୀନ ରାଜ୍ୟ ସରକାର କମ୍ ଛାତ୍ରୀଛାତ୍ର ଥିବା କାରଣରୁ ୨୦୨୦ ମସିହାରେ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ଫଳରେ ବ୍ଲକର ଅନେକ ଗାଁର ଛାତ୍ରୀଛାତ୍ର ବିପଦପୂର୍ଣ୍ଣ ଭାବେ ଦୂର ସ୍ଥାନକୁ ଯାଇ ପାଠ ପଢୁଥିବା ନେଇ ଗତ ୬ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ବ୍ଲକ ଶିକ୍ଷା ବିଭାଗର ତତ୍ପରତା ପ୍ରକାଶ ପାଇଥିଲା। ମଙ୍ଗଳବାର ବ୍ଲକ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୋପମଣୀ ସାହୁ, ରେଙ୍ଗାଲି ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ ପ୍ରମୁଖ ବିଦ୍ୟାଳୟ ବନ୍ଦ ରହିଥିବା ଜୋରାଡ଼ବରା ପଞ୍ଚାୟତର ହଜାରିପଡା ଓ ବୋରପଦର ପଞ୍ଚାୟତର କେର୍ଣ୍ଣାପଲା ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ଉପସ୍ଥିତିରେ ବିଦ୍ୟାଳୟ ପୁଣି ଥରେ ଖୋଲାଯିବା ନେଇ ସ୍ଥିତି ପରଖିଥିଲେ। ଏ ନେଇ ବିଇଓ ପଣ୍ଡାଙ୍କୁ ପଚାରିବାରୁ ତଦନ୍ତ ରିପୋର୍ଟ ଜିଲା ପ୍ରଶାସନକୁ ଦିଆଯିବ। ସରକାରଙ୍କ ନିୟମ ଅନୁସାରେ ପ୍ରଶାସନ ଯାହା କରିବା କଥା କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, କେର୍ଣ୍ଣାପଲା ବିଦ୍ୟାଳୟ ବନ୍ଦ ହେବା ପରେ ଗାଁର ଶିଶୁମାନେ ବିପଦପୂର୍ଣ୍ଣ ଭାବେ ୩ କି.ମି. ଦୂର ୫୯ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ମ. ରାମପୁର ବ୍ଲକର ଟୁର୍ଚ୍ଛି ବିଦ୍ୟାଳୟକୁ ଯାଉଛନ୍ତି। ସେହିପରି ହଜାରିପଡାର ଛାତ୍ରୀଛାତ୍ର ୫୯ ନମ୍ବର ଜାତୀୟ ରାଜପଥ ଦେଇ କୁର୍ଶୁର୍ଲା ବିଦ୍ୟାଳୟକୁ ଯାଉଛନ୍ତି। ଏହି ୨ ଗାଁରେ ପୁଣି ଥରେ ବିଦ୍ୟାଳୟ ଖୋଲାଯିବାକୁ ହଜାରିପଡାର ସ୍ୱେଚ୍ଛାସେବୀ ସନତ କୁମାର ସାହୁ, ତ୍ରିଲୋଚନ ସାହୁ, କେର୍ଣ୍ଣାପଲାର ବଳଭଦ୍ର ମାଝୀ, ସତ୍ୟାନନ୍ଦ ସାହୁ, ପରମେଶ୍ୱର ସାହୁ, ତରୁଣ ସାହୁ, ଦେବେନ୍ଦ୍ର ସାହୁ, ଥବିର ସାହୁ, ବିକ୍ରମ ସାହୁ ପ୍ରମୁଖ ପ୍ରଶାସନକୁ ଅନୁରୋଧ କରିଛନ୍ତି।

### ଆସ ସ୍କୁଲ ଯିବା ଅଭିଯାନ ପଦଯାତ୍ରା

ବେହେରା, ୧୯।୮(ଭୂପେଶ ତିୱାରୀ) : ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଅଧାରୁ ପାଠ ଛାଡିଥିବା କିମ୍ବା ଆଦୌ ନାମ ଲେଖାଇ ନ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବେହେରା ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ଆସ ସ୍କୁଲ ଯିବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ରୀଡ଼ା ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସ୍କୁଲ ଛାତ୍ରୀଛାତ୍ର ପଦଯାତ୍ରାରେ ସହର ପରିକ୍ରମା କରି ଜନସଚେତନା ସୃଷ୍ଟି କରିଥିଲେ। ଏଥିସହ ସ୍କୁଲ ପରିସରରେ ପ୍ରଧାନ ଶିକ୍ଷକଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ଅଭିଭାବକ-ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇ ଆସ ସ୍କୁଲ ଯିବା ଅଭିଯାନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ବିଦ୍ୟାଳୟ ସାଇକେଲ ଷ୍ଟାଣ୍ଡରେ ପାଠପଢ଼ା



ପିଲାମାନେ ସାଇକେଲ ଷ୍ଟାଣ୍ଡରେ ପାଠ ପଢୁଛନ୍ତି।

ଜୁନାଗଡ଼, ୧୯।୮(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ବ୍ରାହ୍ମଣୀଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବରୁ ସାଇକେଲ ଷ୍ଟାଣ୍ଡରେ ଛାତ୍ରୀଛାତ୍ରଙ୍କୁ ପାଠ ପଢାଯାଉଛି। ୧୮୮୬ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟର ଅନେକ କୋଠରି ଭାଙ୍ଗିଯିବା ସ୍ଥିତିରେ ରହିଛି। ଫଳରେ ଷଷ୍ଠ, ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷକମାନେ ସାଇକେଲ ଷ୍ଟାଣ୍ଡରେ ପାଠ ପଢାଇବାକୁ ବାଧ ହେଉଛନ୍ତି। ଖରା, ବର୍ଷାରେ ମଧ୍ୟ ପିଲାମାନେ ସାଇକେଲ ଷ୍ଟାଣ୍ଡର ଟିଣ ଛାତ ତଳେ ପାଠ ପଢୁଥିବା ଛାତ୍ରୀଛାତ୍ର ଓ ଅଭିଭାବକ ଅଭିଯୋଗ ଆଣିଛନ୍ତି। ପରିତାପର ବିଷୟ ହେଉଛି, ନୂତନ ସ୍କୁଲ ଗୃହ ପାଇଁ ମୋ ସ୍କୁଲ ଯୋଜନାରେ ଅନୁଦାନ ଆସିଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନାହିଁ। ଏହାକୁ ନେଇ ଗ୍ରାମବାସୀ ତଥା ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଭୀମସେନ ପ୍ରଧାନଙ୍କ କହିବା ଅନୁସାରେ ମୋ ସ୍କୁଲ ଯୋଜନାରେ ୬ ଲକ୍ଷ ଟଙ୍କାରେ ସ୍କୁଲ ଗୃହ ନିର୍ମାଣ ଆରମ୍ଭ ହୋଇ ଅଧାରେ ଅଟକି ରହିଛି। ଏ ସମ୍ପର୍କରେ ଜୁନାଗଡ଼ ବ୍ଲକ ଶିକ୍ଷାଧିକାରୀ ତପନ ମାଝୀଙ୍କୁ ପଚାରିବାରୁ ପିଲାମାନଙ୍କ ପାଠ ପଢାରେ ଯେଭଳି ବ୍ୟାଘାତ ସୃଷ୍ଟି ନ ହେବ ସେ ଉପରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

DSPL-214

ଟେଣ୍ଟ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟେ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୭/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।

ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0028/2526

# ସୁରକ୍ଷା ନାରୀର ମୌଳିକ ଅଧିକାର

## ସ୍ୱୟଂସିଦ୍ଧା ନାରୀଶକ୍ତି

**ସୋନପୁର,୧୯।୮ (ମୃତ୍ୟୁଞ୍ଜୟ ଶତପଥୀ)**

ନାରୀ ସଶକ୍ତିକରଣ ପାଇଁ ସୋନପୁର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟରେ ଏକ ସଚେତନତା ଅଭିଯାନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହିଳା ସୁରକ୍ଷା ବାର୍ତ୍ତା ନେଇ ସୁବର୍ଣ୍ଣପୁର ଜିଲା ପୋଲିସ ପକ୍ଷରୁ ସ୍ୱୟଂସିଦ୍ଧା ନାରୀଶକ୍ତି ନାମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସୁବର୍ଣ୍ଣପୁର ଭାରତ ବିକାଶ ପରିଷଦ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଘଟଣା ପରେ ଏଭଳି ସଚେତନତା ଅଭିଯାନ ଆରମ୍ଭ ହୋଇଛି। ସୁରକ୍ଷା ନାରୀର ମୌଳିକ ଅଧିକାର, ତେଣୁ ଛାତ୍ରୀମାନେ ସଚେତନ ହେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଜିଲାପାଳ ଡ଼ ନୃପରାଜ ସାହୁ ମତପ୍ରକାଶ କରିଥିଲେ। ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷା ଓ ଆତ୍ମବିଶ୍ୱାସ ବୃଦ୍ଧି ନେଇ ଆଲୋଚନା କରିଥିଲେ। ଭାରତ ବିକାଶ ପରିଷଦ ଜିଲା ଶାଖା ସଭାପତି ଦୁର୍ଯ୍ୟୋଧନ ସାହୁ ଏଥିରେ ଅଧକ୍ଷତା କରିଥିଲେ। ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜ ଅଧକ୍ଷା ରୀତାରାଣୀ ପୂଜହାରୀ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟ ଅଧାପକ ମଦନ ସୁନ୍ଦର ଖେତି ସଭା ପରିଚାଳନା କରିଥିଲେ। ମହିଳାମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି, ଆଇନ ବିଷୟରେ ସଚେତନତା ଏବଂ ସେମାନଙ୍କ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଆଲୋଚନା ହୋଇଥିଲା। ଡିଏସ୍‌ପି ରେଣୁକା ସୁନା, ରାଜେଶ୍ୱରୀ ଭୋଇ, ଅଧାପିକା ତଥା ସମାଜସେବୀ ସୁନନ୍ଦା ସାହୁ, ଆଇନଜୀବୀ ନନ୍ଦିନୀ ଶତପଥୀ ଓ ମଧୁମିତା ପରମଗୁରୁ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧମରେ ସେମାନଙ୍କର ସନ୍ଦେହ ଦୂର କରିଥିଲେ । ଭାରତ ବିକାଶ ପରିଷଦର ସଦସ୍ୟ କ୍ଷୀରୋଦ ମେହେର, କବିତା ପଧାନ, ଶ୍ରଦ୍ଧାଞ୍ଜଳି ମିଶ୍ର, ପ୍ରମୋଦ କୁମାର ସାହୁ, ଦାମୋଦର ପଣ୍ଡା, ଜ୍ୟୋର୍ତିମୟ ମିଶ୍ର, ପଦ୍ମଲୋଚନ ମିଶ୍ର, ପ୍ରତିମା ରଥ, ହରିଶଙ୍କର ମିଶ୍ର, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ ଓ ଗୀତାଞ୍ଜଳି ମିଶ୍ରଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ ଓ ଛାତ୍ରୀଛାତ୍ର ଏଥିରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ବନ୍ଦେ ମାତରମ ଗାନରୁ ଆରମ୍ଭ ହୋଇ ଜାତୀୟ ସଙ୍ଗୀତ ଗାନରେ ଶେଷ ହୋଇଥିଲା । ସ୍ମିତାରାଣୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



ସୋନପୁର କଲେଜରେ ଆୟୋଜିତ ସଚେତନତା ଅଭିଯାନ ସଭାରେ ଅତିଥିମାନେ।

# କାଶୀନାଥ ମହାବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ ପାଳିତ


ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

**ଡୁଙ୍ଗୁରିପାଲି,୧୯।୮ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ପହଣ୍ଡି କାଶୀନାଥ ମହାବିଦ୍ୟାଳୟରେ ଗଙ୍ଗାଧର ମେହେର ଜୟନ୍ତୀ ଅଧାପିକା ନିତୁ ବିଶ୍ୱାଳଙ୍କ ସଭାପତିତ୍ୱ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡୁଙ୍ଗୁରିପାଲି ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧାପକ ଯୋଗଦାନ ଲକ୍ଷଣ ଭୁଏ, ସମ୍ମାନିତ ଅତିଥିଭାବେ ଅଧାପିକା ସାଇସ୍ମିତା ବରାଇ ଯୋଗଦେଇଥିଲେ। ବଲାଙ୍ଗୀର ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟ ଓଡ଼ିଆ ଅଧାପକ ସିଦ୍ଧାନ୍ତ ଦାସ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଅତିଥିମାନେ ଗଙ୍ଗାଧର ମେହେରଙ୍କୁ ଜଣେ ଚରମ ସାରସ୍ୱତ ସାଧକଭାବେ ଅଭିହିତ କରିଥିଲେ। ତାଙ୍କ ରଚିତ କାବ୍ୟଗୁଡିକରେ ସମାଜରେ ନାରୀ ଅଧିକାର, ସ୍ୱାଧୀନତା ଓ ସମ୍ମାନ ବିଷୟରେ ବର୍ଣ୍ଣନା କରାଯାଇଛି ବୋଲି କହିଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧାପିକା ଚନ୍ଦ୍ରମା ବିଶ୍ୱାଳ। ଅଧାପିକା ଦିଲେଶରୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି,୧୯।୮ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ମିଶନ ଶକ୍ତି ତରଫରୁ ବିଜୁଳି, ଘଡ଼ଘଡି ଓ ବଜ୍ରପାତ ସୁରକ୍ଷା ନିମିତ୍ତ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ପଞ୍ଚାୟତର ସମସ୍ତ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ ନେଇ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏମବିକେ ଗୀତାଞ୍ଜଳି ଜେନା ଯୋଗଦେଇ ବିଜୁଳି, ଘଡଘଡି ଓ ବଜ୍ରପାତରୁ କିପରି ନିଜକୁ ସୁରକ୍ଷା କରିପାରିବା ସେନେଇ ସଚେତନତା ବାର୍ତ୍ତା ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତ ର କେନଝିରିଆପାଲି, ତେଲିପାଲି, ଖଇରମାଲ ଅମାତପାଲି, ଜଟିଆପାଲି, ବାଘରଟେଲା, ହୀରାପାଲିର ମହିଳାମାନଙ୍କୁ ନେଇ ସଚେତନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପୁଲେଶ୍ୱର, କଦଳିପାଲି, ବଳିପାଲି, ରୁଗୁଡ଼ିପାଲି, ଅଚଣ୍ଡା ଗ୍ରାମର ମହିଳାମାନଙ୍କୁ ସଚେତନ କରାଯାଇଥିଲା। ଶିବିରରେ ପଞ୍ଚାୟତ ସ୍ତରୀୟ ସଂଘ ସଭନେତ୍ରୀ, ସମ୍ପାଦିକା, ସମସ୍ତ ସିଆରପି, ଇସି ସଭ୍ୟା ସମେତ ଶତାଧିକ ମହିଳା ଯୋଗଦେଇଥିଲେ। ସଭାନେତ୍ରୀ ଅଞ୍ଜଳି କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।


ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।

# ସମାଜସେବା, ରକ୍ତଦାନ ଉପରେ ଗୁରୁତ୍ୱ

## ଯୁବ ରେଡକ୍ରସ ଜିଲା କାର୍ଯ୍ୟକାରିଣୀ ବୈଠକ



ଯୁବ ରେଡକ୍ରସ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।

**ସୋନପୁର,୧୯।୮ (ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ମହାବିଦ୍ୟାଳୟରେ ଯୁବ ରେଡକ୍ରସର ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ରେଡକ୍ରସ କାର୍ଯ୍ୟକାରିଣୀ କମିଟି ସଭାପତି ତଥା ସୋନପୁର ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ରାଜୀବ ଲୋଚନ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ମାଷ୍ଟର ଟ୍ରେନର ଡ଼. ସତ୍ୟନାରାୟଣ ହୋତା, ସମ୍ମାନିତ ଅତିଥି ସୋନପୁର ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼. ସୌରଭ ରଞ୍ଜନ ଖମାରି ଯୋଗଦାନ କରି ସମାଜ ସେବା ତଥା ରକ୍ତଦାନ କ୍ଷେତ୍ରରେ ଯୁବ ରେଡକ୍ରସକୁ ଆଗେଇ ନେବା ପାଇଁ ଆହ୍ୱାନ କରିଥିଲେ। ଜିଲା ଯୁବ ରେଡ଼କ୍ରସ ଆବାହକ ସମ୍ପାଦକ ଉମାକାନ୍ତ ନାଗ ବାର୍ଷିକ ବିବରଣୀ ପାଠ କରିଥିଲେ। ଜିଲରେ ନୂତନ ଭାବେ ଖୋଲିଥିବା ମହାବିଦ୍ୟାଳୟଗୁଡିକରେ ନୂତନ ଯୁବ ରେଡକ୍ରସ ଶାଖା ଖୋଲିବା, ବିଭିନ୍ନ ସଚେତନାତ୍ମକ କାର୍ଯ୍ୟକ୍ରମ ଅୟୋଜନ କରିବା, ରେଡ଼କ୍ରସର ବାର୍ଷିକ ଦେୟ ପୈଠ କରିବା ପାଇଁ ଜିଲା ଯୁବ ରେଡକ୍ରସ ସଂଯୋଜକ ବିଶ୍ୱନାଥ ମିଶ୍ର ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲାର ୪୦ଗୋଟି ଉଚ୍ଚ ମାଧମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଅଧକ୍ଷ ତଥା ପରାମର୍ଶଦାତାମାନେ ଯୋଗଦାନ କରିଥିଲେ। ଜିଲାସ୍ତରୀୟ ଯୁବ ରେଡକ୍ରସ ଶିକ୍ଷା ତଥା ପ୍ରଶିକ୍ଷଣ ଶିବିର ରାମପୁର ପଞ୍ଚାୟତ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟଠାରେ କରିବାକୁ ସ୍ଥିର ହୋଇଛି। ସୋନପୁର ମହାବିଦ୍ୟାଳୟ ଯୁବ ରେଡକ୍ରସ ପରାମର୍ଶଦାତା ତଥା ଇଂଲିଶ ବିଭାଗ ଅଧାପିକା ନର୍ମଦା ଛେତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

**ADMISSION NOTICE-2025**

Centre for Distance & Online Education (DDCE, Utkal University)

Centre for Distance and Online Education (CDOE)
(D.D.C.E., UTKAL UNIVERSITY)
BHUBANESWAR-751010
UTKAL UNIVERSITY NAAC A+

Management & Computer Science Courses
(NOC from AICTE, New Delhi)

- Bachelor of Business Administration (3 Years)
- Master of Business Administration (2 Years)
- Master of Computer Application (2 Years)

(Contact MBA / BBA- 9437103110 / MCA - 9437074110 during office hour )

POST GRADUATE COURSES

- M.Com.
- M.S.W.
- M.A. in Odia
- M.A. in Hindi
- M.A. in History
- M.A. in English
- M.A.in Public Administration
- M.A. in Political Science
- M.A. in Economics
- M.A. in Sanskrit
- M.A. in Sociology
- M.A. in Education

(For more contact - 9437156110 during office hour )

Salient Features.
- Online Admission Process
- Free Registration & No charges for appearing admission test for Mgt. & Comp. Sc. Courses.
- Provision for Online verification of forms & online payment

For Course details, availability of seats, eligibility, fees structure, selection process and important date lines visit our website : www.ddceutkal.ac.in

Last Date of Admission Extended to : 20.09.2025

DIRECTOR

# ଶିଶୁ ସୁରକ୍ଷା, ଶିଶୁ ଅଧିକାର ସଚେତନତା କାର୍ଯ୍ୟକ୍ରମ


ଓଏଭିରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**ବୀରମହାରାଜପୁର,୧୯।୮ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଆଇସିଡ଼ିଏସ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରକଳ୍ପ ସଂଯୋଜକ ସୁଜିତ କୁମାର ମିଶ୍ରଙ୍କ ନେତୃତ୍ୱରେ ଶିଶୁ ସୁରକ୍ଷା ଟୋଲ ଫ୍ରି ନମ୍ବର ୧୦୯୮କୁ କିଭଳି ଭାବରେ ବ୍ୟବହାର କରି ପାରିବେ ସେ ବିଷୟରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ ଏବଂ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲା। ଜିଲା ପ୍ରକଳ୍ପ ସଂଯୋଜକ ମିଶ୍ର, ଚାଇଲ୍ଡ ହେଲ୍ପଲାଇନ କାଉନସିଲର୍ ସୁଧୀର କୁମାର ଦାସ , ସୁପରଭାଇଜର୍ ଧର୍ମେନ୍ଦ୍ର ଦାସ ଏବଂ ରୋଜୀ ଶା, ପ୍ରଶାନ୍ତ ମହାକୁଡ, କାଉନସିଲର୍ ଗୌତମ ମହାପାତ୍ର ଶିଶୁମାନଙ୍କ ସମଗ୍ର ଆଇନର କାର୍ଯ୍ୟକାରିତା ବିଷୟରେ ବୁଝାଇଥିଲେ। ଶିଶୁ ତା' ଅଧିକାର ପାଇବା ସହ ଯେପରି ନିର୍ଯାତନାର ଶିକାର ନ ହେବେ ସେ ନେଇ ସୂଚନା ଦେବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା।

# ଆନ୍ଦୋଳନ ଜୋର୍‌ଦାର କରିବାକୁ ପ୍ରସ୍ତୁତି

## ସୁବର୍ଣ୍ଣପୁରରେ ରାଜସ୍ୱ ଅମଲା ସଂଘର ସମାବେଶ



ଆନ୍ଦୋଳନର ନବମ ଦିନରେ ସଂଘ ରାଜ୍ୟ ସଭାପତି ଓ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

**ସୋନପୁର,୧୯।୮ (ମୃତ୍ୟୁଞ୍ଜୟ ଶତପଥୀ)**

ଦାବି ପୂରଣ ପାଇଁ ସମୂହ ଛୁଟିରେ ଅଛନ୍ତି ରାଜସ୍ୱ ଅମଲାମାନେ। ମଙ୍ଗଳବାର ଆନ୍ଦୋଳନ ନବମ ଦିନରେ ପହଞ୍ଚିଛି। ଏହିକ୍ରମରେ ଅମଲା ସଂଘ ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ସ୍ଥାନୀୟ ଏନଜିଓସିସି ସଭାଗୃହରେ ଆନ୍ଦୋଳନର ଆଗମୀ କାର୍ଯ୍ୟପନ୍ଥା ଓ ରୂପରେଖକୁ ନେଇ ସଂଘର ଏକ ଜିଲାସ୍ତରୀୟ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଓ ରାଜ୍ୟ ଆକ୍ସନ କମିଟି ଅଧକ୍ଷ ପ୍ରସନ୍ନ କୁମାର ନାଏକ ଯୋଗଦେଇ ଆମ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାଧାରଣ ଜନତା ଯେଉଁ ହଇରାଣ ହରକତ ହେଉଛନ୍ତି, ସେଥିପାଇଁ ଆମେ ଦୁଃଖିତ। ତେବେ ଏଥିପାଇଁ ସରକାର ହିଁ ଦାୟୀ ବୋଲି କହିଥିଲେ। ସରକାରଙ୍କ ଯୋଜନା ସବୁକୁ ଅମଲାମାନେ ତୃଣମୂଳ ଯାଏ ପହଞ୍ଚାଇବାରେ ସର୍ବଦା ପ୍ରମୁଖ ଭୂମିକା ନେଇ ଆସିଛନ୍ତି। ସରକାର ଚାହିଁଲେ ଆନ୍ଦୋଳନର ତୁରନ୍ତ ସମାଧାନ ହୋଇପାରିବ। କିନ୍ତୁ ଧମକପୂର୍ଣ୍ଣ ଭାବେ ନୁହେଁ ଆଲୋଚନା ମାଧମରେ ସମାଧାନ ହେଉ ବୋଲି ରାଜ୍ୟ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସରକାର ଚାହିଁଲେ ଆମେ ମଧ ଦିନେ ଦୁଇ ଦିନ ଭିତରେ ଏହାର ସମାଧାନ ପାଇଁ ଚେଷ୍ଟିତ ଅଛୁ ବୋଲି ସାହୁ ଓ ନାଏକ ଗଣମାଧମ ପ୍ରତିନିଧିଙ୍କୁ କହିଛନ୍ତି। ଏହି ସମାବେଶରେ ରାଜସ୍ୱ ଅମଲା ସଂଘ ରାଜ୍ୟ ମୁଖ୍ୟ ପରାମର୍ଶଦାତା ସୁଧାକର ମହାପାତ୍ର, ରାଜ୍ୟ ଉପସଭାପତି ସୁରେନ୍ଦ୍ର ବାବୁ, ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ସୁବର୍ଣ୍ଣପୁର ରାଜସ୍ୱ ଅମଲା ସଂଘ ଅଧକ୍ଷ ନୀଳାମ୍ବର ଶତପଥୀ, ବଲାଙ୍ଗୀର ସମ୍ପାଦକ ରତିକାନ୍ତ ପୁରୋହିତ, ନବରଙ୍ଗପୁର୍ ସଭାପତି କୈଳାଶ ଚନ୍ଦ୍ର ଦାଶ, କୋରାପୁଟ ଅମଲା ସଂଘ ସମ୍ପାଦକ ମୋନୋଜ ବାରିକ ପ୍ରମୁଖ ଏହି ସମାବେଶରେ ଉପସ୍ଥିତ ରହି ସ୍ୱମତ ରଖି ସମସ୍ତେ ଏକାଠି ହୋଇ ଲଢ଼ିବାକୁ ଆହ୍ୱାନ ଦେଇଥିଲେ। ସୁବର୍ଣ୍ଣପୁର ଜିଲା ସଭାପତି ଜ୍ୟୋତିରଞ୍ଜନ ଦାନୀ, ସମ୍ପାଦକ ବନମାଳୀ ମେହେର, କାର୍ଯ୍ୟକାରୀ ସଭାପତି ସିତେଶ ପୂଜାହରୀ, ଜିତେନ ଦୀପ, ଶିବଦତ୍ତ ଦାଶ, ଦିନେଶ ମିଶ୍ର, ଗିରିଧାରୀ ହୋତା ଓ ଜ୍ୟୋତିପ୍ରକାଶ ସାହୁ ଉପସ୍ଥିତ ଥିଲେ।

DSPL-214

**ଟେଣ୍ଟ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ**

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟେ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍କୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0028/2526

## କାରକୁ ପଛପଟୁ ଧକ୍କା ଦେଲା ଟ୍ରେଲର

**ବଡ଼ଗାଁ, ୧୯।୮ (ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ମହାବୀର ଛକଠାରେ ଥିବା ରାସ୍ତା ଅତିକ୍ରମ ସ୍ଥାନରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଏକ ଟ୍ରେଲର କାର୍ ପଛରେ ଧକ୍କା ଦେବାରୁ ରାଉରକେଲାର ତିନି ଜଣ କପଡା ବ୍ୟବସାୟୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ ରାଉରକେଲାର କମଳ କାନ୍ତଙ୍କ ସହିତ ଗୁଜୁରାଟ ସୁରତର ରବି ଶର୍ମା ଓ ଅନିଶ ଗୁପ୍ତା ପୂର୍ବାହ୍ନରେ ବଡ଼ଗାଁକୁ କପଡା ଦୋକାନୀମାନଙ୍କ ପାଖକୁ ଆସିଥିଲେ। ଦୋକାନୀମାନଙ୍କୁ କପଡା ଦେଲାପରେ ମହାବୀର ଛକରେ ରାଉରକେଲା ପଟକୁ ଯିବାପାଇଁ କାର ବୁଲାଇଲାବେଳେ ପଛପଟୁ ଆସୁଥିବା ଟ୍ରେଲର ଧକ୍କା ଦେଇଥିଲା। ଟ୍ରେଲର ବାରିକେଟ ଭାଙ୍ଗି ବିପରୀତ ପାର୍ଶ୍ୱକୁ ଚାଲି ଯାଇଥିଲା। ତେବେ ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ରାସ୍ତାରେ ଜଳୁ ନ ଥିବା ଲାଇଟ ଜଳାଇବା, ବେରିକେଟ ଦେବା ଓ ଗତି ନିୟନ୍ତ୍ରଣ ଲଗାଇବାକୁ ଦାବି କରିଥିଲେ। ଲୋକେ ଏକ ଘଣ୍ଟା ରାସ୍ତା ଅବରୋଧ କରି ଦାବି ଜଣାଇଥିଲେ। ପୋଲିସ ସବଇନ୍ସପେକ୍ଟର ଖଗପତି ବିଶାଳ, ଏଏସ୍ଆଇ ବିଜୟ କର ବୁଝାସୁଝା କରିବା ପରେ ଲୋକେ ରାସ୍ତା ଅବରୋଧରୁ କ୍ଷାନ୍ତ ହୋଇଥିଲେ।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗର୍ଜିଲେ ଖ୍ରୀଷ୍ଟିଆନ ସମୁଦାୟ

### ରାଷ୍ଟ୍ରପତି, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ସୁନ୍ଦରଗଡ, ୧୯।୮ (ଜୟନାରାୟଣ ମେଣ୍ଡୁଲି)**

ଖ୍ରୀଷ୍ଟିଆନ ସମ୍ପ୍ରଦାୟଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରତିବାଦ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟଙ୍କ ସୁରକ୍ଷା ଦାବିରେ ମଙ୍ଗଳବାର ରାଜରାସ୍ତାରେ ଗର୍ଜିଛନ୍ତି ଖ୍ରୀଷ୍ଟିଆନ ସମାଜ। ସୁନ୍ଦରଗଡ଼ ଖ୍ରୀଷ୍ଟିଆନ କାଉନସିଲ ପକ୍ଷରୁ ହଜାର ହଜାର ଖ୍ରୀଷ୍ଟିୟନ ସମ୍ପ୍ରଦାୟର ଲୋକେ ଏକ ବିଶାଳ ରାଲିରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ,ଦେଶରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଉପରେ ବିଭିନ୍ନ ସମୟରେ ମିଥ୍ୟା ଆରୋପ ଲଗାଇ ଗିରଫ କରିବା ଏବଂ ମିଥ୍ୟା ଧର୍ମାନ୍ତରିକରଣ ବିରୋଧରେ ଅଭିଯୋଗ କରି ସମ୍ପ୍ରଦାୟର ଲୋକଙ୍କୁ ନିର୍ଯାତନା ଦେବା ଓ ଅତ୍ୟାଚାର କରିବା ଆଦି ଅଭିଯୋଗ କରାଯାଇଛି। ଏଣୁ ଏହି ସମୁଦାୟର ନିରାପତ୍ତା ଓ ସୁରକ୍ଷା ଯୋଗାଇ ଦେବା ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଛନ୍ତି।

## ଗୋରୁ ଚାଲାଣବେଳେ ପିକ୍ଅପ୍‌ରେ ଲାଗିଲା ନିଆଁ

**କୁତ୍ରା, ୧୯।୮ (ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ନିକଟରେ ଗୋରୁ ଚାଲାଣ ବେଳେ ପିକ୍ଅପ ଗାଡ଼ିରେ ନିଆଁ ଲାଗିଯାଇଛି। ମଙ୍ଗଳବାର ଭୋର ୪ଟାରେ ଖଡକୁରବାହାଲରୁ ଗୋରୁ ବୋଝେଇ ଯାଉଥିବା ପିକ୍ଅପ ଗାଡ଼ି ଓଡି୧୪ଡବ୍ଲ୍ୟୁ ୫୭୦୭ କୁତ୍ରା ଥାନା ଅନ୍ତର୍ଗତ ରାଞ୍ଚିରୋଡ଼ ନିକଟସ୍ଥ ଜଗନ୍ନାଥ ଢାବା ପାଖରେ ଠିଆ ହୋଇଥିବାବେଳେ ହଠାତ ନିଆଁ ଲାଗି ଜଳିଯାଇଥିଲା। ଖବରପାଇ ଅଗ୍ନିଶମ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତଥାପି ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲା। ଗାଡ଼ିରେ ବୋଝେଇ ଅଣାଯାଉଥିବା ସମସ୍ତ ଗୋରୁ ସୁରକ୍ଷିତ ରହିଛନ୍ତି। ତେବେ ଗାଡ଼ି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଥିବା ଜଣାପଡିଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗାଡିଟି କୌଣସି କାରଣ ଯୋଗୁ ଆପେ ଜଳିଛି ନା ଆଉ କେହି ଜାଳି ଦେଇଛି ତାହା ଜଣାପଡିନାହିଁ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ଏହାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି ଥାନା ଅଧିକାରୀ ଲୋକେଶ୍ୱର ସାହୁ। ଗତ କିଛି ଦିନ ଧରି କୁତ୍ରାରେ ଲଗାତାର ଗୋଚାଲାଣ ଘଟଣା ସାମ୍ନାକୁ ଆସୁଛି। କେବେ ଗୋରୁ ବୋଝେଇ ଗାଡି ଓଲଟି ପଡିବା ସହିତ ଗାଡିରୁ ବନ୍ଧୁକ ଜବତ ହେବା,କେବେ ପୋଲିସ ଗୋଡ଼ାଇ ଗୋଡ଼ାଇ ଗୋଚାଲାଣକାରୀଙ୍କୁ ଧରିବା, ଆଉ କେବେ ଗୋରୁ ବୋଝେଇ ପିକଅପ ଜଳିଯିବା ଭଳି ଘଟଣା ଘଟୁଛି।



ପିକ୍ଅପ ଗାଡ଼ି ଜଳିଯାଇଛି।

# ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ପାଳିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସୁନ୍ଦରଗଡ, ୧୯।୮ (ଜୟନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ରେଭେନ୍ୟୁ କଲୋନୀ ସ୍ଥିତ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘର ସଭାଗୃହରେ ଇବ ସାହିତ୍ୟ ପରିବାରର ଉଦ୍‌ଘାଟନୀ ଉତ୍ସବ ତଥା ଓଡ଼ିଶାର ସ୍ୱନାମଧନ୍ୟ ଶବ୍ଦନୃତ୍ୟ ଶିଳ୍ପୀ ସ୍ୱର୍ଗତ ଗୁରୁ ଭଗବାନ ସାହୁଙ୍କର ଜୟନ୍ତୀ ରବିବାର ଅପରାହ୍ନରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସଂଘର ସଭାପତି ଦୁର୍ଗାମାଧବ ପଟେଲ ମୁଖ୍ୟ ଅତିଥି, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡ଼ାର ପ୍ରାକ୍ତନ ଅଧ୍ୟକ୍ଷ ଡ଼ ନରେନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା ମନ୍ଦାକିନୀ ଶତପଥି ମୁଖ୍ୟବକ୍ତା ଭାବେ ଯୋଗଦେଇ ଶବ୍ଦନୃତ୍ୟ, ନାଟ୍ୟକଳା, କୋଶଳୀ ସଙ୍ଗୀତ ଓ ସର୍ବ ଭାରତୀୟ ସ୍ତରରେ ଗୋଟିଏ ଦିନ ନୂଆଖାଇ ପାଳନ ପ୍ରତି ଗୁରୁ ଭଗବାନ ସାହୁଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଇବ ସାହିତ୍ୟ ପରିବାରର ସଭାପତି ଡ଼ ଚିରବ୍ରତ ଦତ୍ତ ଗୁରୁ ଭଗବାନ ସାହୁଙ୍କ ଜୀବନ ଓ ତାଙ୍କ ସାନିଧ୍ୟରେ ଥିବା ସମୟରେ ତାଙ୍କର ଅଭିଜ୍ଞତା ବିଷୟରେ ରୋଚକ ବିବରଣୀ ପ୍ରଦାନ କରିଥିଲେ। ଜୀବେଶ୍ୱରୀ ପଟେଲ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସୁଷମା ପଟେଲ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପୁଷ୍ପଲତା ପାଣିଗ୍ରାହୀ ଓ ନୀତମ୍ବିନୀ କରଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ରୁକ୍ମଣୀ ବାଦି, ଚିନ୍ମୟୀ କଣ୍ଟା, ସମରେନ୍ଦ୍ର ଠାକୁର, କୃଷ୍ଣଚନ୍ଦ୍ର ପଟେଲ, ଅସିତ ଦେଓ, ସୁରଭି ପଟେଲ, ଶ୍ୟାମାପଦ ମିଶ୍ର, ନୀତମ୍ବିନୀ କର, ଜୀବେଶ୍ୱରୀ ପଟେଲ, ସୁଷମା ପଟେଲ ଓ ପୁଷ୍ପଲତା ପାଣିଗ୍ରାହୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପରିଶେଷରେ ସଂଘର ଉପସଭାପତି ଗୁଣନିଧି ମହାନ୍ତି ଧନ୍ୟବାଦ ପ୍ରସ୍ତାବ ଅର୍ପଣ କରିଥିଲେ।

## ଦିପାଳୀ ସାହୁ ମୃତ୍ୟୁ ଘଟଣାର ନ୍ୟାୟ ଦାବିକରି କ୍ୟାଣ୍ଡେଲ ଶୋଭାଯାତ୍ରା



ଦିପାଳୀ ସାହୁଙ୍କ ନ୍ୟାୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା।

**କୁତ୍ରା, ୧୯।୮ (ଦେବାଶିଷ ସାହୁ)**

କୁତ୍ରା ବାସିନ୍ଦା ଅଶୋକ ସାହୁଙ୍କ ଝିଅ ଦିପାଳୀ ସାହୁ ଗତ ୧୩ ତାରିଖରେ ନିଜ ଶ୍ୱଶୁର ଘର ରାୟପୁରର ମୋତିନଗରଠାରେ ମୃତ୍ୟୁବରଣ କରିଥିଲେ। ଏହି ମୃତ୍ୟୁ ଘଟଣାକୁ ଦିପାଳୀଙ୍କ ଶ୍ୱଶୁର ଘର ପରିବାର ଆତ୍ମହତ୍ୟା କହୁଥିବା ବେଳେ ବାପା ଅଶୋକ ସାହୁଙ୍କ ପରିବାର ପକ୍ଷରୁ ଦିପାଳୀଙ୍କୁ ତାଙ୍କ ସ୍ୱାମୀ ଅଙ୍କିତ ଗୁପ୍ତା ଓ ତାଙ୍କ ପରିବାର ସଦସ୍ୟ ମିଶି ହତ୍ୟା କରିଥିବା ନେଇ ରାୟପୁରର ଟିକ୍ରାପଡା ଥାନାରେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ଦୀପାଳୀଙ୍କୁ ନ୍ୟାୟ ପ୍ରଦାନ ତଥା ଅଭିଯୁକ୍ତ ଅଙ୍କିତ ଗୁପ୍ତା ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗିରଫ ଦାବିରେ ପରିବାର, ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ଦୀପାଳୀ ସାହୁ (୨୮) ଗତ ବର୍ଷ ନଭେମ୍ବର ମାସ ୨୨ରେ ରାୟପୁର ଟିକ୍ରାପଡା ଥାନା ଅନ୍ତର୍ଗତ ମୋତିନଗରର ରାମ କୁମାର ଗୁପ୍ତାଙ୍କ ପୁଅ ଅଙ୍କିତ ଗୁପ୍ତାଙ୍କୁ ସାମାଜିକ ରୀତନୀତି ଅନୁସାରେ ବିବାହ କରିଥିଲେ। ୧୩ ତାରିଖ ସକାଳ ପ୍ରାୟ ସାଢେ ୯ ଟାରେ ଅଶୋକ ସାହୁଙ୍କ ନିକଟକୁ ଦିପାଳୀ ମୃତ୍ୟୁବରଣ କରିଥିବା ନେଇ ଫୋନ ଆସିଥିଲା। ସଙ୍ଗେ ସଙ୍ଗେ କୁତ୍ରାରୁ ଅଶୋକ ସାହୁଙ୍କ ପରିବାରର ଯାଇ ସେଠାରେ ପହଞ୍ଚିବା ପରେ ସମସ୍ତ ପରିସ୍ଥିତିକୁ ନିରୀକ୍ଷଣ କରିବା ପରେ ତଥା ଦିପାଳୀଙ୍କୁ ପୂର୍ବରୁ ତାଙ୍କ ଶଶୁର ଘର ପକ୍ଷରୁ ଦିଆଯାଉଥିବା ଯୌତୁକ ନିର୍ଯାତନା ଯୋଗୁଁ ଟିକ୍ରାପଡ଼ା ଥାନାରେ ଅଙ୍କିତ ଗୁପ୍ତା ଓ ତାଙ୍କ ପରିବାର ବିରୋଧରେ ଦିପାଳୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରଯାଇଥିଲା। ସନ୍ଧ୍ୟାରେ ଦୀପାଳୀଙ୍କୁ ନ୍ୟାୟ ତଥା ଅଭିଯୁକ୍ତ ଅଙ୍କିତ ଗୁପ୍ତାଙ୍କ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗିରଫ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ କରଯାଇଥିଲା।

**ADMISSION NOTICE-2025**

Centre for Distance & Online Education (DDCE, Utkal University)

Centre for Distance and Online Education (CDOE)
(D.D.C.E., UTKAL UNIVERSITY)
BHUBANESWAR-751010
NAAC A⁺

Management & Computer Science Courses
(NOC from AICTE, New Delhi)

- Bachelor of Business Administration (3 Years)
- Master of Business Administration (2 Years)
- Master of Computer Application (2 Years)

(Contact MBA / BBA- 9437103110 / MCA - 9437074110 during office hour)

POST GRADUATE COURSES

- M.Com.
- M.S.W.
- M.A. in Odia
- M.A. in Hindi
- M.A. in History
- M.A. in English
- M.A.in Public Administration
- M.A. in Political Science
- M.A. in Economics
- M.A. in Sanskrit
- M.A. in Sociology
- M.A. in Education

(For more contact - 9437156110 during office hour)

Salient Features.
- Online Admission Process
- Free Registration & No charges for appearing admission test for Mgt. & Comp. Sc. Courses.
- Provision for Online verification of forms & online payment

For Course details, availability of seats, eligibility, fees structure, selection process and important date lines visit our website : www.ddceutkal.ac.in

Last Date of Admission Extended to : 20.09.2025

DIRECTOR

# ନେପାଳ ଇସ୍ପାତ ଶିଳ୍ପ ସହିତ ସମ୍ପର୍କ ସୁଦୃଢ କରିଛି ସେଲ୍

**ରାଉରକେଲା, ୧୯।୮ (ବିପ୍ଳବ ରଜନ ଦାଶ)**

ଭାରତ ଏବଂ ଏହାର ସୀମା ବାହାର ଗ୍ରାହକଙ୍କ ସହିତ ସମ୍ପର୍କ ବୃଦ୍ଧି କରିବାର ନିରନ୍ତର ପ୍ରୟାସ ଦିଗରେ ସେଲ୍‌ର ଅନ୍ତର୍ଜାତୀୟ ବାଣିଜ୍ୟ ବିଭାଗ ଗତ ୧୩ ତାରିଖରେ ନେପାଳର କାଠମାଣ୍ଡୁରେ ଏକ ଗ୍ରାହକ ସମ୍ମିଳନୀ ଆୟୋଜନ କରିଥିଲା। ସେଲ୍ ଅର୍ଥ ବିଭାଗ ନିର୍ଦ୍ଦେଶକ ଏବଂ ବାଣିଜ୍ୟ ବିଭାଗ ନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱରେ ଥିବା ଡକ୍ଟର ଏ. କେ, ପଣ୍ଡାଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀ ନେପାଳ ଇସ୍ପାତ ଶିଳ୍ପର ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଫଳପ୍ରଦ ଆଲୋଚନା କରିଥିଲେ। ଏହା ନେପାଳକୁ ସେଲ୍ ଇସ୍ପାତର ରପ୍ତାନୀ ବୃଦ୍ଧି ପାଇଁ ପଥ ପ୍ରସ୍ତୁତ କରିଥିଲା। ଆର୍‌ଏସ୍‌ପି ପିପିସି ବିଭାଗର ସିଜିଏମ୍ ସୁଶ୍ରୀ ସୁନୀତା ସିଂହ ଗ୍ରାହକମାନଙ୍କ ସହିତ ଆଲୋଚନା କରିଥିଲେ।

# ଡିଗ୍ରୀ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ

**ବଡ଼ଗାଁ, ୧୯।୮ (ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ପ୍ରଜାପିତା ବ୍ରହ୍ମ କୁମାରୀ ଆଶ୍ରମ ତରଫରୁ ଏକ ନିଶା ମୁକ୍ତ ଭାରତ ଅଭିଯାନ ସମାପନ ହୋଇଛ। କଲେଜର ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମ କୁମାରୀ ଆଶ୍ରମର କାର୍ଯ୍ୟକର୍ତ୍ତା ବାଣେଶ୍ୱର ଭାଇ ଛାତ୍ରୀଛାତ୍ରମାନଙ୍କୁ ଆଧ୍ୟାତ୍ମିକ ଚିନ୍ତନ, କାର୍ଯ୍ୟକଳାପରେ କିପରି ମାନବ ଜୀବନ ପରିପୁଷ୍ଟ ହୋଇପାରିବ ଓ ଚାରିତ୍ରିକ ପରିବର୍ତ୍ତନ ଆସିପାରିବ ସେ ନେଇ ମାର୍ଗଦର୍ଶନ ଦେଇଥିଲେ। ବ୍ରହ୍ମକୁମାରୀ ଜ୍ୟୋତ୍ସ୍ନା ଭଉଣୀ ଶିକ୍ଷା ଅନୁଷ୍ଠାନ ଗୁଡିକରେ ଭୌତିକ ଜ୍ଞାନ ସହିତ ଆତ୍ମିକଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମନ ଓ ଶରୀର ଶାନ୍ତ ଓ ସ୍ଥିର ରହିଲେ ହିଁ ନିଶା ନିବାରଣ ହୋଇପାରିବା ସହିତ ସାମାଜିକ ଅବସ୍ଥାରେ ସୁଧାର ଆସିପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ମାଳବିକା ସାମଲ, ଅଧ୍ୟାପକ ସୁଶାନ୍ତ ବିଶି, ତାପସ କର, ଲକ୍ଷ୍ମୀକାନ୍ତ ସାହୁଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, କର୍ମଚାରୀ ନିଶାଠାରୁ ଦୂରେଇ ରହିବାକୁ ଶପଥ ନେଇଥିଲେ।



ନିଶାଠାରୁ ଦୂରେଇ ରହିବାକୁ ଶପଥ ନେଉଛନ୍ତି।

## ସ୍ତ୍ରୀ ଟାଙ୍ଗିଆ ମାଡରେ ସ୍ୱାମୀଙ୍କ ମୃତ୍ୟୁ ଘଟଣା: ଫେରାର ଅନ୍ୟ ଅଭିଯୁକ୍ତ ଗିରଫ

**ରାଜଗାଙ୍ଗପୁର, ୧୯।୮ (ଅଶୋକ ପାଣି)**

ସୁନ୍ଦରଗଡ ଜିଲା ଢେଙ୍ଗୁରପାଣି ଗ୍ରାମରେ ଗତ ୯ତାରିଖ ରାତିରେ ସ୍ତ୍ରୀଙ୍କ ଟାଙ୍ଗିଆ ମାଡରେ ସ୍ୱାମୀଙ୍କ ମୃତ୍ୟୁ ଘଟଣାରେ ସ୍ତ୍ରୀ ସିଙ୍ଗି ଲାକ୍ରା ଶୁକ୍ରବାର ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ଏହି ଘଟଣାରେ ସଂପୃକ୍ତ ଫେରାର ଥିବା ଲୁଧାବସାର ଦିବ୍ୟାଙ୍ଗ (ମୁକ ଓ ବଧିର) ଡଲେ ଧନୱାର (୩୭)ଙ୍କୁ ରାଜଗାଙ୍ଗପୁର ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବିଜୟ ଦାସ ପ୍ରଦାନ କରିଛନ୍ତି।

# ସିଆଇଏସ୍ଏଫ୍ ଯବାନଙ୍କ ଦାଦାଗିରି


ଏନ୍‌ଟିପିସି ମୁଖ୍ୟ ଫାଟକ ସମ୍ମୁଖରେ ସ୍ଥାନୀୟ ଜନସାଧାରଣ ସମବେତ ହୋଇଛନ୍ତି।

**ସୁନ୍ଦରଗଡ, ୧୯।୮ (ଜୟନାରାୟଣ ମେଣ୍ଡୁଲି)**

- ଏନ୍‌ଟିପିସି ଦର୍ଲିପାଲିରେ ଉତ୍ତେଜନା
- କାର୍ଯ୍ୟାନୁଷ୍ଠାନ ଦାବିରେ ଠିକା ଶ୍ରମିକଙ୍କ ଧାରଣା

ସୁନ୍ଦରଗଡ ଜିଲା ଦର୍ଲିପାଲି ଏନ୍‌ଟିପିସିରେ ଠିକା କର୍ମଚାରୀଙ୍କ ଉପରେ ସେଠାରେ ଥିବା କେନ୍ଦ୍ରିୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସ୍ଏଫ) ଯବାନଙ୍କ ଦାଦାଗିରିକୁନେଇ ସେଠାରେ ମଙ୍ଗଳବାର ଉତ୍ତେଜନା ଦେଖାଯାଇଥିଲା। କେତେ ଜଣ ସିଆଇଏସ୍ଏଫ ଯବାନ ଏନଟିପିସି ଦର୍ଲିପାଲିର ପାୱାର ପ୍ଲାଣ୍ଟରେ ଏକ ଠିକା ସଂସ୍ଥା ଅଧିନରେ ଠିକା ଶ୍ରମିକ ଭାବେ କାମ କରୁଥିବା ୭ଜଣଙ୍କୁ ନିହୁକ ମାଡ ମାରିଥିଲେ। ପ୍ଲାଣ୍ଟ ପରିସରରେ ଚୋରି ସନ୍ଦେହରେ ଏହି ନିର୍ଦ୍ଦୋଶ ଶ୍ରମିକମାନଙ୍କୁ ମରଣାନ୍ତକ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ପ୍ରତିବାଦ କରିବା ସତ୍ତ୍ୱେ ଯବାନଙ୍କ ଏଭଳି କାର୍ଯ୍ୟ ବିରୋଧରେ ସେଠାରେ କାର୍ଯ୍ୟରତ ଠିକା ଶ୍ରମିକ ଓ ସ୍ଥାନୀୟ ଗ୍ରାମବାସୀ ଏନଟିପିସି ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ସମ୍ପୃକ୍ତ ସିଆଇଏସ୍ଏଫ ଯବାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଠିକା ଶ୍ରମିକଙ୍କ ସୁରକ୍ଷା ଦାବି କରି ଏହି ଧାରଣା ଜାରିରହିଛି। ଅପରପକ୍ଷରେ ସିଆଇଏସଏଫର କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ହେଲେ ଦର୍ଲିପାଲି ଫାଣ୍ଡି ଓ ଭଷ୍ମା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରି ବୁଝାସୁଝା କରୁଛନ୍ତି। ଆହତମାନଙ୍କୁ ପୋଲିସ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଛି। ହେଲେ ଏ ସମ୍ପର୍କରେ ଭଷ୍ମା ଥାନାରେ ବର୍ତ୍ତମାନ ସୁଦ୍ଧା କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା ପ୍ରକାଶ କରିଛନ୍ତି।

DSPL-214

**ଟେଣ୍ଟ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ**

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟେ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
**ସର୍ବୋଚ୍ଚ ଯନ୍ତ୍ରୀ** (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0028/2526

# ଦାବି ପୂରଣ ପାଇଁ ଜିଲା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ଜାରି

ଦେବଗଡ଼,୧୯।୮ (ଶଶାଙ୍କ ଶେଖର ଝାଙ୍କର)

୧୦ ଦଫା ଦାବି ନେଇ ଦେବଗଡ଼ ଜିଲା ରାଜସ୍ୱ ଅମଲା ସଂଘ ଜାରି ରଖିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ମଙ୍ଗଳବାର ନବମ ଦିନରେ ପହଞ୍ଚିଛି। ଆନ୍ଦୋଳନ ଯୋଗୁ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଏକ ପ୍ରକାର ଠପ୍ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଛୁଟି ବାତିଲ ସହ କାର୍ଯ୍ୟରେ ଯୋଗ ନ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚେତାବନୀ ଦିଆଯାଇଥିଲା। ଏହାସତ୍ତ୍ୱେ ଜିଲାର ୮୫ଜଣ ଅମଲା କାର୍ଯ୍ୟରେ ଯୋଗ ନ ଦେଇ ଛୁଟିରେ ରହିବା ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହି ଆନ୍ଦୋଳନ ଯୋଗୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦେବଗଡ଼ ଜିଲା ସଂଘ ସଭାପତି କମଳାପତି ସାହୁ, ସମ୍ପାଦକ ହେରମ୍ବ ନାରାୟଣ ସାହୁ, ରାଜ୍ୟ ଉପଦେଷ୍ଟା ଗିରିଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଜିଲାର ସମସ୍ତ ସଦସ୍ୟା ସଦସ୍ୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ବୃନ୍ଦାମାଲ ଷ୍ଟେଶନପଡ଼ା ବାସିନ୍ଦା

ଝାରସୁଗୁଡ଼ା,୧୯।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ବଡ଼ମାଳ ପଞ୍ଚାୟତ ଅଧୀନ ବୃନ୍ଦାମାଲ ଗ୍ରାମର ଷ୍ଟେଶନପଡ଼ା ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ସୁବିଧା ଯୋଗାଇ ଦେବା ପାଇଁ ସେମାନେ ଦାବି କରିଛନ୍ତି।

ଷ୍ଟେଶନପଡ଼ା ବାସିନ୍ଦାଙ୍କ ସୂଚନା ଅନୁଯାୟୀ, ବଡ଼ମାଳ ପଞ୍ଚାୟତ ଅନ୍ତର୍ଗତ ବୃନ୍ଦାମାଲ ୧୦ ୱାର୍ଡର ଅଧିକାଂଶ ଜନସାଧାରଣ ବୃନ୍ଦାମାଲ ଗ୍ରାମରେ ରହୁଥିବାବେଳେ ପ୍ରାୟ ୩୦ରୁ ୪୦ ପରିବାର ବୃନ୍ଦାମାଲ ରେଳଷ୍ଟେଶନ ନିକଟରେ ରହୁଛନ୍ତି। ଷ୍ଟେଶନପଡ଼ା ଓ ବୃନ୍ଦାମାଲ ମଝିରେ ରେଳପଥ ଯାଇଛି। ଏଥିଯୋଗୁ ଷ୍ଟେଶନପଡ଼ାଠାରୁ ଗ୍ରାମଟି ପ୍ରାୟ ୨ କିଲୋମିଟର ଦୂରରେ ରହିଯାଉଛି। ଫଳରେ ଷ୍ଟେଶନପଡ଼ା ବାସିନ୍ଦା ବୃନ୍ଦାମାଲ ଗ୍ରାମବାସୀଙ୍କୁ ମିଳୁଥିବା ମୌଳିକ ସୁବିଧା ପାଇପାରୁନାହାନ୍ତି। ଷ୍ଟେଶନପଡ଼ାରେ ଅଙ୍ଗନୱାଡି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ



ଷ୍ଟେଶନପଡ଼ା ରାସ୍ତା।

ନାହିଁ। ଫଳରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ନେଇ ବିଜୁ ଏକ୍ସପ୍ରେସ୍ ଭଳି ବିପଦପୂର୍ଣ୍ଣ ରାସ୍ତା ପାର ହୋଇ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟକୁ ଛାଡ଼ିବା ପାଇଁ ଯାଉଛନ୍ତି। ବହୁ ଦିନ ଆଗରୁ ନିର୍ମାଣ ହୋଇଥିବା ସୋଲାର ୱାଟର ସିଷ୍ଟମ ଅଚଳ ହୋଇପଡ଼ିଛି। ଫଳରେ ଲୋକମାନେ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି।

- ସୋଲାର ୱାଟର ସିଷ୍ଟମ ଅଚଳ
- କଲ୍ୟାଣ ମଣ୍ଡପ, କ୍ଲବ୍ ନାହିଁ

ସେହିପରି କଲ୍ୟାଣ ମଣ୍ଡପ, କ୍ଲବ୍ ନ ଥିବାରୁ ସାମୂହିକ କାର୍ଯ୍ୟ ପାଇଁ ଲୋକମାନେ ଭଡ଼ାରେ ଟେଣ୍ଟ କରି ଖର୍ଚ୍ଚାନ୍ତ ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଏଠାକାର ଜନସାଧାରଣ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ପାରୁନାହାନ୍ତି। କାରଣ ସେମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ ଶ୍ରେଣୀର ହୋଇଥିବାରୁ ବିଭିନ୍ନ ଯୋଜନା ସମ୍ପର୍କିତ ଖବର ଜାଣିପାରୁନାହାନ୍ତି। ସରକାରଙ୍କ ବିଭିନ୍ନ ଯୋଜନାରେ ଅର୍ଥ ମଞ୍ଜୁର କରି ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ଷ୍ଟେଶନପଡ଼ାର ଧରଣୀଧର ମହାପାତ୍ର, ଚିନ୍ତାମଣି ପଟେଲ, ସୌକିଲାଲ ବେହେରା, ତୁଲାରାମ ନାଇକ, ଗୋପାଳ ନାଇକ ପ୍ରମୁଖ ଦାବି କରିଛନ୍ତି। ଏନେଇ ବିଡିଓ ଅନିଲ ଆଚାର୍ଯ୍ୟ କହିଛନ୍ତି, ଏ ବିଷୟରେ ତଦନ୍ତ କରି ଯାହା ସମ୍ଭବ କରାଯିବ।

# ଅର୍ଥ ହେରଫେର ଘଟଣା, ଆକାଉଣ୍ଟାଣ୍ଟ ଗିରଫ

ବେଲପାହାଡ଼,୧୯।୮ (ସୁବାସ ପ୍ରଧାନ)

**ବେଲପାହାଡ଼ ପୌର ପରିଷଦ**

ବେଲପାହାଡ଼ ପୌର ପରିଷଦରେ କୋଟି କୋଟି ଟଙ୍କା ହେରଫେର ଘଟଣାର ତଦନ୍ତ ଆରମ୍ଭ ହୋଇଛି। ବେଲପାହାଡ଼ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନଙ୍କ ଅଭିଯୋଗକ୍ରମେ ସ୍ଥାନୀୟ ପୋଲିସ ତଦନ୍ତ କରିବା ସହ ପୌର ପରିଷଦର ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ବିଭୂତି କିଛିଦିନ ପୂର୍ବରୁ ଅଫିସ୍ ଆସୁ ନ ଥିବାବେଳେ ଆକାଉଣ୍ଟ ବିଭାଗରେ ତାଲା ଝୁଲୁଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏହି ଆକାଉଣ୍ଟ ବିଭାଗର ତାଲା ଭଙ୍ଗାଯାଇ ନଗରପାଳ ବୁଲୁ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନ ଏବଂ କାଉନ୍‌ସିଲରଙ୍କ ଉପସ୍ଥିତିରେ ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ହୋଇଥିବା ଅର୍ଥ ହେରଫେରରେ ବିଭୂତିଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷେ



ଗିରଫ ଆକାଉଣ୍ଟାଣ୍ଟ ବିଭୂତି ସାହୁ।

୨ ଜଣିଆ ସ୍ୱତନ୍ତ୍ର ଅଡିଟ୍ ଟିମ୍ ଏହି ପୌର ପରିଷଦ କାର୍ଯ୍ୟାଳୟରେ ପହଞ୍ଚି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆୟବ୍ୟୟର ଅଡିଟ୍ ଆରମ୍ଭ କରିଛି। ଏହି ପୌର ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ନଗରପାଳ ପଣ୍ଡା ଝାରସୁଗୁଡ଼ା ଜିଲାପାଳ ଏବଂ ବେଲପାହାଡ଼ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବେଲପାହାଡ଼ବାସୀ ଦାବି କରିଛନ୍ତି।

# ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା

କିର୍ମିରା,୧୯।୮ (ସୁରେଶ ଜୟପୁରିଆ)

ଝାରସୁଗୁଡ଼ା ଜିଲା କିର୍ମିରାସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ୨ ଦିନିଆ ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୨ଟି ବାଳକ ଏବଂ ୨୦ଟି ବାଳିକା ଟିମ୍ ଭାଗ ନେଇଥିଲେ। ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଟିଡିଏ ପିଏ ସଞ୍ଜୀବ କୁମାର ପଟେଲ ମୁଖ୍ୟ ଅତିଥି, କିର୍ମିରା ବିଡିଓ ଅବିନାଶ ଲାକ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ବିବେକାନନ୍ଦ ସାମଲ ଓ ସମ୍ମାନିତ ଅତିଥି ଭାବେ ଡବ୍ଲୁଇଓ ସଙ୍ଗୀତା ମହନ୍ତ ଯୋଗଦେଇଥିଲେ। ଖୋ ଖୋ ପ୍ରତିଯୋଗିତାର ବାଳକ ବର୍ଗରେ ଲଇଙ୍ଗ ଦଳ ପ୍ରଥମ, ଲୁହାନିପଡ଼ା ଦଳ ଦ୍ୱିତୀୟ, ବିକ୍ରମପୁର ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା।

ସେହିପରି ବାଳିକା ବର୍ଗରେ ଲଇଙ୍ଗ ଦଳ ପ୍ରଥମ, ଲୁହାନିପଡ଼ା ଦ୍ୱିତୀୟ ଓ ମହସିଂହୀ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲା। କୃତୀ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତ୍ସ୍ନାପ୍ରିୟା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଶିବଶକ୍ତି ମନ୍ଦିର ପୂଜକ ସଂଘର ବାର୍ଷିକ ବୈଠକ

ଝାରସୁଗୁଡ଼ା, ୧୯।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅଧୀନ ମରାକୁଠା ଶିବମନ୍ଦିର ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ପଶ୍ଚିମ ଓଡ଼ିଶା ସ୍ତରୀୟ ଶିବଶକ୍ତି ମନ୍ଦିର ପୂଜକ ସଂଘର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଶରତ ପୂଜାରୀ, ସମ୍ପାଦକ ଅଭିଷେକ ପୂଜାରୀ ଯୋଗଦେଇ ପଶ୍ଚିମ ଓଡ଼ିଶାର ଶିବଶକ୍ତି ମନ୍ଦିରରେ ପୂଜା କରୁଥିବା ଜାତିର ଉନ୍ନତି ନିମନ୍ତେ ଶିକ୍ଷା, ସଂସ୍କାର, ସମୃଦ୍ଧି ବିଷୟରେ ଉପସ୍ଥିତ ସଭ୍ୟଙ୍କୁ ବୁଝାଇଥିଲେ। ଏହି ବୈଠକରେ ଉଦେକର ମହାପାତ୍ର, ନବୀନ ମହାପାତ୍ର, ପ୍ରସନ୍ନ ମହାପାତ୍ର, ବରଗଡ଼ ଜିଲାର ସୌଦାଗର ମହାପାତ୍ର, ସହଦେବ ପୂଝାରୀ, ଛତିଶଗଡ ରାଇଗଡ଼ରୁ ଆସିଥିବା ସୋମ ମହାପାତ୍ର, ଧରଣୀଧର ମହାପାତ୍ର ଓ ଶରତ ମହାପାତ୍ର ଉପସ୍ଥିତ ଥିଲେ। ଆଗାମୀ ଦିନରେ ସଂଘର କାର୍ଯ୍ୟକ୍ରମ ମହାଆଡମ୍ବରରେ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ନେଲେ ପିଇଓ




ପ୍ରଶିକ୍ଷଣ କର୍ମଶାଳାରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

ଦେବଗଡ଼,୧୯।୮ (ଶଶାଙ୍କ ଶେଖର ଝାଙ୍କର)

ବିପର୍ଯ୍ୟୟ ପରିଚାଳନା ନିମନ୍ତେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ୩ ବ୍ଲକ୍‌ର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ନେଇ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଜରୁରିକାଳୀନ ଅଧିକାରୀ ହେମନ୍ତ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପିଇଓଙ୍କ ଦକ୍ଷତା ବୃଦ୍ଧି, ବିପର୍ଯ୍ୟୟ ପରିଚାଳନା ବିଷୟରେ ଲୋକଙ୍କୁ ଜଣାଇବା, ଲୋକଙ୍କ ଜୀବନ ବଞ୍ଚାଇବା, ବିପର୍ଯ୍ୟୟ ଦ୍ୱାରା ମିଳୁଥିବା ଆର୍ଥିକ ସହାୟତା ବିଷୟରେ ଲୋକଙ୍କୁ ଅବଗତ କରାଇବା, ବିପର୍ଯ୍ୟୟ ପରିସ୍ଥିତି ମୁକାବିଲା କରିବା ଉପରେ ଜିଲାପାଳ ଆଲୋକପାତ କରିଥିଲେ। ଭୁବନେଶ୍ୱରରୁ ଆସିଥିବା ମାଷ୍ଟର ଟ୍ରେନର ଅସିତ୍ କୁମାର ସାହୁ ଓ ପିଙ୍କି ବେହେରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଉକ୍ତ ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ୩ ବ୍ଲକ୍‌ର ପିଇଓ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


## ADMISSION NOTICE-2025

Centre for Distance and Online Education (CDOE)
(D.D.C.E., UTKAL UNIVERSITY)
BHUBANESWAR-751010

UTKAL UNIVERSITY
NAAC A+

Management & Computer Science Courses
(NOC from AICTE, New Delhi)

- Bachelor of Business Administration (3 Years)
- Master of Business Administration (2 Years)
- Master of Computer Application (2 Years)

(Contact MBA / BBA- 9437103110 / MCA - 9437074110 during office hour)

POST GRADUATE COURSES

- M.Com.
- M.S.W.
- M.A. in Odia
- M.A. in Hindi
- M.A. in History
- M.A. in English
- M.A.in Public Administration
- M.A. in Political Science
- M.A. in Economics
- M.A. in Sanskrit
- M.A. in Sociology
- M.A. in Education

(For more contact - 9437156110 during office hour)

Salient Features.
- Online Admission Process
- Free Registration & No charges for appearing admission test for Mgt. & Comp. Sc. Courses.
- Provision for Online verification of forms & online payment

For Course details, availability of seats, eligibility, fees structure, selection process and important date lines visit our website : www.ddceutkal.ac.in

Last Date of Admission Extended to : 20.09.2025

DIRECTOR

Centre for Distance & Online Education (DDCE, Utkal University)


# ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ




କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

ଝାରସୁଗୁଡ଼ା,୧୯।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଫଟୋଗ୍ରାଫର ଆସୋସିଏଶନ ଦ୍ୱାରା ମଙ୍ଗଳବାର ବୃନ୍ଦାମାଲସ୍ଥିତ ସ୍ୱତନ୍ତ୍ର ବଧିର ଓ ମାନସିକ ଅନଗ୍ରସର ବିଦ୍ୟାଳୟରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆସୋସିଏଶନର ସଦସ୍ୟମାନେ ବିଦ୍ୟାଳୟର ଅନଗ୍ରସର ଛାତ୍ରୀଛାତ୍ରଙ୍କ ସହିତ କିଛି ସମୟ ଅତିବାହିତ କରିବା ସହ ଫଳ, ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଜିଲା ଫଟୋଗ୍ରାଫର ଆସୋସିଏଶନ ସଭାପତି ଅଭୟ ଚରଣ ହୋତାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାବେଳେ ଲଖନପୁର ବେଲପାହାଡ଼, ବ୍ରଜରାଜନଗର, ଝାରସୁଗୁଡ଼ା ଅଞ୍ଚଳର ବହୁ କର୍ମକର୍ତ୍ତା ଯୋଗଦେଇ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ଆସୋସିଏଶନ ଉପସଭାପତି ରାଜେଶ ସିଂ ଧନ୍ୟବାଦ ଦେଇଥିଲେ।

# ସରକାରୀ ନିୟମ ଆଧାରରେ ପଦକ୍ଷେପ ନିଆଯିବ

ଦେବଗଡ଼,୧୯।୮ (ଶଶାଙ୍କ ଶେଖର ଝାଙ୍କର)

**ପୁରୁଣା ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି ପ୍ରସଙ୍ଗ**

- ସମସ୍ୟା ସମାଧାନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନୂଆଁବାଲିରୋଇସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତର କରାଯାଇଛି। ଏଥିଯୋଗୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପୌରାଞ୍ଚଳ ବାସିନ୍ଦାଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ସହର ମଧ୍ୟ ସ୍ଥଳରେ ଥିବା ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି। ଏହାକୁ ନେଇ ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପକ୍ଷରୁ ପୂର୍ବରୁ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଞ୍ଚର ଏହି ଦାବିକୁ ବିଭିନ୍ନ ରାଜନୈତିକ ଦଳ ସମର୍ଥନ କରିଥିବାବେଳେ ଲିଖିତ ଭାବେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଏହାସତ୍ତ୍ୱେ ଦାବି ପୂରଣ ପାଇଁ ପଦକ୍ଷେପ ନିଆ ନ ଯିବାରୁ ଆସନ୍ତା ୨୧ରେ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ଦେବଗଡ଼ ପୌରାଞ୍ଚଳ ବନ୍ଦ ଡାକରା ଦିଆଯାଇଛି। ତେବେ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହସ୍ତକ୍ଷେପ କରିବା ସହ ଦାବିପୂରଣ ନେଇ ଉଚ୍ଚସ୍ତରୀୟ ଆଲୋଚନା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଆହ୍ୱାନକ୍ରମେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧନୁର୍ଜୟ ମହନ୍ତ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ନେଇ ଦେବଗଡ଼ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ 'ଗୁଗୁଲ ମିଟ୍' ଜରିଆରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୁରାତନ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିର ଯଥାର୍ଥତା ସମ୍ପର୍କରେ ଆଲୋଚନା କରାଯିବା ସହ ସରକାରୀ ନୀତିନିୟମ ଆଧାରରେ ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଥିବା ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ଆସନ୍ତା ୨୧ରେ ବନ୍ଦ ପାଳନ ସଫଳ କରିବାକୁ ମଞ୍ଚ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।


DSPL-214

## ଟେଣ୍ଟ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟେ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0028/2526

## ସଂକ୍ଷେପରେ

### ନବାନ୍ନ ପାଇଁ ଲଗ୍ନ ନିର୍ଦ୍ଧାରଣ

**ବରପାଲି,୧୯।୮(ଚିତ୍ତରଞ୍ଜନ ସାହୁ):** ବରପାଲି ବ୍ଲକ ସନାତନୀ ବ୍ରାହ୍ମଣ ସମାଜର ଏକ ବୈଠକ ବସି ଆସନ୍ତା ନବାନ୍ନ ପାଇଁ ଲଗ୍ନ ନିର୍ଦ୍ଧାରଣ କରାଯାଇଛି। ବରପାଲି ବ୍ଲକ ସଭାପତି ପଣ୍ଡିତ କୃଷ୍ଣ ଚନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଣ୍ଡିତମାନଙ୍କ ଉପସ୍ଥିତିରେ ନବାନ୍ନ ପାଇଁ ଲଗ୍ନ ନିର୍ଦ୍ଧାରଣ କରାଯାଇଥିଲା। ଆସନ୍ତା ୨୮ ତାରିଖ ଭାଦ୍ର ଶୁକ୍ଳ ପଞ୍ଚମୀ ସକାଳ ୧୦.୩୭ରୁ ୧୦.୫୧ ମଧ୍ୟେ ବିଶୁଦ୍ଧ ତୁଳା ଲଗ୍ନର ମୀନ ନବଂଶରେ ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କଠାରେ ଭୋଗ ଲାଗି ହେବ। ଏହି ବୈଠକରେ ସଭାପତି ପଣ୍ଡିତ କୃଷ୍ଣ ଚନ୍ଦ୍ର ଦେବତାଙ୍କ ସହ ପଣ୍ଡିତ ହେମନ୍ତ ମିଶ୍ର, ସଦାନନ୍ଦ ଦାଶ, ଡ. ସରୋଜ କୁମାର ଦାଶ, ପିନାକୀ ଦାଶ, ଯୋଗେଶ ଦାଶ, ସଞ୍ଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ

**ବରପାଲି,୧୯।୮(ଚିତ୍ତରଞ୍ଜନ ସାହୁ):** ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ବରପାଲି ଫଟୋଗ୍ରାଫର ମହାସଂଘ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ବସ୍‌ଷ୍ଟାଣ୍ଡରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ପରେ ମହିଳା ମହାବିଦ୍ୟାଳୟକୁ ଯାଇ ସେଠାରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସଭାପତି ମହେଶ ଦର୍ଜି, ରାହାସ ପାତ୍ର, ଉମେଶ ଦାସ, ଅରବିନ୍ଦ ସାହୁ, ଗୁଲାବ ଦାସ, ଗଣେଶ ମହାନନ୍ଦ, ଏକଲବ୍ୟ ମେହେର, ରାମ ମେହେର, ଚୈତନ ପଧାନ, ବିକି ଥଇତ, ବିକାଶ ସାହୁ, ମହେଶ ମେହେର, ପରେଶ ପଧାନ, ଅମିତ ବେହେରା, ମୋହନ ମେହେର, ସମ୍ମିତ ସାହୁ, ସୁରୁ ବରେଇ, ଆନନ୍ଦ ମେହେର ଓ ପ୍ରକୃତି ମିତ୍ର ଅନ୍ତର୍ଯ୍ୟାମୀ ପଣ୍ଡା ସହଯୋଗ କରିଥିଲେ।

### ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଜନ୍ମ ଦିବସ

**ପାଇକମାଳ,୧୯।୮(ବଡ଼ ଶତପଥୀ):** ନୃସିଂହନାଥ ପବିତ୍ର ପବିତ୍ର ପୀଠରେ ମଙ୍ଗଳବାର ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଜନ୍ମଦିନ ମହାସମାରୋହରେ ପାଳନ କରାଯାଇଛି। ଗନ୍ଧମାର୍ଦ୍ଦନ ପାହାଡ଼କୁ ନେଇ ୧୯୮୦ ଦଶକରେ ହୋଇଥିବା ବକ୍ସାଇଟ ଖଣି ଉତ୍ତୋଳନ ବିରୋଧରେ ଜନ ଆନ୍ଦୋଳନ 'ଗନ୍ଧମାର୍ଦ୍ଦନ ବଞ୍ଚାଓ – ବାଲକୋ ହଟାଓ' ଜନ ଆନ୍ଦୋଳନରୁ ଜନ୍ମ ନେଇଥିଲା ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ। ଏହାର ୪୧ତମ ପ୍ରତିଷ୍ଠା ଦିବସ ଗନ୍ଧମାର୍ଦ୍ଦନ ପାହାଡ଼ ପାଦଦେଶରେ ଥିବା ଗାନ୍ଧୀ ସମାଧି ପୀଠରେ ପାଳନ କରାଯାଇଛି। ଯୁବ ପରିଷଦର ନାରୀ ନେତ୍ରୀ ଭାମା ଯୁଆଡ଼ି, ପ୍ରତିମା ବଗାର, ଅନୁସାୟା ଭୋଇ, ବିମଳା ବାଗ, ରାଜକୁମାରୀ ବାରିକ, ଓମ୍ କାନ୍ତି ସାହୁ ଓ ଅଲେଖ ଧରୁଆ ପ୍ରମୁଖଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆବାହକ ଦୁର୍ଯ୍ୟୋଧନ ପୁଟା ସଞ୍ଚାଳନ କରିଥିଲେ। ଗନ୍ଧମାର୍ଦ୍ଦନ ଆନ୍ଦୋଳନ କର୍ମୀମାନଙ୍କୁ ନେଇ ହୋଇଥିବା ଜନ୍ମ ଦିବସ ପାଳନ ଅବସରରେ ବୋଡ଼ାସମ୍ବର ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ନିମ୍ନ ପ୍ରସ୍ତାବ ମାନ ନିଆଯାଇ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯାଇଛି। ବୈଠକରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ବରିଷ୍ଠ ସଂଗ୍ରାମୀ ଶୁକ୍ରୁ ସାହୁ ଓ ଲିଙ୍ଗରାଜ ପ୍ରଧାନ, ପୂର୍ବତନ ଆବାହକ ତଥା ସାମ୍ବାଦିକ ଧୀରେନ ମହାନ୍ତି, ଦିଲ୍ଲୀପ ବେହେରା ଓ ସୁରେଶ ଚନ୍ଦ୍ର ପ୍ରଧାନ, ସଂଗ୍ରାମୀ ଝସକେତନ ସାହୁ, ଡୋଲାମଣି ପାଣ୍ଡେ, ଦୟାନନ୍ଦ ମାଝୀ, ଯୋଗ ଦେଇଥିଲେ।

# କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

## ସାର କଳାବଜାର

**ଭଟଲି,୧୯।୮(ବିଜୟ ମେହେର)**



ଚାଷୀମାନେ ଭଟଲି କୃଷି କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ବରଗଡ଼ ଜିଲାରେ ସାର କଳାବଜାର ବଢ଼ି ଚାଲିଛି। ନିର୍ଦ୍ଧାରିତ ଦରଠାରୁ ବେପାରୀମାନେ ଚଢ଼ାଦରରେ ସାର ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ମଙ୍ଗଳବାର ଭଟଲି ବ୍ଲକର ବିଭିନ୍ନ ଗ୍ରାମର ଚାଷୀମାନେ ସ୍ଥାନୀୟ ବ୍ଲକ କୃଷି ଅଧିକାରଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ବ୍ଲକ କୃଷି ଅଧିକାରୀ ଦେବାଶିଷ ଖମାରୀ ଅନେକ ସମୟ ଆଲୋଚନା ପରେ ଚାଷୀମାନଙ୍କୁ ଉଚିତ ମୂଲ୍ୟରେ ସାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ସାର ଯୋଗାଇ ଦେଇଥିଲେ। ଏହାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ସାର କଳାବଜାର ପ୍ରତିବାଦ ନେଇ ଚାଷୀମାନେ ଭଟଲିରେ ସଙ୍ଗଠିତ ହୋଇଥିଲେ। ସମସ୍ତ ଚାଷୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଘେରାଉ କରିଥିଲେ। ଚାଷୀମାନେ ଅଭିଯୋଗ କରିଥିଲେ, ଖୋଲାଖୋଲି ଭାବରେ ଡିଲର୍ ଏବଂ ହୋଲସେଲର୍ ଆହେତୁକ ଚଢ଼ା ଦରରେ ସାର ବିକ୍ରି କରୁଛନ୍ତି। ୟୁରିଆ ସାର ପକେଟ ପ୍ରତି ୨୬୬ ଟଙ୍କା ୫୦ ପଇସା ଥିବାବେଳେ ତାକୁ ୫୦୦ ଟଙ୍କା ଏବଂ ଡିଏପି ସାର ପକେଟ ପ୍ରତି ୧୩୫୦ ଟଙ୍କା ଥିବାବେଳେ ତାକୁ ୧୭୦୦ ଟଙ୍କା ଦରରେ ବିକ୍ରି କରାଯାଉଛି। ସବୁ ଗୋଦାମ ଗୃହରେ ଭରପୂର ମାତ୍ରାରେ ସାର ରହିଛି। ମାତ୍ର ଅଭାବ ଦେଖାଇ ଏପରି ଲୁଟ କରୁଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ। ଆଲୋଚନା ପରେ ଭଟଲି ବ୍ଲକର ଟେମରେନ, ଗୋପାଳପୁର, ସୁଲୁସୁଲିଆର ଚାଷୀମାନେ ଶହ ଶହ ବସ୍ତା ଡିଏପି, ୟୁରିଆ ଏବଂ ପଟାସ ସାର ଉଚିତ ମୂଲ୍ୟରେ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନର ଜିଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଅକ୍ଷୟ ପ୍ରଧାନ, ଭରତ ଚନ୍ଦ୍ର ନାୟକ, ବିଜୟ ପ୍ରଧାନ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# କ୍ଷତିପୂରଣ ଦିଆଯାଇଥିବା ଅବଗତ କରାଇଲେ ସରକାର

**କଟକ,୧୯।୮(କାର୍ତ୍ତିକ ସାହୁ)**

## ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା

ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଭେଡେନ ଥାନା ମାଖନୁ ବାଗ ହାଜତ ମୃତ୍ୟୁ ମାମଲାରେ ପୀଡ଼ିତ ପରିବାରକୁ ୫ଲକ୍ଷ ଟଙ୍କା ଅନ୍ତରୀଣ କ୍ଷତିପୂରଣ ପ୍ରଦାନ କରା ନ ଯିବାରୁ ରୁଜୁ ହୋଇଥିବା ଅଦାଲତ ଅବମାନନା ମାମଲାର ଶୁଣାଣି ହୋଇଛି। ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦିଆଯାଇଥିବା ନେଇ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଫଳରେ ହାଇକୋର୍ଟ ଆବେଦନକାରୀଙ୍କୁ ଏହା ଅବଗତ କରାଇବା ସହ ମାମଲାର ଅନ୍ତ ଘଟାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସ ମାମଲା ପରିଚାଳନା କରୁଥିଲେ। ସୂଚନାନୁସାରେ, ୨୦୧୫ ସେପ୍ଟେମ୍ବରରେ ବରଗଡ଼ ଜିଲା ଭେଡେନ ଥାନାରେ ମାଖନୁ ବାଗଙ୍କ ହାଜତ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ବିଚାର କରି ଅଦାଲତ ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ ତୁରନ୍ତ ଅନ୍ତରୀଣ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି କ୍ଷତିପୂରଣ ରାଶି ନ ମିଳିବାରୁ ଆଇନଜୀବୀ ପ୍ରବୀର କୁମାର ଦାସ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

# ବଦ୍ରିପ୍ରସାଦ କଲେଜ ଅଫ ନର୍ସିଂରେ ମେଗା ରକ୍ତଦାନ ଶିବିର

**ସମ୍ବଲପୁର,୧୯।୮(ବି.ଶଙ୍କର)**



ବରଗଡ଼ ବଦ୍ରିପ୍ରସାଦ କଲେଜ ଅଫ ନର୍ସିଂ ପରିସରରେ ଆୟୋଜିତ ମେଗା ରକ୍ତଦାନ ଶିବିର।

ମେଗା ରକ୍ତଦାନ ଶିବିର ବରଗଡ଼ ସ୍ଥିତ ବଦ୍ରିପ୍ରସାଦ କଲେଜ ଅଫ ନର୍ସିଂ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ର, ଅଧ୍ୟାପକ ଏବଂ କର୍ମଚାରୀମାନେ ଶିବିରରେ ଅଂଶଗ୍ରହଣ କରିଥିଲେ। ମୋଟ ୪୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ସମ୍ବଲପୁର ଜିଲା ସ୍ଥିତ ବଦ୍ରିପ୍ରସାଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନନର ପରିଚାଳନା ନିର୍ଦ୍ଦେଶକ ସଞ୍ଜିବ କୁମାର ଅଗ୍ରୱାଲ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଏକ ମହାନ କାର୍ଯ୍ୟ ଯାହା ଜୀବନ ରକ୍ଷା କରିପାରେ। ତେଣୁ ରକ୍ତଦାନ କରି ସମସ୍ତେ ଗର୍ବିତ ହେବା ଉଚିତ। ବରଗଡ଼ର ବଦ୍ରିପ୍ରସାଦ ନର୍ସିଂ କଲେଜ ଏପରି ପଦକ୍ଷେପ ମାଧ୍ୟମରେ ସାମାଜିକ ଦାୟିତ୍ୱ ଏବଂ ସମାଜ ସେବାକୁ ପ୍ରୋତ୍ସାହିତ କରିଚାଲିଛି ବୋଲି ନିର୍ଦ୍ଦେଶକ ଅଗ୍ରୱାଲ ମତବ୍ୟକ୍ତ କରିଥିଲେ।

### କଟାପାଲିରେ ଗଙ୍ଗାଧର ଜୟନ୍ତୀ ପାଳିତ

**ବରଗଡ଼,୧୯।୮(ପ୍ରେମାନନ୍ଦ ଖମାରୀ) :** ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ରବିବାର ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସାହିତ୍ୟପ୍ରେମୀ ଗଣପତି ଖମାରୀ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ଡ. ଅଶୋକ ମହାପାତ୍ର ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ଅଧ୍ୟାପିକା ଡ. ଭଗବତୀ କର ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଗଙ୍ଗାଧର ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ବରଗଡ଼ ପଞ୍ଚାୟତ କଲେଜର ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ରଙ୍କମଣି କ୍ଷେତି ଉଦ୍ଦେଶ୍ୟଜ୍ଞାପନ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ.ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀମାନେ ପ୍ରାରମ୍ଭିକ ଏବଂ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ।

# ଜିଲାପାଳଙ୍କ ଶିକ୍ଷାନୁଷ୍ଠାନ ପରିଦର୍ଶନ



ଜିଲାପାଳ ଆବାସିକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

**ପଲସାଗୋରା,୧୯।୮(ଅଶ୍ୱିନୀ କୁମାର ନନ୍ଦ)**

ବୌଦ୍ଧ ଜିଲାପାଳ ବିଭୂତି ଭୂଷଣ ନାୟକ ମଙ୍ଗଳବାର କଣ୍ଟାମାଳ ବ୍ଲକ ଗସ୍ତ କରିଥିବାବେଳେ କଣ୍ଟାମାଳ ପଞ୍ଚାୟତ କଲେଜ ପରିଦର୍ଶନ କରିଛନ୍ତି। ସେ କଲେଜର ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନଙ୍କ ସହ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଜିଲାପାଳ ବରଗୋଛା ଆବାସିକ ବିଦ୍ୟାଳୟକୁ ଯାଇ ଭିତ୍ତିଭୂମି ଅନୁଧ୍ୟାନ କରିବା ସହ ଆଲୋଚନା କରିଥିଲେ। ବରଗୋଛା ନିକଟରେ ପାନୀୟ ଜଳଯୋଗାଣ ପାଇପ୍ ଫାଟି ଯାଇଥିବା ଯୋଗୁ ପାନୀୟ ଜଳଯୋଗାଣ ବନ୍ଦ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଜିଲାପାଳ ଗ୍ରାମ୍ୟ ପାନୀୟ ଜଳଯୋଗାଣ ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ଡାକି ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ, ତହସିଲଦାର ଶ୍ୱେତପଦ୍ମା ଜୋଶୀଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଏକ ଭାରତ, ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ




ଏକ ଭାରତ, ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ।

**ବରଗଡ଼, ୧୯।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର କେନ୍ଦ୍ରୀୟ ବିଦ୍ୟାଳୟରେ ସୋମବାର ଏକ ଭାରତ ଶ୍ରେଷ୍ଠ ଭାରତ ବିଷୟବସ୍ତୁ ଉପରେ କ୍ଲଷ୍ଟର ସ୍ତରୀୟ ବିଷୟବସ୍ତୁ କଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବରଗଡ଼ ବିଇଓ ବିଶ୍ୱନାଥ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷର ବିଷୟବସ୍ତୁ, 'ମହାରାଷ୍ଟ୍ର' ଅନୁଯାୟୀ, ବଲାଙ୍ଗୀର କ୍ଲଷ୍ଟର ଅଧିନରେ ଥିବା ୮ଟି କେନ୍ଦ୍ରୀୟ ବିଦ୍ୟାଳୟର ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ରାଜ୍ୟର ବିବିଧ ଜାତିଗତ, ପାରମ୍ପରିକ ଏବଂ ଲୋକକଳା, ଚିତ୍ରକଳା, ନୃତ୍ୟ, ଗୀତ ଏବଂ ହସ୍ତଶିଳ୍ପ ପ୍ରଦର୍ଶନ କରିଥିଲେ। ମହାରାଷ୍ଟ୍ର ଏବଂ ଅନ୍ୟାନ୍ୟ ରାଜ୍ୟର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସେମାନଙ୍କ ରାଜ୍ୟରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିଥିଲେ। ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ଭବାନୀପାଟଣା, ଖରିଆର ରୋଡ଼, ସୋନପୁର, ଧର୍ମଗଡ଼ ସମେତ ୮ଟି ବିଦ୍ୟାଳୟ ଏହି ସାଂସ୍କୃତିକ ବିଚିତ୍ରାରେ ଅଂଶଗ୍ରହଣ କରିଥିଲେ। ଅକ୍ଷୟ ରାୟ, ପ୍ରଭାତ କୁମାର ସାହୁ, କବିତା ରାଣୀ, ଉମାକାନ୍ତ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗୋପାଳ ଦାଶ, ଗୋପାଳ ମିଶ୍ର, ରାଜେନ୍ଦ୍ର ସିକନ୍ଦର, ଗୀତାଞ୍ଜଳି ପଣ୍ଡା, ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

### ଶ୍ରୀଅରବିନ୍ଦଙ୍କ ଜୟନ୍ତୀ ପାଳିତ

**ବରପାଲି,୧୯।୮(ଚିତ୍ତରଞ୍ଜନ ସାହୁ)**

ବରପାଲି ଶ୍ରୀଅରବିନ୍ଦ ପାଠଚକ୍ରଠାରେ ଶ୍ରୀଅରବିନ୍ଦଙ୍କ ୧୫୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସୁବଳ ଚନ୍ଦ୍ର ମାଝୀ ସଭାପତିତ୍ୱ କରିଥିଲେ। ବରପାଲି ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଉତ୍ତର କୁମାର ଗଡ଼ତିଆ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶ୍ରୀଅରବିନ୍ଦ ଦର୍ଶନର ପ୍ରାସଙ୍ଗିକତା ବର୍ତ୍ତମାନ ମଧ୍ୟ ରହିଥିବା ବର୍ଣ୍ଣନା କରି ସମାଜରେ ଶାନ୍ତି, ସଦ୍ଭାବ, ଭାଇଚାରା ଓ ଦେଶପ୍ରେମର ଆବଶ୍ୟକତା ରହିଛି ବୋଲି କହିଥିଲେ। ସଭା ପୂର୍ବରୁ ଧ୍ୟାନ, ମାତୃ ବନ୍ଦନା ଓ ଶ୍ରୀଅରବିନ୍ଦଙ୍କ ପ୍ରଣୀତ ଦୁର୍ଗା ସ୍ତୋତ୍ର ସାମୂହିକ ପାଠ କରାଯାଇଥିଲା। ରୋହିତ ମହାରଣା ସଭାକୁ ସଂଯୋଜନା କରିଥିଲେ। ମା' ପୁସ୍ତକରୁ କିୟଦଂଶ ପାଠ କରାଯାଇଥିଲା। ଏହି ସବୁ କାର୍ଯ୍ୟକ୍ରମରେ ବିଜୟା ନନ୍ଦ ସାହୁ, ସୁବୋଧ ମହାରଣା, ଯୋଗୀନ୍ଦ୍ର ମେହେର, ଦୟାଲାଲ ବାଗ, ଉଦ୍ଧବ ପଟେଲ, ସୁଶ୍ରୀ କ୍ରିଷ୍ଣା ମହାରଣା, ସୂର୍ଯ୍ୟ କୁମାର ଦରଜୀ ପ୍ରମୁଖ ସହଯୋଗ କରିଥିଲେ। ମହେନ୍ଦ୍ର କୁମାର ମେହେର ଧନ୍ୟବାଦ ଦେଇଥିଲେ।

# ସହକାରୀ ଶାଖା ପରିଚାଳକ ନିଲମ୍ବିତ

**ବରଗଡ଼,୧୯।୮(ପ୍ରେମାନନ୍ଦ ଖମାରୀ)**

## ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ

ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ, ସୋହେଲାର ଶାଖା ପରିଚାଳକ ପ୍ରଭଞ୍ଜନ ମାଝୀଙ୍କୁ ସୋମବାର ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ତାଙ୍କ ସ୍ଥାନରେ ସହକାରୀ ଶାଖା ପରିଚାଳକ ପ୍ରିୟଙ୍କା ବାରିକଙ୍କୁ ସୋହେଲା ଶାଖାର ଶାଖା ପରିଚାଳକ ଭାବେ ଅବସ୍ଥାପିତ କରାଯାଇଛି। ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ବରଗଡ଼ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ପତ୍ରସଂଖ୍ୟା–୨୩୦୧୭, ତା୧୮।୮।୨୦୨୫ରିଖରେ ଉଲ୍ଲେଖ ରହିଛି, ଗତ ୧୬ ତାରିଖରୁ ଶାଖା ପରିଚାଳକ ମାଝୀ ପୋଲିସ ଦ୍ୱାରା ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ଏହି ଦୃଷ୍ଟିରୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ସେହି ପତ୍ରରେ ଉଲ୍ଲେଖ ରହିଛି। ପ୍ରକାଶଥାଉ କି, ନିଲମ୍ବିତ ଶାଖା ପରିଚାଳକ ମାଝୀ ପଦ୍ମପୁର ଶାଖାରେ କାର୍ଯ୍ୟରତ ଥିବାବେଳେ ସେଠାରେ ଜଣେ ମହିଳା କର୍ମଚାରୀଙ୍କୁ ବାରମ୍ବାର ଅସଦାଚରଣ କରି ଆସୁଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତା ମହିଳା କର୍ମଚାରୀ ପଦ୍ମପୁର ଥାନାରେ ଏତଲା ଦେବା ପରେ ପୋଲିସ ମାଝିଙ୍କୁ ଗିରଫ କରିଥିଲା। ସେ ଏବେ ପଦ୍ମପୁର ଉପକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି।

# ଖୁଚୁରା ପେଟ୍ରୋଲ ବିକ୍ରେତା କୋର୍ଟ ଚାଲାଣ

**ଗାଇସିଲେଟ୍,୧୯।୮(ଦୁର୍ଗାପ୍ରସାଦ ତ୍ରିବେଦୀ)**

## ନାବାଳିକା ଆତ୍ମାହୁତି ଘଟଣା

ଗାଇସିଲେଟ୍ ଥାନା ଫିଙ୍ଗିମାଳ ଗ୍ରାମରେ ଗତ ୧୧ତାରିଖରେ ନାବାଳିକା ଆତ୍ମାହୁତି ଘଟଣା ଏବେ ମଧ୍ୟ ରହସ୍ୟ ଘେରରେ ରହିଛି। ଆତ୍ମାହୁତିର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ପୋଲିସ ଏହି ମାମଲାରେ ମଙ୍ଗଳବାର ସ୍ଥାନୀୟ ଜଣେ ଖୁଚୁରା ପେଟ୍ରୋଲ ବିକ୍ରେତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ, ଫିଙ୍ଗିମାଳ ଗ୍ରାମର ପ୍ରେମାନନ୍ଦ ଡନସନା। ତାଙ୍କ ବିରୋଧରେ ପୋଲିସ ଏକ ମାମଲା (ନଂ.୧୩୧/୨୫) ରୁଜୁ କରିଛି। ପ୍ରକାଶଥାଉ କି, ସମ୍ପୃକ୍ତା ନାବାଳିକା ନିଜ ଘର ପଛପଟ ପଡ଼ିଆରେ ଆତ୍ମାହୁତି ଦେଇଥିଲେ। ତେବେ ଆତ୍ମାହୁତିରେ ବ୍ୟବହୃତ ପେଟ୍ରୋଲକୁ ମୃତା ନାବାଳିକା ଉପରୋକ୍ତ ଖୁଚୁରା ପେଟ୍ରୋଲ ଦୋକାନୀଙ୍କଠାରୁ କିଣିଥିବା ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସାପଲହର ସେବାଶ୍ରମର ପ୍ରଧାନଶିକ୍ଷକ ରମାକାନ୍ତ ସାହୁ କହିଛନ୍ତି, ମୃତା ନାବାଳିକା ଗତ ୪ ତାରିଖରେ ବେହୋସ୍ ହୋଇ ପଡ଼ିଥିଲେ। ଏହାପରେ ପରିବାର ଲୋକଙ୍କୁ ଖବର ଦେବା ସହିତ ଡାକ୍ତରଖାନାରେ ତାଙ୍କ ଚିକିତ୍ସା କରାଯାଇଥିଲା ଏବଂ ସେହିଦିନଠାରୁ ସେ ଛୁଟିରେ ଥିଲେ ବୋଲି ପ୍ରଧାନ ଶିକ୍ଷକ ସାହୁ କହିଥିଲେ।

# ଜିଲାପାଳଙ୍କ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ

**ଝାରବନ୍ଧ,୧୯।୮(ଦେବେନ୍ଦ୍ର ସାହୁ)**



ଜିଲାପାଳ ତଦାରଖ କରୁଛନ୍ତି।

ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ମଙ୍ଗଳବାର ଝାରବନ୍ଧ ଓ ଡଭା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ସହିତ ପଦ୍ମପୁର ଉପଜିଲାପାଳ ଅରଗୁଲା ସ୍ନେହା, ବିଡିଓ ପର୍ଶୁରାମ ପଣ୍ଡା, ତହସିଲଦାର ଅଲେଖ ଘୁଟା, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଆଶୁତୋଷ ରଥ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ଯଶୋବନ୍ତ ମେହେର, ବିପିଏମ୍ ପ୍ରଶାନ୍ତ ପ୍ରଧାନ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଝାରବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଜବରଦଖଲ କରି ଦୋକାନ ବଜାର ହୋଇଛି। ତାହା ଦେଖି ସ୍ୱାସ୍ଥ୍ୟକେନ୍ଦ୍ରର ସୌନ୍ଦର୍ଯ୍ୟ ହାନି ହେଉଥିବା ଜିଲାପାଳ ପରିଲକ୍ଷିତ କରିଥିଲେ। ସେହିପରି ଡଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ନୂତନ କୋଠା ତିଆରି କରିବା ପାଇଁ ସ୍ଥାନ ନିରୂପଣ କରାଯାଇଛି। ଏ ନେଇ ସେ ପୂର୍ତ୍ତ ବିଭାଗ ସହ ଆଲୋଚନା କରିଥିଲେ।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ବୌଦ୍ଧ,୧୯।୮(ଅଜିତ କୁମାର ବାରିକ)**

## ରଞ୍ଜନ ପ୍ରଧାନ ହତ୍ୟା ମାମଲା

ବୌଦ୍ଧ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ମଙ୍ଗଳବାର ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଥାନା ରାଉତବାହଲ ଗ୍ରାମର ରଞ୍ଜନ ପ୍ରଧାନ (୪୫) ଯୋଗିଭୋଗରାଠାରେ ରେଲୱେ କାମ କରୁଥିବା ଏକ ବେସରକାରୀ ଠିକାସଂସ୍ଥା କ୍ୟାମ୍ପରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। ଉକ୍ତ ଠିକାସଂସ୍ଥାରେ ଖୁଣ୍ଟିଆପଡା ଗ୍ରାମର ପ୍ରକାଶ ବେହେରା (୩୨) ମଧ୍ୟ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। ଗତ ତା୨୭।୮।୨୩ରିଖ ରାତିରେ ଉକ୍ତ ଠିକାସଂସ୍ଥା କ୍ୟାମ୍ପରୁ ଲୁହା ଚୋରିକୁ ନେଇ ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତ ପ୍ରକାଶ ବେହେରା ଏକ ଟାଙ୍ଗିଆରେ ରଞ୍ଜନଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଫଳରେ ରଞ୍ଜନଙ୍କର ମୃତ୍ୟୁ ଘଟିଥିଲା। ଗତ ତା.୨୮।୮।୨୩ରିଖ ସକାଳେ ଖବର ପାଇ ବାମଣ୍ଡା ଗ୍ରାମରେ ରହୁଥିବା ମୃତକଙ୍କ ଭ୍ରାଇଁ ସାନୁଜ କୁମାର ପ୍ରଧାନ ସେଠାରେ ପହଞ୍ଚି ବୌଦ୍ଧ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ବୌଦ୍ଧ ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୨୯୭/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପ୍ରକାଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ୍ (ନଂ.୦୨/୨୦୨୪) ହୋଇ ବିଚାର ହୋଇଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ୨୦ ଜଣ ସାକ୍ଷୀଙ୍କ ବୟାନଙ୍କୁ ଭିତ୍ତିକରି ଅଦାଲତ ପ୍ରମାଣ ଥିବା ନେଇ ଅଭିଯୁକ୍ତ ପ୍ରକାଶଙ୍କୁ ଆଜୀବନ କାରାଦଣ୍ଡ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପିପି ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।

## ସଂକ୍ଷେପରେ

### ରକ୍ତଦାନ ଶିବିର, ୫୦ ୟୁନିଟ୍ ସଂଗ୍ରହ

ରାଉରକେଲା, ୧୯।୮
(ବିପ୍ଲବ ରଞ୍ଜନ ଦାଶ)

ଅପରେସନ ସିନ୍ଦୂରର ସଫଳତାକୁ ଉଜ୍ଜୀବିତ ରଖିବା ପାଇଁ ସେକ୍ଟର-୪ ସ୍ଥିତ ରାଉରକେଲା କଲେଜର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ ଶାଖା ପକ୍ଷରୁ କଲେଜ ପରିସରରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ତଥା ସମାଜସେବୀ ସାମିଲ ହୋଇ ରକ୍ତଦାନ କରିଥିଲେ। ଶିବିରରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମିଂ ଅଫିସର ଅଧ୍ୟାପକ କରୁଣାକର ପାଙ୍ଗଶାଣୀ, ରଶ୍ମିପ୍ରଭା ମଥାନ, ଯୁବ ରେଡକ୍ରସ୍ ସଂଯୋଜକ ମନୋଜ କୁମାର ଦଳେଇ, ରଞ୍ଜିତ ପ୍ରଧାନ, ପ୍ରଶାସନିକ ଅଧିକାରୀ ରଶ୍ମୀରଞ୍ଜନ ରାଉତ, ବନ୍ଦନା ସୋରେନ, ଭାରତୀ ବରୁଆ, ତରଣୀ ନାୟକ, ସୁଶାନ୍ତ ପଟେଲ, ଅଜିତ ବେକ୍, ମୌସୁମୀ ଦାସ, ସରକାରୀ ଡାକ୍ତରଖାନାର ଡା. ଏମ୍. ସୋରେନ, ସାଇ ଶୁଭେନ୍ଦୁ ଆକାଶ, ପବିତ୍ର ପଲେଇ, ତୃପ୍ତିମୟୀ ବେହେରା, ଶୁଭେନ୍ଦୁ ନାୟକ, ଦିଲ୍ଲୀପ ପୋଥାଳ, ଚୈତନ୍ୟ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।



ମଙ୍ଗଳବାର ମଡେଲ ହସ୍ପିଟାଲ ସମ୍ମୁଖରେ ବୀମାଭୁକ୍ତ ଶ୍ରମିକମାନେ ଧାରଣାରେ ବସିଛନ୍ତି।

# ଧାରଣାରେ ବସିଲେ ବୀମାଭୁକ୍ତ ଶ୍ରମିକ

**ଇଏସ୍‌ଆଇସି ମଡେଲ ହସ୍ପିଟାଲ ସମସ୍ୟା ସମାଧାନ ଦାବି**

ରାଉରକେଲା, ୧୯।୮ (ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ମଡେଲ ହସ୍ପିଟାଲରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ସମାଧାନ ଦାବିରେ ସିଆଇଟିୟୁ ସହବନ୍ଧିତ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜ୍ଦୁର ୟୁନିୟନ, ଆଇଏଫ୍‌ଜିଏଲ ରିଫ୍ରାକ୍ଟୋରିଜ ୱାର୍କର୍ସ ୟୁନିଅନ ଓ ଏସିଆଟିକ ଅକ୍ସିଜେନ ଏମ୍ପ୍ଲଇଜ ୟୁନିଅନ ପକ୍ଷରୁ ହସ୍ପିଟାଲ ସମ୍ମୁଖରେ ମଙ୍ଗଳବାର ଏକ ବିଶାଳ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁସଂଖ୍ୟାରେ ବୀମାଭୁକ୍ତ ଶ୍ରମିକ ସାମିଲ ହୋଇଥିଲେ।

ରାଉରକେଲା ମଡେଲ ହସ୍ପିଟାଲରେ ସୁନ୍ଦରଗଡ ସମେତ ପଡୋଶୀ ଜିଲାର ପ୍ରାୟ ୧୨ ଲକ୍ଷ ଇଏସ୍‌ଆଇ ବୀମାଭୁକ୍ତ ଶ୍ରମିକ ଓ ସେମାନଙ୍କ ପରିବାର ଲୋକ ନିର୍ଭର କରନ୍ତି। ସେମାନଙ୍କ ଚିକିତ୍ସା କ୍ଷେତ୍ରରେ ସମସ୍ୟାର ହେଉଥିବାରୁ ଏହାର ସମାଧାନ ଦାବି କରି ଉକ୍ତ ସଙ୍ଗଠନ ପକ୍ଷରୁ ବାରମ୍ବାର ଆନ୍ଦୋଳନ କରାଯାଇଛି। ମଡେଲ ହସ୍ପିଟାଲରେ ଆବଶ୍ୟକ ସଂଖ୍ୟକ ସ୍ପେଶାଲିଷ୍ଟ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ରେଡିଓଲୋଜିଷ୍ଟ, ପାରାମେଡିକାଲ, ଟେକ୍ନିସିଆନ ନ ଥିବା ବେଳେ ପର୍ଯ୍ୟାପ୍ତ ଔଷଧ ମିଳୁନାହିଁ। ତେଣୁ ରାଉରକେଲା ଇଏସ୍‌ଆଇ ମଡେଲ ହସ୍ପିଟାଲର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ୨୦୨୪ ସେପ୍ଟେମ୍ବର ୧୪ରେ ହସ୍ପିଟାଲ କର୍ତ୍ତୃପକ୍ଷ ଓ ୟୁନିୟନ ନେତୃତ୍ୱଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଏସ୍‌ଆଇ ପୂର୍ବାଞ୍ଚଳ ମେଡିକାଲ କମିଶନର ଡକ୍ଟର ରଚିତା ବିଶ୍ୱାସ, ଇଏସ୍‌ଆଇ ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଜୟନ୍ତୀ ବେହେରା ଓ ଇଏସ୍‌ଆଇ ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶକ ସୁକାନ୍ତ ଚନ୍ଦ୍ର ଦାସ ପ୍ରମୁଖ ରାଉରକେଲା ମଡେଲ ହସ୍ପିଟାଲରେ ବୀମାଭୁକ୍ତ ଶ୍ରମିକ ଓ ତାଙ୍କର ପରିବାର ବର୍ଗ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ଆଲୋଚନା କରି ଏକ ଲିଖିତ ପ୍ରତିଶ୍ରୁତ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିଶ୍ରୁତି ଅନୁଯାୟୀ ଇଏସ୍‌ଆଇ ମଡେଲ ହସ୍ପିଟାଲର ସମସ୍ତ ବିଭାଗରେ ସ୍ପେଶାଲିଷ୍ଟ ଡାକ୍ତର ନିଯୁକ୍ତି କରାଯିବା, ରୋଗୀଙ୍କୁ ଅଧିକ ଓ ଉନ୍ନତ ଚିକିତ୍ସା ପାଇଁ ପୂର୍ବ ଭଳି ରେଫରାଲ ବ୍ୟବସ୍ଥା ଚାଲୁ, ମେଡିସିନ, ଅର୍ଥୋ, ଇଏନ୍‌ଟି ଓ ଆନେସ୍ଥେସିଆ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବା ନେଇ ଉଲ୍ଲେଖ ରହିଥିଲା। କିନ୍ତୁ ପରିତାପର ବିଷୟ ଇତିମଧ୍ୟରେ ପ୍ରାୟ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ମଡେଲ ହସ୍ପିଟାଲରେ ଯଥା ପୂର୍ବଂ ତଥା ପରଂ ସ୍ଥିତି ରହିଛି। ତେଣୁ ୟୁନିଅନର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ଗତ ତା.୧୮।୦୨।୨୦୨୫ରିଖରେ ମେଡିକାଲ କମିଶନର ଡାକ୍ତର ରଚିତା ବିଶ୍ୱାସଙ୍କୁ ଏକ ପତ୍ର ଲେଖି ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବାକୁ ନିବେଦନ କରିଥିଲେ। ଡାକ୍ତର ବିଶ୍ୱାସ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ପାଇବେ ବୋଲି ଜଣାଇଥିଲେ। ନୂତନ ଡାକ୍ତର ନିଯୁକ୍ତି ତ ପାଇଲେ ନାହିଁ, ଇତିମଧ୍ୟରେ ରାଉରକେଲା ମଡେଲ ହସ୍ପିଟାଲରୁ ଅର୍ଥୋ ଓ ପେଡିଆଟିକ୍ ବିଶେଷଜ୍ଞ ଡାକ୍ତର ଅନ୍ୟତ୍ର ବଦଳି ହୋଇଗଲେ। ତେଣୁ ଏହି ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ୟୁନିଅନ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ମଡେଲ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ମନିଷ ପ୍ରକାଶ ମିଞ୍ଜ ଗତ ମେ ୩୦ତାରିଖରେ ସମସ୍ୟା ଉପରେ ଆଲୋଚନା ପାଇଁ ୟୁନିଅନକୁ ନିବେଦନ କରିଥିଲେ। ଉକ୍ତ ଆଲୋଚନାରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ବୀମାଭୁକ୍ତ ଶ୍ରମିକମାନଙ୍କ ସମସ୍ତ ସମସ୍ୟା ସମ୍ପର୍କରେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ସମାଧାନ ପାଇଁ ଚେଷ୍ଟା କରିବା ସହିତ ୩ଦିନ ମଧ୍ୟରେ ୟୁନିଅନକୁ ଲିଖିତ ଆକାରରେ ଜଣାଇବା ପାଇଁ କହିଥିଲେ। କିନ୍ତୁ ଅଢେଇ ମାସ ବିତିଯାଇଥିଲେ ମଧ୍ୟ ସୁପରିଣ୍ଟେଣ୍ଡେଣ୍ଟଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏହାର ପ୍ରତିବାଦ କରି ମଙ୍ଗଳବାର ୟୁନିଅନ ସମୂହ ପକ୍ଷରୁ ହସ୍ପିଟାଲ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯାଇଥିଲା। ଧାରଣାରେ ସମ୍ପାଦକ ଯଯାତୀ କେଶରୀ ସାହୁ, ଅଜିତ ଏକ୍କା, କ୍ଷୀରୋଦ ବେହେରା, ସନ୍ଦିପ ସ୍ୱାଇଁ, ସୁଧାଂଶୁ ଜେନା, ଅନିଲ ସ, ସରୋଜ ବାର୍ଲା, ଭବାନୀ ସାହୁ, ସି. ଦିବାକର ରାଓ ପ୍ରମୁଖ ଯୋଗଦେଇ ବୀମାଭୁକ୍ତ ଶ୍ରମିକମାନଙ୍କ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ତେବେ ଏହି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଅଲି ଚେତାବନୀ ଦେଇଛନ୍ତି।

# ରେଳ ଟ୍ରାଫିକ୍ ପରିଚାଳନାରେ ସୁରକ୍ଷା କର୍ମଶାଳା ଉଦ୍‌ଘାଟିତ

ରାଉରକେଲା, ୧୯।୮ (ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସେଫ୍ଟି ଇଞ୍ଜିନିୟରିଂ ବିଭାଗ (ଏସ୍‌ଇଡି) ଏବଂ ଟ୍ରାଫିକ୍ ଓ କଞ୍ଚାମାଲ ବିଭାଗ (ଟିଏଣ୍ଡଆର୍‌ଏମ୍) ଦ୍ୱାରା ସେଲ୍ ସୁରକ୍ଷା ସଙ୍ଗଠନ(ଏସ୍‌ଏସ୍‌ଓ) ସହଭାଗିତାରେ ଆୟୋଜିତ ରେଳ ଟ୍ରାଫିକ୍ ପରିଚାଳନାରେ ସୁରକ୍ଷା ଉପରେ ଏକ ଦୁଇଦିନିଆ କର୍ମଶାଳା ମଙ୍ଗଳବାର ଆର୍‌ଏସ୍‌ପି ଜ୍ଞାନାର୍ଜନ ଓ ବିକାଶ କେନ୍ଦ୍ରରେ ଆରମ୍ଭ ହୋଇଛି। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବି. ଆର୍. ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର ଏବଂ ଏସ୍‌ଏସ୍‌ଓ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୁପ କୁମାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଆର୍‌ଏସ୍‌ପିର ବହୁ ସିଜିଏମ୍, ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ ସୁରକ୍ଷା ଅଧିକାରୀ, ଟାଟା ଷ୍ଟିଲ ଜାମସେଦପୁରର ଅଧିକାରୀ ଏବଂ ସେଲ୍‌ର ଅନ୍ୟ ସହଯୋଗୀ ୟୁନିଟ ଗୁଡିକ ମଧ୍ୟ ଯୋଗ ଦେଇଥିଲେ। ବର୍ମା ନିଜ ଅଭିଭାଷଣରେ କହିଥିଲେ, ସମସ୍ତ ସୁରକ୍ଷା ପଦକ୍ଷେପର ମୂଳ ହେଉଛି ଶୂନ୍ୟ କ୍ଷତି ଏବଂ ପ୍ରତ୍ୟେକ କାର୍ଯ୍ୟ ମନ ଲଗାଇ କରାଗଲେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିଶ୍ଚିତ ପୂରଣ ହୋଇଥାଏ। ସେ ଆହୁରି କହିଥିଲେ, ସୁରକ୍ଷା ପ୍ରତି ଆମର ପ୍ରତିବଦ୍ଧତା ଇସ୍ପାତ ପରି ମଜବୁତ ହେବା ଆବଶ୍ୟକ। ସେ ଅଂଶଗ୍ରହଣକାରୀମାନଙ୍କୁ ଗଭୀର ଭାବରେ ଚିନ୍ତା କରିବା ସହିତ କାର୍ଯ୍ୟ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁଥିବା ପରିମାପ ଯୋଗ୍ୟ ଫଳାଫଳ ବାହାର କରିବାକୁ ପରାମର୍ଶ ଦେଇଥିଲେ। ବହୁ ତାଲିମ ଓ ପଦକ୍ଷେପ ସତ୍ତ୍ୱେ ଅନେକ ସମୟରେ ବିଫଳତାର ସମ୍ମୁଖୀନ ହେବାକୁ ପଡିଥାଏ ବୋଲି ଅନୁପ କୁମାର ତାଙ୍କ ସ୍ୱାଗତ ଅଭିଭାଷଣରେ କହିଥିଲେ। ଦୁର୍ଘଟଣା ପରେ କେବଳ ଏହାର ବିଶ୍ଳେଷଣ କରିବା ପରିବର୍ତ୍ତେ ପ୍ରଥମେ ଏହାକୁ କିପରି ରୋକାଯିବ, ଘଟଣାର ପୁନରାବୃତ୍ତି ନ ହେବ ତାହା ନିଶ୍ଚିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଟିଏଣ୍ଡଆର୍‌ଏମ୍ ବିଭାଗର ସିଜିଏମ୍ କୌଶିକ ସୁନ୍ୟାନି ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ଇଡି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଜ୍ଞା ନାଥ ସମାରୋହ ପରିଚାଳନା କରିଥିଲେ। କର୍ମଶାଳାର ଶେଷ ଭାଗରେ ଭିଲାଇ ଷ୍ଟିଲ ପ୍ଲାଣ୍ଟ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ବୋକାରୋ ଷ୍ଟିଲ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ ପ୍ଲାଣ୍ଟ ଏବଂ ଟାଟା ଷ୍ଟିଲ ଜାମସେଦପୁର ପ୍ରତିନିଧିମାନଙ୍କ ଦ୍ୱାରା ବୈଷୟିକ ଅଧିବେଶନଗୁଡିକ ଉପସ୍ଥାପନା ଏବଂ ଆଲୋଚନା ହୋଇଥିଲା।


କର୍ମଶାଳାରେ ଉପସ୍ଥିତ ଅତିଥି।

# ଆର୍‌ଏସ୍‌ପି ନୂତନ ପ୍ଲେଟ୍ ମିଲ୍‌ର ଉତ୍ପାଦନରେ ରେକର୍ଡ ହାସଲ


ନ୍ୟୁ ପ୍ଲେଟ୍ ମିଲ୍ ସ୍ଲାବ୍ ରୋଲ୍।

ରାଉରକେଲା, ୧୯।୮ (ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ନୂତନ ପ୍ଲେଟ ମିଲ୍ ବିଭାଗ ଏକ ନୂତନ ଏକଦିବସୀୟ ଉତ୍ପାଦନ ରେକର୍ଡ ହାସଲ କରିଛି। ନୂତନ ପ୍ଲେଟ ମିଲ୍ ବିଭାଗ ଗତ ୧୫ତାରିଖରେ ଏହାର ସର୍ବୋଚ୍ଚ ଏକ-ଦିବସୀୟ ଉତ୍ପାଦନ ହାସଲ କରି କାର୍ଯ୍ୟଦକ୍ଷତାରେ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଉକ୍ତ ଦିନ ମିଲ୍ ୫,୪୪୫ ଟନ୍ ସ୍ଲାବ୍ ରୋଲିଂ କରି ଗତ ଜୁଲାଇ ୧୦ତାରିଖରେ ହାସଲ ହୋଇଥିବା ୫,୧୦୯ ଟନ୍ ସ୍ଲାବ୍ ରୋଲିଂର ପୂର୍ବ ରେକର୍ଡକୁ ଅତିକ୍ରମ କରିଥିଲା। ଏହି ସଫଳତା ସହିତ ମିଲ୍ ଉକ୍ତ ଦିନ ସି-ସିଫ୍ଟରେ ଏହାର ସର୍ବୋତ୍ତମ ସିଫ୍ଟ ପ୍ରଦର୍ଶନ ମଧ୍ୟ ପଞ୍ଜୀକୃତ କରିଥିଲା। ଗତ ଜାନୁଆରୀ ୧୦ତାରିଖରେ ଏ ସିଫ୍ଟରେ ହାସଲ କରାଯାଇଥିବା ୧,୮୩୪ ଟନ୍ ପୂର୍ବ ରେକର୍ଡରେ ଉନ୍ନତି ଆଣିଥିଲା। ଉଲ୍ଲେଖନୀୟ, ଦେଶର ୭୯ତମ ସ୍ୱାଧୀନତା ଦିବସ ଅବସରରେ ଏହି ସଫଳତା ହାସଲ ହୋଇଥିଲା ଏବଂ ଏହା କର୍ମଚାରୀଙ୍କ ନିଷ୍ଠା ଓ ଉତ୍କର୍ଷତାକୁ ପ୍ରଦର୍ଶନ କରିଥିଲା। ଏନ୍‌ପିଏମ୍ ସାମୂହିକଙ୍କ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁ ଏହି ସଫଳତା ସମ୍ଭବ ହୋଇଥିଲା। ଏଥିରେ ଉତ୍ପାଦନ ଯୋଜନା ଏବଂ ନିୟନ୍ତ୍ରଣ, ଶକ୍ତି ପରିଚାଳନା, ଆର୍‌ଏଣ୍ଡସି ପ୍ରୟୋଗଶାଳା, ରୋଲ୍ ଶପ୍, ଷ୍ଟିଲ ମେଲ୍ଟିଂ ଶପ୍-୨, ଟ୍ରାଫିକ୍ ଓ କଞ୍ଚାମାଲ, କେନ୍ଦ୍ରୀୟ ଯାନ୍ତ୍ରିକ ଏବଂ ବୈଦ୍ୟୁତିକ, ଇନଷ୍ଟ୍ରୁମେଣ୍ଟେଶନ, ସିଏଣ୍ଡଆଇଟି, ରିଫ୍ରାକ୍ଟୋରି ଏବଂ ଏମ୍‌ଏମ୍ ଷ୍ଟୋର ଭଳି ସହଯୋଗୀ ବିଭାଗ ଗୁଡିକରୁ ପୂର୍ଣ୍ଣ ସମର୍ଥନ ମିଳିଥିଲା।

# ଏଡିଏମ୍‌ଙ୍କୁ ଖ୍ରୀଷ୍ଟିଆନ ମିଳିତ ସଂଘର ସ୍ମାରକପତ୍ର

ରାଉରକେଲା, ୧୯।୮ (ବିପ୍ଲବ ରଞ୍ଜନ ଦାଶ)

ସୁନ୍ଦରଗଡ ଜିଲାର ସଂଖ୍ୟାଲଘୁ ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ଲୋକଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାରକୁ ବିରୋଧ କରି ରାଉରକେଲା ପାନପୋଷ, ବଣେଇ, ବୀରମିତ୍ରପୁର ଓ ରାଜଗାଙ୍ଗପୁର ଖ୍ରୀଷ୍ଟିୟାନ ମିଳିତ ସଂଘ ପକ୍ଷରୁ ମଙ୍ଗଳବାର ଏକ ବିଶାଳ ନ୍ୟାୟଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ବିଶ୍ରା ଛକରୁ ଆରମ୍ଭ ହୋଇଥିଲା। ଏଥିରେ ହଜାର ହଜାର ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ଯୋଗଦେଇ ସେମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବନ୍ଦ କରିବାକୁ ନାରା ଦେଇଥିଲେ। ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଖ୍ରୀଷ୍ଟିୟାନ ଧର୍ମପ୍ରଦେଶର କିଶୋର କୁମାର କୁଜୁର, ଫାଦର ପ୍ରଦୀପ କୁଜୁର, ରାଉରକେଲା ଖ୍ରୀଷ୍ଟିୟାନ ମିଳିତ ସଂଘ ସଭାପତି ସୁଶୀଲ କିଣ୍ଡୋ, ସମ୍ପାଦକ ବାର୍ଥୋଲୋମି କେରକଟା, ସଂଘର ଆଇନ ପରାମର୍ଶଦାତା ଆଲବିନୁସ କେରକେଟା, କାନ୍ତି ତିର୍କୀ ଓ ସୁଚିତା ବଘେଲ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀଙ୍କ ଉପରେ ହେଉଥିବା କ୍ରୁରତାପୂର୍ଣ୍ଣ ବ୍ୟବହାର ଏବଂ ଏହି ସମ୍ପ୍ରଦାୟ ଲୋକମାନଙ୍କ ନାଁରେ ମନଗଢା ଅଭିଯୋଗ କରି ଧର୍ମସ୍ଥଳୀଗୁଡିକ ଭଙ୍ଗାରୁଜା କରାଯାଉଥିବାରୁ ଏହାକୁ ସେମାନେ ତୀବ୍ର ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରେ ସଂଘ ପକ୍ଷରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜାତୀୟ ସଂଖ୍ୟାଲଘୁ ଅଧ୍ୟକ୍ଷ, ସୁନ୍ଦରଗଡ ଜିଲାପାଳଙ୍କ ଉଦ୍ଦେଶ୍ୟରେ ରାଉରକେଲା ଏଡିଏମ୍‌ଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।



ନ୍ୟାୟଯାତ୍ରାରେ ଯୋଗ ଦେଇଥିବା ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକ।

# ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ ଆରମ୍ଭ


ଜ୍ଞାନଯଜ୍ଞ ପାଇଁ କଳସ ଯାତ୍ରା କରାଯାଉଛି।

ରାଉରକେଲା, ୧୯।୮ (ଦିନେଶ ମିଶ୍ର)

ଭରଦ୍ୱାଜ ପରିବାର ପକ୍ଷରୁ ରାଉରକେଲା ଅମର ଭବନ ପରିସରରେ ମଙ୍ଗଳବାର ଶ୍ରୀମଦ୍ ଭଗବତ କଥା ସପ୍ତାହ ଜ୍ଞାନଯଜ୍ଞ ଆରମ୍ଭ ହୋଇଛି। ଏହି ଉତ୍ସବରେ ସ୍ଥାନୀୟ ୧୦୮ ଜଣ ମହିଳାଙ୍କୁ ନେଇ ଏକ କଳସଯାତ୍ରା ଆୟୋଜନ କରାଯାଇଥିଲା। ଏହି କଳସଯାତ୍ରା ପ୍ରାତଃ ସମୟରେ ବାହାରି ଅମରଭବନ ପରିସରରେ ପହଞ୍ଚିଥିଲା। କଳସଗୁଡିକ ଜ୍ଞାନଯଜ୍ଞ କୁଣ୍ଡ ନିକଟରେ ସ୍ଥାପନା କରାଯାଇ ଯଜ୍ଞକାର୍ଯ୍ୟ ହୋଇଥିଲା। ଏଥିରେ ଶ୍ରୀଧାମ ବରସାନ କଥାକାର ଆଚାର୍ଯ୍ୟ ବାଲକୃଷ୍ଣ ମହାରାଜ ଯୋଗଦେଇ ଶ୍ରୀଭାଗବତ କଥା ଶ୍ରବଣ କରିବା ଦ୍ୱାରା ଶ୍ରଦ୍ଧାଳୁଙ୍କ କଲ୍ୟାଣ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରତିଦିନ ସନ୍ଧ୍ୟା ସାଢେ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭରଦ୍ୱାଜ ପରିବାର ପକ୍ଷରୁ ଶ୍ୟାମସୁନ୍ଦର ଶର୍ମା, ବିକାଶ ଶର୍ମା, ରାଜକୁମାର ଶର୍ମା, ଜୟପ୍ରକାଶ ଶର୍ମା, ଆନନ୍ଦ ଶର୍ମା, ବ୍ରାହ୍ମଣ କଲ୍ୟାଣ ସଭାର ବହୁ ଅଧିକାରୀ ଓ ସଦସ୍ୟ ସହଯୋଗ କରିଥିଲେ। ପ୍ରଥମ ଦିନରେ ଭାଗବତ ମାହାତ୍ମ୍ୟ, ଶ୍ରୀଗଣେଶ ପୂଜନ ସହ ପାର୍ଶ୍ୱଦେବଦେବୀ ଓ ନବଗ୍ରହାଧିମଣ୍ଡଳ ପୂଜା କରାଯାଇଥିଲା।

# ଶୋଭାପାଇବ ଲୋଟସ୍ ଟେମ୍ପୁଲ

**ବ୍ରାଇଟ୍‌ଲାଇନ୍ ୱେଲ ଫେୟାର କମିଟି**

**ଷ୍ଟିଲ ସିଟିରେ ଗଣେଶ ପୂଜା ପ୍ରସ୍ତୁତି**

ରାଉରକେଲା, ୧୯।୮ (ଦିନେଶ ମିଶ୍ର)

ରାଉରକେଲା ସହରରେ ଗଣେଶ ପୂଜାକୁ ନେଇ ପ୍ରସ୍ତୁତି ଜୋର୍ ଧରିଛି। ଏହି କ୍ରମରେ ଛେଣ୍ଡ କଲୋନି ଫେଜ୍ ୱାନ୍‌ରେ ଥିବା ବ୍ରାଇଟ୍‌ଲାଇନ୍ ୱେଲଫେୟାର କମିଟି ପକ୍ଷରୁ ଚଳିତ ବର୍ଷ ଗଣେଶ ପୂଜା ପାଳନକୁ ନେଇ ପ୍ରସ୍ତୁତି ଜାରି ରହିଛି। ଏହି କ୍ଲବ ଛେଣ୍ଡ ଅଞ୍ଚଳରେ ଦୀର୍ଘ ୩୫ ବର୍ଷ ଧରି ଗଣେଶ ପୂଜା କରି ଆସୁଛି। ଚଳିତ ବର୍ଷ ପୂଜାକୁ ୩୬ ବର୍ଷ ପୂରଣ ହେଉଥିବାରୁ ଏଥର ମଣ୍ଡପରେ କେରଳର ଲୋଟସ୍ ଟେମ୍ପୁଲ ତୋରଣ ମୁଖ୍ୟ ଆକର୍ଷଣ ହେବ। ଏହି ପେଣ୍ଡାଲରେ ପଦ୍ମଫୁଲ ଉପରେ ମା' ଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି ଶୋଭା ପାଇବ। ଏହି ତୋରଣର ଉଚ୍ଚତା ୮୫ ଫୁଟ୍ ରହିଥିବାବେଳେ ଏହା ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ ହେବ ବୋଲି ସଭାପତି ସୂର୍ଯ୍ୟକାନ୍ତ ସାହୁ ସୂଚନା ପ୍ରଦାନ କରିଛନ୍ତି। ସେହିଭଳି କଲିକତାର ସୁନ୍ଦରବନ ଅଞ୍ଚଳର ଆସିଥିବା କାରିଗର ସଚିନ ଦାସ ଗଣେଶ ମୂର୍ତ୍ତି ନିର୍ମାଣ କରୁଛନ୍ତି। ମୂର୍ତ୍ତିର ଉଚ୍ଚତା ୧୭ ଫୁଟ୍ ରହିଛି। ସମ୍ପୂର୍ଣ୍ଣ ମୂର୍ତ୍ତିକୁ ରଙ୍ଗବେରଙ୍ଗ ପ୍ରଜାପ୍ରତି କୀଟ ଛବିରେ ନିର୍ମାଣ କରାଯାଉଛି। ପେଣ୍ଡାଲର ପ୍ରବେଶ ପଥ କଲିକତାର ଦକ୍ଷିଣେଶ୍ୱର କାଳୀ ମନ୍ଦିରର ପ୍ରବେଶ ପଥ ଆକାରରେ ଶୋଭା ପାଇବ। ଏହି ସମସ୍ତ କାର୍ଯ୍ୟ ପାଇଁ ୧୫ ଲକ୍ଷ ଟଙ୍କାର ବଜେଟ୍ କରାଯାଇଛି। ଆସନ୍ତା ୨୭ ତାରିଖରୁ ଆରମ୍ଭ ହେଉଥିବା ଏହି ପୂଜାରେ ୧୦ ଦିନ ଧରି ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରତିଦିନ ଭୋଗ ବିତରଣ ବ୍ୟବସ୍ଥା କରାଯାଇଛି। ଏଥିସହ ଉତ୍ତରପ୍ରଦେଶର ଉଜ୍ଜୟିନୀର ମହାକାଳ ବାଦ୍ୟ ଓ ପୁରୀର ଘଣ୍ଟବାଦ୍ୟରେ ଗଣପତିଙ୍କୁ ଆଳତୀ ପ୍ରଦାନ ବ୍ୟବସ୍ଥା କରାଯାଇଛି। ସେପ୍ଟେମ୍ବର ମାସ ୭ ତାରିଖରେ ମୂର୍ତ୍ତି ବିସର୍ଜନ କରାଯିବ ବୋଲି ସାଧାରଣ ସମ୍ପାଦକ ନିହାର ରଞ୍ଜନ କହିଛନ୍ତି। ପୂଜାରେ ଲୋକମାନଙ୍କ ମନୋରଞ୍ଜନ ପାଇଁ ମୀନାବଜାର ସହ ଦୋଳି ବ୍ୟବସ୍ଥା କରାଯାଇଛି। କମିଟିର ବରିଷ୍ଠ ସଦସ୍ୟ ଜେଣ୍ଟେଲ ପରିଡା, ଦେବାଶିଷ ନାୟକ, ରିଙ୍କି ବଜାଜ୍, ଅବିନାଶ ଜେନା, ବିକାଶ ପୃଷ୍ଟି, ପ୍ରିନ୍ସ ଦାଶ, ଦେବାଶିଷ ଲେଙ୍କା, ସୌମ୍ୟ ଜେନା, ହରିଶ ତ୍ରିପାଠୀ, ଶରତ ଦେଉରୀ, ଗୌରବ ସାହୁ, ଦୀପକ ଗୋମାଙ୍ଗ, ସାହିଦ ଅଲ୍ଲୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବେ ବୋଲି ସୂଚନା ପ୍ରଦାନ କରାଯାଇଛି।


କେରଳର ଲୋଟସ୍ ଟେମ୍ପଲ ତୋରଣ ପ୍ରତିକୃତି।

# ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଅଣଦେଖା

**ସ୍କୁଲ କାନ୍ଥ ଦେଇ ଯାଇଛି ବିଦ୍ୟୁତ୍ ତାର**

ରାଉରକେଲା, ୧୯।୮ (ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ବିଶ୍ରା ଶିକ୍ଷା ବିଭାଗ ଅନ୍ତର୍ଗତ ବିଭିନ୍ନ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ହଜାର ହଜାର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ତେବେ ସହରର ବ୍ରାହ୍ମଣୀନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ସୁରକ୍ଷାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଉକ୍ତ ସ୍କୁଲ ନିକଟରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଯାଇଥିବାରୁ ଛାତ୍ରୀଛାତ୍ରମାନଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ରାଉରକେଲା ସହରର ବ୍ରାହ୍ମଣୀନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ଯାଏଁ ୧୯୭ ପିଲା ପଢୁଛନ୍ତି। ଏହି ସ୍କୁଲ କାନ୍ଥ କଡ଼ରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ବ୍ରାହ୍ମଣୀନଗର ବସ୍ତିକୁ ଯାଇଛି। ବର୍ଷା ସମୟରେ ସ୍କୁଲ କାନ୍ଥକୁ ଛୁଇଁଲେ କରେଣ୍ଟ ମାରୁଛି। ସ୍କୁଲ ସମ୍ମୁଖରେ ଏକ ବିଦ୍ୟୁତ୍ ଖୁଣ୍ଟ ରହିଥିବା ବେଳେ ଗତ ୪ଦିନ ତଳେ ଜଣେ ସହାୟିକା ସ୍କୁଲ କାନ୍ଥ ସଫା କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିବା ଜଣାପଡିଛି। କାନ୍ଥ ପାଖକୁ ନ ଯିବା ପାଇଁ ପିଲାମାନଙ୍କୁ ପରାମର୍ଶ ଦିଆଯିବା ସହ ସେମାନେ ଯେଭଳି ବର୍ଷା ସମୟରେ କାନ୍ଥ ପାଖକୁ ନ ଯିବେ ସେ ନେଇ ସ୍କୁଲ କର୍ତ୍ତୃପକ୍ଷ ସତର୍କତା ଅବଲମ୍ବନ କରୁଥିବା କହିଛନ୍ତି। ଏଣୁ ଏ ଦିଗରେ ତୁରନ୍ତ ଶିକ୍ଷା ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ବ୍ରାହ୍ମଣୀନଗର ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ କହିଲେ, ଆମ ସ୍କୁଲ କମ୍ ଜାଗାରେ ରହିଛି। ଏମିତିରେ ସ୍କୁଲ କାନ୍ଥ ଦେଇ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଲମ୍ବିଛି। ୪ଦିନ ତଳେ ଏକ ଅଘଟଣ ଘଟିଥିଲା। ମାତ୍ର ବିଶେଷ କ୍ଷତି ହୋଇ ନ ଥିଲା। ନିଶ୍ଚିତ ଭାବେ ଏହା ଆମ ପାଇଁ ଓ ଛାତ୍ରୀଛାତ୍ରଙ୍କ ପାଇଁ ଆଶଙ୍କା ସୃଷ୍ଟି କରୁଛି। ସ୍କୁଲ ନିକଟରୁ ବିଦ୍ୟୁତ୍ ତାର ଅନ୍ୟତ୍ର ସ୍ଥାନାନ୍ତର ହେଲେ ଉଚିତ ହୁଅନ୍ତା ବୋଲି କହିବା ସହ ଏ ବିଷୟରେ ବିଭାଗକୁ ରିପୋର୍ଟ କରିଥିବା ସେ କହିଥିଲେ। ଏ ନେଇ ବିଇଓ ସୁପ୍ରଭାତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ସ୍ଥାନୀୟ ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇଛି। ଖୁବଶୀଘ୍ର ଏହାର ସ୍ଥାୟୀ ସମାଧାନ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ।


ବ୍ରାହ୍ମଣୀନଗର ସ୍କୁଲ ଦେଇ ବିଦ୍ୟୁତ୍ ତାର ଯାଇଛି।

**ଛେଳି ଚୋରି ଅଭିଯୋଗ: ଯୁବକ ଗିରଫ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ଖପ୍ରାଖୋଲ ଥାନା ଓଡିଆପାଲି ଗାଁରେ ଛେଳି ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଗଲପୁର ଥାନା ହଲଦିପଦର୍ ଗାଁର ହେମନ୍ତ ନାଗ (୩୨) । ଓଡ଼ିଆପାଲି ଗାଁର ଡମ୍ବରୁ ବାଗଙ୍କ ଗୁହାଳରୁ ବିଳମ୍ବିତ ରାତିରେ ତିନୋଟି ଛେଳି ଚୋରି କରି ନେବା ବେଳେ ଅନ୍ୟ ଛେଳି ରଡ଼ି ଛାଡିଥିଲେ। ଫଳରେ ଗାଁ ଲୋକେ ଉଠିପଡି ଛେଳି ଚୋରକୁ କାବୁ କରି ପୋଲିସ ଜିମା ଦେଇଥିଲେ।



# କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ନେଇ ରାଜନୀତି ସରଗରମ

ବଲାଙ୍ଗୀର,୧୯।୮ (ବୀରେନ୍ଦ୍ର କୁମାର ଝାଙ୍କର)

ସମ୍ବଲପୁରଠାରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଆଗତ କରାଯିବା ପରେ ବଲାଙ୍ଗୀରରେ ଏହି ପ୍ରସଙ୍ଗକୁ ନେଇ ରାଜନୀତି ସରଗରମ ହୋଇଛି। ଭାଜପାର ଏଭଳି ନିଷ୍ପତ୍ତିକୁ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଏନେଇ ସାମାଜିକ ଗଣମାଧ୍ୟମରେ ଟୁଇଟ୍ କରିବା ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ପରେ ଭାଜପା ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଡାକି ସୂଚନା ଦିଆଯାଇଥିଲା। ଭାଜପା ଜିଲା ସଭାପତି ଶ୍ରୀବତ୍ସ ବେହେରା, ବରିଷ୍ଠ ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ, ଜିଲା ମହିଳା ମୋର୍ଚ୍ଚା ସଭାପତି ରଞ୍ଜିତା ପାଣିଗ୍ରାହୀ,



ଭାଜପାର ଖବରଦାତା ସମ୍ମିଳନୀ ।

ଏମପି ନୋମିନି ଦିନେଶ ଶର୍ମା ଓ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଅମରଜିତ ପଟେଲ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଜିଲା ଭାଜପା ସଭାପତି ବେହେରା ସମ୍ବଲପୁର ଠାରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ ଭାଜପା ସଂକଳ୍ପ ପତ୍ରରେ ରହିଥିଲା ଏବଂ ସେହି ଅନୁଯାୟୀ ସୋମବାରର ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପ୍ରସ୍ତାବ ଦେଇଥିବା ସୂଚନା ଦେଇଥିଲେ। ବରିଷ୍ଠ ଭାଜପା ନେତା ପାଣିଗ୍ରାହୀ ଭାଜପା ସଂକଳ୍ପ ପତ୍ର କଥା ଉଠାଇ ସମ୍ବଲପୁରରେ କୃଷି ବିଶ୍ୱବିଦ୍ୟାଳୟ ଏବଂ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କରେ ସରକାର ନିଷ୍ପତ୍ତି ନେଇଥିବା ଜଣାଇଥିଲେ। ଉଭୟ ନେତା ବଲାଙ୍ଗୀର ବିଧାୟକ କଳିକେଶଙ୍କୁ କଡା ଭାଷାରେ ସମାଲୋଚନା କରି

## ୨୪ ବର୍ଷରେ ବିଜେଡି କିଛି କରିନାହିଁ: ଭାଜପା

୨୪ ବର୍ଷରେ ବିଜେଡି କିଛି କରି ନ ଥିବାରୁ ବଲାଙ୍ଗୀରରେ ଭିତ୍ତିଭୂମି ତିଆରି ହୋଇନଥିବାରୁ ଆଜି ଅନେକ କିଛି ହରାଇବାକୁ ପଡିଛି ବୋଲି କହିଥିଲେ। କେବଳ ଚିଠି ଲେଖି ବାହାସ୍ଫୋଟ ମାରିଲେ କିଛି ହେବନାହିଁ ବୋଲି କହି ସେଭଳି କାର୍ଯ୍ୟରୁ କ୍ଷାନ୍ତ ରହନ୍ତୁ ବୋଲି କହିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ବିଭିନ୍ନ ପ୍ରଶ୍ନ କରି ଭାଜପା ଜିଲା ସଭାପତି ବେହେରା ଏବଂ ବରିଷ୍ଠ ନେତା ଗୋପାଲଜୀଙ୍କୁ ଘେରିଥିଲେ। ସରକାରରେ ନ ଥିଲା ବେଳେ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ହେଉ ବୋଲି କାହିଁକି ଆନ୍ଦୋଳନ କରୁଥିଲ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିଥିଲେ।

# ବାଛୁରୀ ମୁଣ୍ଡ ପଡ଼ିବା ନେଇ ଉତ୍ତେଜନା, ରାସ୍ତାରୋକୋ



ବଲାଙ୍ଗୀର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥରେ ଆନ୍ଦୋଳନକାରୀମାନେ ରାସ୍ତାରୋକୋ କରୁଛନ୍ତି।

ବଲାଙ୍ଗୀର,୧୯।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ପାଲେସ ଲାଇନ୍ ନିକଟ ରାଧାକୃଷ୍ଣ ମନ୍ଦିର ପାଖ ବଲାଙ୍ଗୀର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥର ଏକ ଦୋକାନ ନିକଟରେ ମଙ୍ଗଳବାର ଏକ ବାଛୁରୀର କଟାମୁଣ୍ଡ ଓ ଗୋଡ ପଡିଥିବା ଦେଖାଯାଇଥିଲା। ଏହି ଘଟଣା ଜଣାପଡିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବହୁ ଲୋକ ସେଠାରେ ରୁଣ୍ଡ ହୋଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ମଧ୍ୟାହ୍ନ ପ୍ରାୟ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଗାଡି ମୋଟର ଚଳାଚଳ ବନ୍ଦ ରହିଥିଲା । ଜିଲା ପ୍ରଶାସନ ବିରୋଧରେ ଆନ୍ଦୋଳନକାରୀମାନେ ନାରାବାଜି କରିଥିଲେ। ବଲାଙ୍ଗୀରରେ ଗୋ ହତ୍ୟା ବନ୍ଦ କରିବା, ଗୋଚାଲାଣ ବନ୍ଦ କରିବା, ଗୋସୁରକ୍ଷା ପାଇଁ ସହର ଉପକଣ୍ଠରେ ଏକ ଗୋସୁରକ୍ଷା କେନ୍ଦ୍ର ଖୋଲାଯିବା, ଦୁର୍ଘଟଣାରେ ଆହତ ଗୋରୁଙ୍କ ପାଇଁ ଗୋ ଆମ୍ବୁଲାନ୍ସ ସେବା ଆରମ୍ଭ କରିବା ଏବଂ ଧାର୍ମିକ ସ୍ଥଳରୁ ଅତିକମ୍‌ରେ ୨୦୦ ମିଟର ଦୂରରେ ମାଂସ ଦୋକାନ ବନ୍ଦ କରାଯିବା ଦାବି କରାଯାଇଥିଲା। ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ରାସ୍ତାରୋକୋ ସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ତହସିଲଦାର ମଧ୍ୟ ସେଠାକୁ ଆସି ଆଲୋଚନା କରିଥିଲେ। ଗୋସୁରକ୍ଷା ପାଇଁ ୫ ଏକର ଜମିରେ ବ୍ୟବସ୍ଥା କରାଯିବ ଏବଂ ବାଛୁରୀ ମୁଣ୍ଡ ପଡିବା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନରେ ପ୍ରାଣୀ ସୁରକ୍ଷା କର୍ମୀ କହ୍ନା ଶତପଥୀ, ଅନ୍ତର୍ଯ୍ୟାମୀ କରନ୍, ସୁନୀଲ ସେଠ୍, ବବଲୁ ପଟେଲ, ସୁନୀଲ ମିଶ୍ର, ଏସ. ବଘାର, ସିଙ୍କୁ ଷଡଙ୍ଗୀ, ହରପ୍ରସାଦ ଭୋଇ ଓ ଅନ୍ୟମାନେ ସାମିଲ ଥିଲେ। ସୂଚନାଯୋଗ୍ୟ, ଦୀର୍ଘଦିନ ହେଲା ବଲାଙ୍ଗୀର ସହରରେ ବୁଲା ଗୋରୁଙ୍କ ସୁରକ୍ଷା ଏବଂ ଗୋଚାଲାଣ ବନ୍ଦ ଦାବି ନେଇ ବିଭିନ୍ନ ସମୟରେ ଆନ୍ଦୋଳନ ହୋଇଆସୁଛି। ଅନେକ ସମୟରେ ମୁଖ୍ୟ ରାସ୍ତାରେ ବୁଲା ଗୋରୁଙ୍କ ଅବାଧ ବିଚରଣ ଯୋଗୁ ଦୁର୍ଘଟଣା ଘଟୁଛି।

# ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି କଲେ କଳିକେଶ

ସମ୍ବଲପୁରଠାରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଆଲୋଚନାକୁ ନେଇ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କୁ ମଙ୍ଗଳବାର ଚିଠି ଲେଖିଛନ୍ତି। କେବିକେ ଅଞ୍ଚଳରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଗତ ୧୦ ବର୍ଷ ହେଲା ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବାକୁ ଦାବି ହୋଇଆସୁଛି। କିନ୍ତୁ ଏପର୍ଯ୍ୟନ୍ତ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଲେ ନାହିଁ। ବିଭିନ୍ନ ସମୟରେ ବଲାଙ୍ଗୀରରେ ଏନେଇ ଜନଆନ୍ଦୋଳନ ହୋଇଛି। କିନ୍ତୁ ସରକାର ନୀରବ ରହିଛନ୍ତି। ସେପଟେ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ



ବିଧାୟକ କଳିକେଶ ନାରାୟଣ ସିଂଦେଓ।

ନେଇ ଭୁବନେଶ୍ୱର ଲୋକସେବା ଭବନରେ ସୋମବାର ବୈଠକ କରାଯାଇଥିବା ନେଇ ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ କୃଷିକୃଷକ ଓ ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଟ୍ୱିଟ୍ କରିବା ପରେ ବିଧାୟକ କଳିକେଶ ନାରାୟଣ ସିଂଦେଓ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ବଲାଙ୍ଗୀରରେ ଦୀର୍ଘବର୍ଷ ହେଲା କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହେଉଛି। କିନ୍ତୁ ଏହାକୁ ଅଣଦେଖା କରାଯାଇ କେବିକେ ଅଞ୍ଚଳ ବଦଳରେ ସମ୍ବଲପୁରରେ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପ୍ରସ୍ତାବ କରାଯାଉଛି। ଏହା ବଲାଙ୍ଗୀରର ଲୋକଙ୍କ ଭାବନାକୁ ଆଘାତ ଦେଇଛି। କୃଷି ଗବେଷଣା ପାଇଁ ଏଠାରେ ଉପଯୁକ୍ତ ଭିତ୍ତିଭୂମି ଥିବା ବେଳେ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ତାହା ହୋଇପାରୁନି ବୋଲି ସେ କହିଛନ୍ତି। ବଲାଙ୍ଗୀରର ଦାବିକୁ ଅଣଦେଖା କରାଯାଇଥିବାରୁ ସେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ କଳିକେଶ ସେହି ଚିଠିର ନକଲ ପଠାଇଥିବା ଜଣାଇଛନ୍ତି।

# ପ୍ରସ୍ତାବକୁ ସମାଲୋଚନା କଲେ ନରସିଂହ

ସମ୍ବଲପୁରଠାରେ ଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିବା ନେଇ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏକ ପ୍ରେସ ରିଲିଜରେ ପୂର୍ବତନ ମନ୍ତ୍ରୀ ମିଶ୍ର କହିଛନ୍ତି, ବଲାଙ୍ଗୀରର ଦୀର୍ଘଦିନର ଦାବିକୁ ଭାଜପା ସରକାର ସମ୍ବଲପୁର ହାତକୁ ଟେକି ଦେଉଥିବା ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ। ଭାଜପା ସରକାର ବିରୋଧୀ ଦଳରେ ଥିଲା ବେଳେ ଭିନ୍ନ ଭୂମିକା ଗ୍ରହଣ କରୁଛି ଓ ସରକାରକୁ ଆସିଲେ ଭିନ୍ନ ମୁଖା ପ୍ରଦର୍ଶନ କରୁଛି । ୨୦୧୪ ମସିହାରେ ତତ୍କାଳୀନ ରାଜ୍ୟପାଳ ବିଧାନସଭାକୁ ସମ୍ବୋଧନ କରି କେବିକେ ଅଞ୍ଚଳରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବା ନେଇ ଘୋଷଣା କରିଥିଲେ। ଯାହା ତତ୍କାଳୀନ ସରକାରଙ୍କ ପ୍ରସ୍ତାବ ବୋଲି ଗ୍ରହଣ କରାଯାଏ।



ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର।

ଉକ୍ତ ସମୟରେ ତତ୍କାଳୀନ ଭାଜପା ବିଧାୟକମାନେ ଏହାକୁ ବିରୋଧ କରିବା ପରିବର୍ତ୍ତେ ସମର୍ଥନ ଜଣାଇଥିଲେ। ସେତେବେଳେ ସମ୍ବଲପୁରରେ ହୋଇଥିବା ଏକ ସଭାରେ କୃଷି ବିଶ୍ୱବିଦ୍ୟାଳୟ ବଲାଙ୍ଗୀରରେ ସ୍ଥାପନ କରିବା ପାଇଁ ସେ ନିଜେ ପ୍ରସ୍ତାବ ଦେଇଥିଲେ ଏବଂ ଏହାକୁ ତତ୍କାଳୀନ କୃଷି ମନ୍ତ୍ରୀ ସ୍ୱୀକାର କରି ଉକ୍ତ ପ୍ରସ୍ତାବକୁ ବିଧାନସଭାରେ ଉପସ୍ଥାପନ ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ସେ ବାରମ୍ବାର ବିଧାନସଭାରେ ବଲାଙ୍ଗୀର ଠାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଦାବି ରଖିଥିଲେ। କିନ୍ତୁ ତତ୍କାଳୀନ ସରକାର ଏହାକୁ ଅଣଦେଖା କରିଚାଲିଥିଲେ। ତେବେ ପୂର୍ବରୁ କେବିକେ ଅଞ୍ଚଳରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସମର୍ଥନ ଜଣାଇଥିବା ଭାଜପା ଏବେ ଏହାକୁ ସମ୍ବଲପୁରକୁ ଟାଣି ନେଇ ନିଜର ଦୋମୁହାଁ ଚେହେରା ସର୍ବସମ୍ମୁଖରେ ରଖିଛି ବୋଲି ମିଶ୍ର କହିଛନ୍ତି। ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଦୃଢ ଦାବି କରୁଛି ଏବଂ ଏଠାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଯଥେଷ୍ଟ ଭିତ୍ତିଭୂମି ରହିଛି ବୋଲି ମିଶ୍ର କହିଛନ୍ତି। ଯଦି ଏହି ପ୍ରକଳ୍ପକୁ ବଲାଙ୍ଗୀରରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଏ ତେବେ ଲୋକେ ଏହାର ଜୋରଦାର ବିରୋଧ କରିବେ ବୋଲି ମିଶ୍ର ଚେତାବନୀ ଦେଇଛନ୍ତି।

# ହାଇ ଭୋଲ୍‌ଟେଜ୍ ବିଦ୍ୟୁତ୍ ତାର ବିଛାଇ ବାର୍‌ହା ଶିକାର ଅଭିଯୋଗ

ଲାଠୋର,୧୯।୮ (ଭୁବନେଶ୍ୱର ବାରିକ)

- ବନ ବିଭାଗ ଓ ବିଦ୍ୟୁତ୍ ଯୋଗାଣ ସଂସ୍ଥାର ନିଘା ନାହିଁ
- ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ରେଞ୍ଜ ଅଞ୍ଚଳର ବିଭିନ୍ନ ସ୍ଥାନରେ ହାଇ ଭୋଲେଟେଜ ବିଦ୍ୟୁତ୍ ତାର ବ୍ୟବହାର କରି ଜଙ୍ଗଲି ଜୀବଜନ୍ତୁ ଶିକାର କରିବା ଏକ ନିତିଦିନିଆ ଘଟଣା ହୋଇଛି। ଏଥିପ୍ରତି ବିଦ୍ୟୁତ୍ ଯୋଗାଣ ସଂସ୍ଥା କିମ୍ବା ବନ ବିଭାଗର ନିଘା ନାହିଁ। ଫଳରେ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦ ରହୁଛି । ଏ ନେଇ କରୁଆଁଝର ଅଞ୍ଚଳର ଅଧିବାସୀ ବନ ବିଭାଗକୁ ଅବଗତ କରି ଏହି ବେଆଇନ କାରବାରକୁ ଯଥାଶୀଘ୍ର ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଲାଠୋର ରେଞ୍ଜ ଅଧୀନ ବିଭିନ୍ନ ଜଙ୍ଗଲରେ ବହୁ ପରିମାଣର ବାର୍‌ହା ରହିଛନ୍ତି। ଦ୍ରୁତ ଗତିରେ ଜଙ୍ଗଲ ଧ୍ୱଂସ ଯୋଗୁ ବାର୍‌ହା ଖାଦ୍ୟାଭାବ ହେତୁ ଗାଁ ମୁହାଁ ହେଉଛନ୍ତି। ଲାଠୋର ଏବଂ କରୁଆଁଝର ସୀମାନ୍ତ ଅଞ୍ଚଳରେ ଜାମଖୋଲ ନାମକ ଡୁଙ୍ଗୁରୀ(ପାହାଡ଼)ଅଛି। ଏହାକୁ ଲାଗି ଏକ କ୍ରସର ମଧ୍ୟ ଅଛି। ସେଠାରେ ପାଣି ସୁବିଧା ଥିବା ହେତୁ ବାର୍‌ହା ପାଣି ପିଇବା ପାଇଁ ସନ୍ଧ୍ୟା ବେଳେ ଆସୁଛନ୍ତି। କ୍ରସର ନିକଟ ରାସ୍ତା ଦେଇ ହାଇ ଭୋଲଟେଜ ବିଦ୍ୟୁତ୍ ତାର ଯାଇଛି। ଏହାର ସୁଯୋଗ ନେଇ ଶିକାରୀମାନେ କ୍ରସର ଆଖପାଖ ଅଞ୍ଚଳରେ ହାଇ ଭୋଲଟେଜ ବିଦ୍ୟୁତ ତାର ବିଛାଇ ବାର୍‌ହା ଶିକାର କରୁଛନ୍ତି। ବର୍ତ୍ତମାନ ଚାଷ ସମୟ । ଲୋକେ ସେହି ରାସ୍ତା ଦେଇ ନିଜ ନିଜର ଚାଷ ଜମିକୁ ଯିବା ଆସିବା କରୁଛନ୍ତି। ଫଳରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ରହୁଛି। ପୂର୍ବରୁ ଅଞ୍ଚଳର ଫୁଲଝର ଗ୍ରାମର ବାଦିଡୁଙ୍ଗୁରୀ(ପାହାଡ଼) ଏବଂ ସୁଲିଆବାହାଲ ଲାଛ ଗୁଡ଼ି(ମନ୍ଦିର) ପଛ ପଟେ ଶିକାରୀମାନେ ବାର୍‌ହା ଶିକାର ପାଇଁ ଖଞ୍ଜିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୨ ଜଣଙ୍କ ଅକାଳ ମୃତ୍ୟୁ ଘଟିଥିବା ନଜିର ରହିଛି। ଏହାସତ୍ତ୍ୱେ ବନ ବିଭାଗ ଏବଂ ବିଦ୍ୟୁତ୍ ଯୋଗାଣ ସଂସ୍ଥା ଉକ୍ତ ବେଆଇନ କାରବାର ବନ୍ଦ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନ କରିବା ଜନଅସନ୍ତୋଷର କାରଣ ହୋଇଛି । ବିଦ୍ୟୁତ ତାର ସଂସ୍ପର୍ଶରେ ଆସି କେହି ଜୀବନ ହାରିଲା ପରେ ସରକାରୀ କଳର ଚେତା ପଶିବ କି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏନେଇ ବିଦ୍ୟୁତ ଯୋଗାଣ ସଂସ୍ଥା ଖପ୍ରାଖୋଲ ସେକ୍ସନ ଅଫିସର ସମ୍ମିତ ପରିଡ଼ାଙ୍କୁ ଫୋନରେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇନାହିଁ । ତେବେ ଲାଠୋର ରେଞ୍ଜର ଶୈଳେଶ ବିଶିଙ୍କୁ ପଚାରିବାରେ ଆମେ ବିଦ୍ୟୁତ୍ ଯୋଗାଣ ସଂସ୍ଥା ଅଧିକାରୀଙ୍କ ସହ ମିଶି ପାଟ୍ରୋଲିଂ କଡ଼ାକଡ଼ି କରିବୁ ବୋଲି କହିଥିଲେ। ତେବେ ବନ୍ୟଜନ୍ତୁ ଏବଂ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ବେଆଇନ କାରବାର ବନ୍ଦ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ତାଲା ମରାକୁ ନେଇ ଅସନ୍ତୋଷ

ବଲାଙ୍ଗୀର,୧୯।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ପୁରୁଣା ବସଷ୍ଟାଣ୍ଡ ନିକଟରେ ଦୀର୍ଘବର୍ଷରୁ ଖୋଲା ଷ୍ଟଲ ଲଗାଇ ଆସୁଥିବା ଖବରକାଗଜ ବିକ୍ରେତା ଏବଂ ବରିଷ୍ଠ ଖବରଦାତା ରାଜୀବ କୁମାର ଷଡଙ୍ଗୀଙ୍କ ଖବରକାଗଜ ରଖୁଥିବା ଟେବୁଲ ଓ ଡ୍ର'ରେ କେହି ତାଲା ମାରି ଦେଇଛି। କିଏ ଏବଂ କାହିଁକି ଏଭଳି କାର୍ଯ୍ୟ କରିଛି ଜଣାପଡିନାହିଁ। ତେବେ ଏହି ଘଟଣାକୁ ନେଇ ଖବରକାଗଜ ବିତରକ ଏବଂ ପାଠକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଷଡଙ୍ଗୀ କହିଛନ୍ତି କେହି ତାଙ୍କ ଟେବୁଲ ଡ୍ର'ରେ ତାଲା ମାରିବା ସହ ଏମସିଲ୍‌ଡ ଓ ସିମେଣ୍ଟ ଦେଇ ସିଲ୍ କରି ଦେଇଛି। ଏହା ଅସାମାଜିକ ଲୋକଙ୍କ କାର୍ଯ୍ୟ ସନ୍ଦେହ କରି ସେ ଟାଉନ ଥାନା ଆଇଆଇସି ଅବନୀ ସାହୁଙ୍କୁ ଜଣାଇ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି।

# 'ସମ୍ବିଧାନ ସଭାରେ ଜନଜାତି ଅଧିକାର ସୁରକ୍ଷାରେ ଯୁଧିଷ୍ଠିରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ବଲାଙ୍ଗୀର,୧୯।୮ (ବୀରେନ୍ଦ୍ର କୁମାର ଝାଙ୍କର)

ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ୧୧୧ ତମ ଜୟନ୍ତୀ ସମାରୋହ ମଙ୍ଗଳବାର ଛତାମଖନାସ୍ଥିତ ଯୁଧିଷ୍ଠିର ମିଶ୍ର ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମ୍ବିଧାନ ପ୍ରଣୟନ ସଭାରେ ଜନଜାତିଙ୍କ ଅଧିକାର ସୁରକ୍ଷାକୁ ନେଇ ସ୍ୱର୍ଗତ ମିଶ୍ର ଯେଭଳି ଆଲୋଚନା ଏବଂ ଉଦ୍ୟମ କରିଥିଲେ ତାହା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଛତାମଖନା ଗାଁରେ ଏହି ମହାପୁରଷଙ୍କ ଜନ୍ମ। ଏହି ମାଟିକୁ ଆସି ସେ ଗର୍ବିତ ଅନୁଭବ କରୁଥିବା କହିଥିଲେ। ଏହି ଅବସରରେ ଯୁଧିଷ୍ଠିର ଉଚ୍ଚ ବିଦ୍ୟାଳୟର




ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

## ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ମିଶ୍ରଙ୍କ ଜୟନ୍ତୀ ସମାରୋହ

ବିକାଶ ପାଇଁ ୧୦ଲକ୍ଷ ଟଙ୍କା ନିଜ ଅନୁଦାନ ପାଣ୍ଠିରୁ ପ୍ରଦାନ କରି ଏକ ବାଳିକା କମନ ରୁମ୍ ସହ ଟଏଲେଟ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର କରିଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଯୋଗଦେଇ କଲେଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅଞ୍ଚଳରେ ଏକ ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ମନ୍ତ୍ରୀ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଥିଲେ। ମୁଖ୍ୟବକ୍ତା ଭାବେ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ପ୍ରଧାନ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଛତିଶଗଡରେ କାର୍ଯ୍ୟରତ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ପ୍ରକାଶ ଚନ୍ଦ୍ର ହୋତା ଯୋଗ ଦେଇ ସ୍ୱର୍ଗତ ମିଶ୍ରଙ୍କ ସାମାଜିକ ଅବଦାନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଧନଞ୍ଜୟ ସେଠ, ଦୈତାରୀ ପୁଝାରୀ, ପବିତ୍ର ଦଣ୍ଡସେନା ପରିଚାଳନା କରିଥିଲେ।

# ନବରାତ୍ର ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ସଇଁତଲା,୧୯।୮ (ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ସହର ହାଟପଦାଠାରେ ସାର୍ବଜନୀନ ନୂଆଁଖାଇ ଭେଟଘାଟ ଓ ନବରାତ୍ର ଦୁର୍ଗାପୂଜା ପାଳନ କରାଯିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହାଟପଦାଠାରେ ଥିବା ଦୁର୍ଗାମଣ୍ଡପ ସମ୍ମୁଖରେ କମିଟିର ସମ୍ପାଦକ ସୁବୋଧ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା କମିଟିର ସଭାପତି ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଦସ୍ୟ ସରପଞ୍ଚ ସୁବ୍ରତ ନାଗ, ସୁବାଷ ରଥ, କିଶନଲାଲ ଅଗ୍ରୱାଲ, ଅରୁଣ ସିଂ ଭୋଇ, ସୂର୍ଯ୍ୟ ଶତପଥୀ, ଲଲାଟେନ୍ଦୁ ପୃଷ୍ଟେଠ, କିଶନ ପଟ୍ଟନାୟକ, ସତ୍ୟବାନ ରଥ, ମନୋଜ ପୃଷ୍ଟେଠ, ଭୀମସେନ ସ୍ୱାଇଁ, ଶେଷଦେବ ଜାନୀ, ଝସକେତନ ମନହୀରା, ଲାଲୁ ଅଗ୍ରୱାଲ, ଆଲୋକ ସାହୁ, ଦେବେନ୍ଦ୍ର ଯୋଷୀ, ଚନ୍ଦ୍ର ଚନ୍ଦନ, ରଜତ ପଟ୍ଟାନାୟକ, ଅମିତ ରଥ, କାନନ ପଟ୍ଟନାୟକ, ମୋତିଲାଲ ସାହୁ, ବନବିହାରୀ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ। ଏହି ବୈଠକରେ ଆଗାମୀ ନୂଆଁଖାଇ ଭେଟଘାଟ ଉତ୍ସବ ମହାସମାରୋହରେ ପାଳନ କରିବା ପାଇଁ ଆଲୋଚନା ହୋଇଥିଲା। ଚଳିତବର୍ଷ ଓଡ଼ିଶା ସାଂସ୍କୃତିକ ବିଭାଗ ତରଫରୁ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ନବରାତ୍ର ଦୁର୍ଗା ପୂଜା ପାଇଁ ସଭାପତି ଭାବରେ ସୁରେନ୍ଦ୍ର ସିଂ ଭୋଇ, ସମ୍ପାଦକ ଭାବରେ ସୁବୋଧ ମିଶ୍ର, କୋଷାଧ୍ୟକ୍ଷ ଭାବରେ ସଞ୍ଜୟ ଅଗ୍ରୱାଲ ମନୋନୀତ ହୋଇଥିଲେ। ଦୁର୍ଗାପୂଜାରେ ଚଳିତବର୍ଷ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ସାଙ୍ଗକୁ ଉଚ୍ଚକୋଟୀର ପୂଜାମଣ୍ଡପ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକକୁ ସମ୍ପାଦକ ସୁବୋଧ ମିଶ୍ର ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।



ବୈଠକରେ ମଞ୍ଚାସୀନ ଅତିଥିଗଣ।

# ୫୦ ଏକର ଜମିର ଚାଷ ନଷ୍ଟ ଆଶଙ୍କା

ଲୋଇସିଂହା,୧୯।୮ (ସୁଶାନ୍ତ ବାରିକ)

ଚଳିତ ଖରିଫରେ ଅନାବୃଷ୍ଟି ଯୋଗୁ ଚାଷୀ ଆସନ୍ନ ମରୁଡି ଚିନ୍ତାରେ। କିନ୍ତୁ ଏଭଳି ସମୟରେ ଉଠା ଜଳସେଚନ ବିଭାଗ ପକ୍ଷରୁ ଖୋଳା ଯାଇଥିବା ଗଭୀର ନଳକୂପ ଚାଷୀଙ୍କୁ ସହାୟକ ହେବ ବୋଲି ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ଗ୍ରାମର ୧୨ ଜଣ ଚାଷୀ ଆଶା ବାନ୍ଧିଥିଲେ। ହେଲେ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁ କେତେକ ପ୍ରକଳ୍ପରେ ଟ୍ରାନ୍ସଫର୍ମର ବସାଯାଇନାହିଁ । ଆଉ କେତେକ ପ୍ରକଳ୍ପରେ ଟ୍ରାନ୍ସଫର୍ମର ବସିବା ସହ ବିଦ୍ୟୁତ ତାର ଟଣା ଯାଇଛି। କିନ୍ତୁ ବିଦ୍ୟୁତ ସଂଯୋଗ ଦିଆଯାଇନାହିଁ। ବିଭାଗ ପକ୍ଷରୁ ଗତ ଜୁନ ୩୦ ତାରିଖ ସୁଦ୍ଧା ଏସମସ୍ତ କାମ ସାରିବାକୁ ଚାଷୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ଦେଢ ମାସ ବିତିଯାଇଥିଲେ ସୁଦ୍ଧା ଚାଷୀଙ୍କ ଅଭିଯୋଗକୁ ବିଭାଗ କର୍ଣ୍ଣପାତ କରୁନାହିଁ। ଅପରପକ୍ଷେ ବର୍ଷାଭାବ ଯୋଗୁ ଚାଷ ଜମି ଶୁଖିଲା ପଡିଥିବାରୁ ରୋତ ଗାଁର ୧୨ ଜଣ ଚାଷୀଙ୍କ ପ୍ରାୟ ୫୦




ପ୍ରକଳ୍ପ ପାଇଁ ବସିଥିବା ଟ୍ରାନ୍ସଫର୍ମର।

ଏକର ଜମିର ଚାଷ ବାଧାପ୍ରାପ୍ତ ହୋଇଛି।

ଚାଷୀଙ୍କ ଅଭିଯୋଗରୁ ପ୍ରକାଶ ଯେ, ୨୦୨୧-୨୨ ଆର୍ଥିକ ବର୍ଷରେ ବଲାଙ୍ଗୀର ଉଠାଜଳସେଚନ ବିଭାଗ ପକ୍ଷରୁ ଗଭୀର ନଳକୂପ ଖନନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରୋତ ପଞ୍ଚାୟତ ରୋତ ସଦର ଗ୍ରାମର ହିମାଂଶୁ ପଟେଲ, ସୁରେଶ ବରିହା, ବିକ୍ରମ ସାହୁ, ଉମାକାନ୍ତ ପଟେଲ,ବିଜୟ ପଟେଲ ପ୍ରମୁଖ ୧୨ ଜଣ ଚାଷୀ ଆବେଦନ କରିଥିଲେ । ବିଭାଗର ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଚାଷୀ ୨୦ ହଜାର ଟଙ୍କା ଲେଖାଏ ପଇଠ କରିଥିଲେ। ଏହାପରେ ୨୦୨୩ ମସିହାରେ ବିଭାଗ ପକ୍ଷରୁ ୪ଟି ଗଭୀର ନଳକୂପ ଖନନ କରାଯାଇଛି। ୪ଟି ଗଭୀର ନଳକୂପ ପ୍ରକଳ୍ପ ମଧ୍ୟରୁ ୩ଟିରେ ବିଦ୍ୟୁତ ଖୁଣ୍ଟ ପୋତାଯାଇ ବିଦ୍ୟୁତ ତାର ଟଣାଯାଇ ଟ୍ରାନ୍ସଫର୍ମର ବସାଯାଇଛି । ଆଉ ଗୋଟିଏ ପ୍ରକଳ୍ପରେ ଅଦ୍ୟାବଧି ଟ୍ରାନ୍ସଫର୍ମର ବସାଯାଇନାହିଁ। ସମ୍ପୃକ୍ତ ଚାଷୀମାନେ ଚଳିତ ଖରିଫ ଚାଷ ପୂର୍ବରୁ ପ୍ରକଳ୍ପ କାମ ସାରିବାକୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ । ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ ବୋଲି ଚାଷୀଙ୍କୁ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ପ୍ରକଳ୍ପ କାର୍ଯ୍ୟକ୍ଷମ ଆଶା ନେଇ ଚାଷୀମାନେ ଖରିଫ ଚାଷ ପାଇଁ ସେହି ଜମିରେ ପୂର୍ବରୁ କରି ଆସୁଥିବା ଛୋଟ ଧାନ ବଦଳରେ ବଡ ଧାନ ଚାଷ କରିଥିବା କହିଛନ୍ତି। ଏପଟେ ବର୍ଷା ଦାଉ ସାଧୁଛି। ବର୍ଷାଭାବ ଯୋଗୁ ଚାଷ ଜମି ଫାଟି ଆଁ କଲାଣି। ଅନ୍ୟପକ୍ଷରେ ଉଠା ଜଳସେଚନ ବିଭାଗର ପ୍ରତାରଣା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରଛି। ଚାଷୀଙ୍କ ଅଭିଯୋଗ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ଭାବଗ୍ରାହୀ ନାଏକଙ୍କୁ ପଚାରିବାରେ ୩ଟି ପ୍ରକଳ୍ପରେ ଟ୍ରାନ୍ସଫର୍ମର ବସିଥିବା ବେଳେ ଆଉ ଗୋଟିଏ ପ୍ରକଳ୍ପରେ ବସିନାହିଁ। ଖୁବଶୀଘ୍ର ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ସେ କହିଛନ୍ତି। ଏଥିପ୍ରତି ସ୍ଥାନୀୟ ବିଧାୟକ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ ,ଜିଲାପାଳ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଅସନ୍ତୋଷ ଝାଡ଼ିଲା କୃଷକ ସଙ୍ଗଠନ

**ସମ୍ବଲପୁର,୧୯।୮(ପ୍ରମୋଦ ବହିଦାର)**



କୃଷକ ସୁରକ୍ଷା ସଙ୍ଗଠନ କର୍ମକର୍ତ୍ତା କୃଷି ଅଧିକାରୀଙ୍କ ନିକଟରେ ଫେରାଦ ହେଉଛନ୍ତି।

**ସାର କଳାବଜାର**

- ଉପଜିଲାପାଳ, କୃଷି ଅଧିକାରୀଙ୍କୁ ଫେରାଦ
